ପୃଷ୍ଠା–୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୦/୨୦୨୩ (୧୨+୮=୨୦ ପୃଷ୍ଠା) Bhubaneswar, Wednesday, September 20/2023 Page 20 ₹ 7.00 | SAMBALPUR

୪୯ଶ ଭାଗ ୨୯୬ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 296 ମୂଲ୍ୟ₹୭/-




KP
GROUP
Quality Since 1965
KAMLA PASAND
SILVER COATED ELAICHI
KAMLA PASAND
Anokha Swad
KP
GROUP
Quality Since 1965
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT.
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at:
You Tube

# ଧରିତ୍ରୀ DHARITRI

ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୦/୨୦୨୩ | Bhubaneswar, Wednesday, September 20/2023 | ପୃଷ୍ଠା-୧


**ନୂଆଁଖାଇ ଜୁହାର**

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଉପଲକ୍ଷେ ଆମର ସମସ୍ତ ପାଠିକାପାଠକ, ଖବରଦାତା, ଏଜେଣ୍ଟ, ବିତରକ, ବିଜ୍ଞାପନଦାତା ଏବଂ ଶୁଭେଚ୍ଛୁମାନଙ୍କୁ ଧରିତ୍ରୀ ପରିବାର ପକ୍ଷରୁ ହାର୍ଦ୍ଦିକ ଅଭିନନ୍ଦନ।

**ଆଜିର ସମ୍ପାଦକୀୟ**

**ପାର୍ଲାମେଣ୍ଟ ଧାମ**

> ସୂଚନା: ଅନିବାର୍ଯ୍ୟ କାରଣବଶତଃ 'କୃଷି ଜୀବନ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

# ଅଟୋ-ଟ୍ରକ୍ ଧକ୍କା: ପରିବାରର ୩ ମୃତ

**ଭବାନୀପାଟଣା/ଜୁନାଗଡ଼,୧୯।୯ (ଉତ୍ତମ କୁମାର ଦାଶ/ଅଂଶୁମାନ ଯୋଶୀ)**

କଳାହାଣ୍ଡି ଜିଲାରେ ବୁଧବାର ଗଣପର୍ବ ନୂଆଁଖାଇ ପାଳନ ହେବ। ଏହାପୂର୍ବରୁ ମଙ୍ଗଳବାର ଜିଲାରେ ଏକ ଦୁଃଖଦ ଘଟଣା ଘଟିଛି। ଜିଲାର ଜୁନାଗଡ ଥାନା ଅଧୀନ ଟିକିଲି ଛକ ବୁଲାଣି ନିକଟରେ ଅଟୋ ଓ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଅଟୋରେ ବସିଥିବା ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଥୁଆମୂଳ ରାମପୁର ଥାନା କାଠକୁରା ଗ୍ରାମର କୃଷ୍ଣଚନ୍ଦ୍ର ନାଏକ (୨୫), ପଦ୍ମଶର ନାଏକ (୫୦) ଓ ଅମୃତସର ନାଏକ (୪୫)। ଦୁର୍ଘଟଣାରେ ଗୁରୁତର ୬ଜଣ ଆହତଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, କାଠକୁରା ଗ୍ରାମର ଗୋଟିଏ ପରିବାରର ୯ଜଣ ପୂର୍ବାହ୍ନରେ ଏକ ଅଟୋ (ନଂ.ଓଡି୦୮- ଏସ୍୯୩୬୯) ଯୋଗେ ଧର୍ମଗଡ ବ୍ଲକ ଛିଲିପା ଗ୍ରାମର ସମ୍ପର୍କୀୟ ଘରକୁ ଯାଉଥିଲେ। ଏହି ସମୟରେ ବାଟରେ ଜୁନାଗଡ ଥାନା ଟିକିଲି ଛକ ବୁଲାଣି ନିକଟରେ ଜୁନାଗଡ ପଟୁ ☞ପୃଷ୍ଠା-୨

# ୨୦୨୯ ସୁଦ୍ଧା ମହିଳାଙ୍କୁ ସଂରକ୍ଷଣ

**ସଂସଦ ସ୍ୱତନ୍ତ୍ର ଅଧିବେଶନର ଦ୍ୱିତୀୟ ଦିନ ମଙ୍ଗଳବାର କେନ୍ଦ୍ର ସରକାର ଲୋକ ସଭାରେ ନୂଆ ମହିଳା ସଂରକ୍ଷଣ ବିଲ୍ ଆଣିଛନ୍ତି। ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କୁ ୩୩% ସଂରକ୍ଷଣ ଦେବା ପାଇଁ ଉଦ୍ଦିଷ୍ଟ ସମ୍ବିଧାନର ୧୨୮ତମ ସଂଶୋଧନ ବିଲ୍‌କୁ ଆଇନମନ୍ତ୍ରୀ ଅର୍ଜୁନରାମ ମେଘୱାଲ ଆଗତ କରିଛନ୍ତି। ବିଲ୍ ଆଇନରେ ପରିଣତ ହୋଇ ପ୍ରଥମ ଜନଗଣନା ଏବଂ ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ଶେଷ ହେବା ପରେ ୨୦୨୯ ସୁଦ୍ଧା ଏହା କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଉଛି।**



ମହିଳା ଏମ୍‌ପିମାନେ ପୁରୁଣା ପାର୍ଲାମେଣ୍ଟରୁ ନୂଆ ସଂସଦ ଭବନକୁ ଯାଉଛନ୍ତି।

**ନୂଆଦିଲ୍ଲୀ,୧୯।୯**

ନୂଆ ପାର୍ଲାମେଣ୍ଟ ହାଉସ୍‌ର ପ୍ରଥମ ଲୋକ ସଭାରେ ଆଗତ ହୋଇଥିବା ଏହି ବିଲ୍‌କୁ ପ୍ରଧାନମନ୍ତ୍ରୀ ଏକ 'ଐତିହାସିକ ପଦକ୍ଷେପ' ଭାବେ ଅଭିହିତ କରିଛନ୍ତି। ୧ ଦଶନ୍ଧି ପୂର୍ବରୁ ପାର୍ଲାମେଣ୍ଟର ନିମ୍ନ ସଦନରେ ମହିଳା ସଂରକ୍ଷଣ ବିଲ୍ ଆଗତ ହୋଇଥିଲା। ସେହି ୧୦୮ତମ ସମ୍ବିଧାନ ସଂଶୋଧନ ବିଲ୍ ୨୦୧୦ରେ ରାଜ୍ୟ ସଭାରେ ଗୃହୀତ ହୋଇଥିଲା। ତେବେ ପଞ୍ଚଦଶ ଲୋକ ସଭା (୨୦୦୯-୨୦୧୪) ଭଙ୍ଗ ହେବା ସହ ଉକ୍ତ ବିଲ୍ ରଦ୍ଦ ହୋଇଯାଇଥିଲା। ସୂତ୍ରରୁ ଜଣାପଡ଼ିଛି ଯେ, ନୂଆ ବିଲ୍ ୨୦୧୦ରେ ଉପା ଅମଳରେ ଆଗତ ବିଧେୟକ ସଦୃଶ। କିନ୍ତୁ ୨୦୨୬ରେ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଶେଷ ହେବା ପରେ ଏହା କାର୍ଯ୍ୟକାରୀ ହେବ। ଅର୍ଥାତ୍ ୨୦୨୯ ସୁଦ୍ଧା ଆଇନ ଲାଗୁ ହେବ। ମହିଳାଙ୍କୁ କେବଳ ଲୋକ ସଭା ଓ ବିଧାନସଭାଗୁଡ଼ିକରେ ୩୩% ସଂରକ୍ଷଣ ମିଳିବ। ଅନ୍ୟ ଅର୍ଥରେ ବୁଝିବାକୁ ଗଲେ, ଉକ୍ତ ବିଲ୍ ଗୃହୀତ ହୋଇ ଆଇନରେ ପରିଣତ ହେଲେ ଲୋକ ସଭାର ୫୪୩ ଆସନ ମଧ୍ୟରୁ ୧୮୧ ଏବଂ ସାରା ଦେଶର ବିଧାନସଭାଗୁଡ଼ିକରେ ଥିବା ୪,୧୨୯ ଆସନରୁ ୧,୩୭୦ କେବଳ ମହିଳାଙ୍କ ପାଇଁ ସଂରକ୍ଷିତ ରହିବ। ରାଜ୍ୟ ସଭା କିମ୍ବା ବିଧାନ ପରିଷଦଗୁଡ଼ିକରେ ସେମାନେ ସଂରକ୍ଷଣ ସୁବିଧା ପାଇବେ ନାହିଁ। ☞ପୃଷ୍ଠା-୨

## ■ ଲୋକ ସଭାରେ ଆଗତ ହେଲା ନୂଆ ବିଲ୍
## ■ ଲୋକ ସଭା, ବିଧାନସଭାଗୁଡ଼ିକରେ ମିଳିବ ୩୩% ସଂରକ୍ଷଣ

# ଗଣେଶ ପୂଜାରେ ବିଦ୍ୟୁତ୍ ଦୁର୍ଘଟଣା, ୨ ମୃତ

**ବାରଙ୍ଗ/ ପାରଳାଖେମୁଣ୍ଡି,୧୯।୯ (ଲିଙ୍ଗରାଜ ରାଉତ/ଗିରିଧାରୀ ପରିଚ୍ଛା)**

ଗଣେଶ ପୂଜା ଖୁସି ମନାଇବାର ପ୍ରସ୍ତୁତି ସମୟରେ ଘଟିଯାଇଛି ଅଘଟଣ। କଟକ ବାରଙ୍ଗ ଥାନା ଅଞ୍ଚଳରେ ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟର କେତେଜଣ ଛାତ୍ର ଏକ ଟ୍ରାକ୍ଟରରେ ଗଣେଶ ମୂର୍ତ୍ତି ନେଇ ଯାଉଥିବାବେଳେ ଜଣେ ଛାତ୍ର ଧରିଥିବା ପତାକା ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ସମ୍ପୃକ୍ତ ଛାତ୍ରଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୪ଜଣ ଆହତ ହୋଇଛନ୍ତି। ସେହିପରି ସୋମବାର ରାତିରେ ଗଜପତି ଜିଲା ଗୁରାଣ୍ଡି ଥାନା ଅଞ୍ଚଳରେ ଗଣେଶ ପୂଜା ପାଇଁ ପ୍ରସ୍ତୁତ ପେଣ୍ଡାଲରେ ମାଇକ୍ ସଜାଉଥିବା ଜଣେ ଯୁବକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି।

ମିଳିଥିବା ସୂଚନା ଅନୁସାରେ, ବାରଙ୍ଗ ଥାନା ଅଧୀନ ନରାଜ ପାଖରେ ଥିବା ଏକ ଘରୋଇ ବିଶ୍ୱବିଦ୍ୟାଳୟ ପରିସରରେ ଗଣେଶ ପୂଜା ପାଇଁ ମଙ୍ଗଳବାର ସକାଳ ସମୟରେ ଶିକ୍ଷାନୁଷ୍ଠାନର କେତେଜଣ ଛାତ୍ରୀଛାତ୍ର ଗୋଡ଼ିସାହି ବଜାରରୁ ବଡ଼ ଗଣେଶ ମୂର୍ତ୍ତିକୁ ଆଣିବାକୁ ଯାଇଥିଲେ। ଟ୍ରାକ୍ଟରଟି ଶିକ୍ଷାନୁଷ୍ଠାନରେ ପ୍ରବେଶ କରିବା ପୂର୍ବରୁ କ୍ୟାମ୍ପସରେ ଥିବା ଅନ୍ୟ ପିଲାମାନେ ଆସି ପହଞ୍ଚିଥିଲେ। ସେମାନେ ଗୀତ ବଜାଇ, ହରିବୋଲ ପକାଇ, ଅଭିର ଖେଳି ବିଘ୍ନବିନାଶନ ଗଜାନନଙ୍କୁ ଶୋଭାଯାତ୍ରାରେ କ୍ୟାମ୍ପସକୁ ନେଉଥିଲେ। ହେଲେ ଟ୍ରାକ୍ଟରଟି ଶିକ୍ଷାନୁଷ୍ଠାନ ପରିସରକୁ ପ୍ରବେଶ କରୁଥିବାବେଳେ ଟ୍ରାକ୍ଟର ଉପରେ ଠିଆ ହୋଇଥିବା ମହାରାଷ୍ଟ୍ରର ଆୟୁଷ କାପୁର ଏକ ଷ୍ଟିଲ ଲମ୍ବା ପାଇପରେ ଲାଗିଥିବା ପତାକାକୁ ହଲାଉଥିବା ବେଳେ ଏହା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ବିଦ୍ୟୁତ୍ ଆଘାତରେ ଆୟୁଷଙ୍କ ସମେତ ଟ୍ରାକ୍ଟରରେ ତାଙ୍କ ନିକଟରେ ଥିବା କିଛି ଛାତ୍ର ତଳକୁ ପଡ଼ିଯାଇଥିଲେ। ବିଦ୍ୟାଳୟର କର୍ତ୍ତୃପକ୍ଷ ସଙ୍ଗେସଙ୍ଗେ ଆହତ ୫ ଜଣଙ୍କୁ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଡାକ୍ତରଖାନାରେ ମହାରାଷ୍ଟ୍ର ଔରଙ୍ଗାବାଦ ଜିଲାର ସୋହମ ଭଗବାନ ସାୱଲେ ନାମକ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଶୋଭାଯାତ୍ରାର ଭିଡିଓ ପିଲାମାନେ ସୋସିଆଲ ମିଡିଆରେ ଶେୟାର କରୁଥିଲେ। ତେଣୁ ଘଟଣା ସମୟର ଦୃଶ୍ୟ ମଧ୍ୟ ଏବେ ଭାଇରାଲ ହେଉଛି। ଖବରପାଇ ବାରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକଙ୍କ ପରିବାରକୁ ଏ ବାବଦରେ ଖବର ଦିଆଯାଇଛି। ସେମାନେ ଆସିଲେ ମୃତ ଛାତ୍ରଙ୍କ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପଟେ ଶିକ୍ଷାନୁଷ୍ଠାନ ପକ୍ଷରୁ ଏହା ଏକ ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି କୁହାଯିବା ସହ ମୃତ ଛାତ୍ରଙ୍କ ପରିବାରକୁ ଖବର ଦିଆଯାଇଛି। ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ସେହିପରି ଗଜପତି ଜିଲା ଗୋଷାଣି ବ୍ଲକ ଗୁରାଣ୍ଡି ☞ପୃଷ୍ଠା-୨

# ସମସ୍ତ ଶ୍ରେୟ ନବୀନଙ୍କର: ବିଜେଡି

**ଭୁବନେଶ୍ୱର,୧୯।୯(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମ ଯୋଗୁ ଲୋକ ସଭାରେ ମହିଳା ସଂରକ୍ଷଣ ବିଲ୍ ଆଗତ ହୋଇଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ, ୨୦୧୯ ନିର୍ବାଚନରେ ବିଜେଡି ଲୋକ ସଭା ନିର୍ବାଚନରେ ୩୩ ପ୍ରତିଶତ ମହିଳାଙ୍କୁ ପ୍ରାର୍ଥୀ କରିଛି। ୭ ଜଣ ମହିଳା ପ୍ରାର୍ଥୀଙ୍କ ମଧ୍ୟରୁ ୫ ଜଣ ବିଜୟୀ ହୋଇଛନ୍ତି। ବିଜେଡି ସରକାର ବିଭିନ୍ନ ପୌର ନିର୍ବାଚନରେ ମହିଳା ମାନଙ୍କ ପାଇଁ ୫୦ ପ୍ରତିଶତ ଆସନ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ବିଜେଡିର ବରିଷ୍ଠ ନେତ୍ରୀ ତଥା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି ଯେ, ପାର୍ଲମେଣ୍ଟରେ ମହିଳା ସଂରକ୍ଷଣ ବିଲ ଆଗତ ହେବାର ସମସ୍ତ ଶ୍ରେୟ ମୁଖ୍ୟମନ୍ତ୍ରୀଙ୍କୁ ନିଶ୍ଚିତ ଯିବ। ମହିଳାମାନଙ୍କୁ ସେମାନଙ୍କର ଅଧିକାର ଦେବା ପାଇଁ ସେ ନିରନ୍ତର ଉଦ୍ୟମ ଜାରି ରଖିଥିଲେ। ଏବେ ତାହା ଫଳପ୍ରଦ ହେବାକୁ ଯାଉଛି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ☞ପୃଷ୍ଠା-୨







## ମୁଖ୍ୟମନ୍ତ୍ରୀ, ବାଚସ୍ପତି, ମନ୍ତ୍ରୀଙ୍କ ସୁରକ୍ଷା ବଢ଼ିବ

ଭୁବନେଶ୍ୱର,୧୯।୯(ଅନିଲ ଦାସ): ମୁଖ୍ୟମନ୍ତ୍ରୀ, ବାଚସ୍ପତି, ଉପବାଚସ୍ପତି ଏବଂ ମନ୍ତ୍ରୀମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାଲ୍ୟାର୍ପଣ ଆଦି କାର୍ଯ୍ୟକ୍ରମରେ ସୁରକ୍ଷା ଦେବା ପାଇଁ ଏକ ଉତ୍ସର୍ଗୀକୃତ(ଡେଡିକେଟେଡ୍) ଟିମ୍ ରହିବ। ଏହି ଟିମ୍‌ରେ ଦୁଇଜଣ ଡେପୁଟି କମାଣ୍ଡାଣ୍ଟ ର୍‍ୟାଙ୍କ୍‌ର ଅଫିସର ରହିବେ। ଏଥିସହିତ ୪ଜଣ ସଶସ୍ତ୍ର ପୋଲିସ ସବ୍‌ଇନ୍ସପେକ୍ଟର, ହାବିଲଦାର ଓ କନ୍‌ଷ୍ଟେବଲଙ୍କୁ ନିଯୁକ୍ତି କରାଯିବ। ସେହିପରି ନବୀନ ନିବାସର ସୁରକ୍ଷା ପାଇଁ ସଶସ୍ତ୍ର ସବ୍‌ଇନ୍ସପେକ୍ଟରଙ୍କ ସମେତ ୯୧ ଜଣ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯିବ। ସୁରକ୍ଷା କର୍ମୀଙ୍କୁ ତାଲିମ ଦେବା ପାଇଁ ତାଲିମ କେନ୍ଦ୍ର ମଧ୍ୟ ସ୍ଥାପନ କରାଯିବ। ଏଥିପାଇଁ ନୂତନ ପଦବୀ ମଧ୍ୟ ସୃଷ୍ଟି କରାଯାଇଛି। ସେହିପରି ଓଡ଼ିଶା ବିଧାନସଭା ବାଚସ୍ପତି, ଉପବାଚସ୍ପତି ଏବଂ ମନ୍ତ୍ରୀମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ ବୃଦ୍ଧି କରାଯାଇଛି। ସେମାନଙ୍କ ସୁରକ୍ଷା ପାଇଁ ୭୨ ଜଣ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯିବ।

## ଆଜି ଚାଷୀଙ୍କ ଆକାଉଣ୍ଟକୁ ଯିବ କାଳିଆ ସହାୟତା

ଭୁବନେଶ୍ୱର, ୧୯।୯(ସୁନିତ୍ ମିଶ୍ର): ରାଜ୍ୟ ସରକାର ୪୪ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକ ପରିବାରକୁ ବୁଧବାର କାଳିଆ ସହାୟତା ପ୍ରଦାନ କରିବେ। ଏହି ଚାଷୀମାନଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ୯୦୦ କୋଟି ଟଙ୍କାର ସହାୟତା ରାଶି ହସ୍ତାନ୍ତର କରାଯିବ। ନୂଆଖାଇ ଉପଲକ୍ଷେ ରାଜ୍ୟର ଚାଷୀମାନଙ୍କୁ ୨୦୨୩-୨୪ ଆର୍ଥିକ ବର୍ଷର ରବି ଫସଲ ସହାୟତା ବାବଦରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସହାୟତା ରାଶି ପ୍ରଦାନ କରିବେ।




## ଲଘୁଚାପ: ୩ ଦିନ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୯।୯(ଅନିଲ ଦାସ)

ଉତ୍ତର-ପଶ୍ଚିମ ଓ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଘନୀଭୂତ ହେବାରୁ ଏହାର ପ୍ରଭାବରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ-ଓଡ଼ିଶା ଉପକୂଳରେ ମଙ୍ଗଳବାର ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏଥିଯୋଗୁ ଆସନ୍ତା ୩ ଦିନ ଯାଏ ରାଜ୍ୟର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ପକ୍ଷରୁ ଏ ନେଇ ସତର୍କ ସୂଚନା ଜାରି କରାଯାଇଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁସାରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର ଓ ପୁରୀ ଜିଲାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଯାଜପୁର, କଟକ, ଖୋର୍ଦ୍ଧା, ଗଞ୍ଜାମ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, କନ୍ଧମାଳ ଓ କଳାହାଣ୍ଡି ଜିଲାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାରେ ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେହିସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ସେହିପରି ୨୧ ତାରିଖରେ କଳାହାଣ୍ଡି, କନ୍ଧମାଳ, ସୋନପୁର, ବଲାଙ୍ଗୀର, ବୌଦ୍ଧ, ସମ୍ବଲପୁର, ଅନୁଗୋଳ, ବରଗଡ଼ ଏବଂ ଝାରସୁଗୁଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, କଟକ, ସୁନ୍ଦରଗଡ଼, ଦେବଗଡ଼, ନୂଆପଡ଼ା, ନବରଙ୍ଗପୁର, ରାୟଗଡ଼ା ଏବଂ ଗଞ୍ଜାମ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହିସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୩ ତାରିଖରେ ମଧ୍ୟ କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି।

ଲଘୁଚାପ ଯୋଗୁ ରାଜ୍ୟରେ ମେଘୁଆ ପାଗ ସହ ବର୍ଷା ଲାଗି ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, କେନ୍ଦୁଝରରେ ୭ ସେଣ୍ଟିମିଟର ବର୍ଷା ହୋଇଥିବା ବେଳେ ଖରିଆରରେ ୬, କୋରାପୁଟ ୬, ଗଞ୍ଜାମ ୫, ଗଜପତି ୫, ଅନୁଗୋଳ ୫, ରାୟଗଡ଼ା ୫, ମୟୂରଭଞ୍ଜ ୪ ଏବଂ ବାଲେଶ୍ୱରରେ ୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

ଭାରତୀୟ ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ରାଜ୍ୟରେ ଜୁନ୍ ପହିଲାରୁ ସେପ୍ଟେମ୍ବର ୧୯ ମଧ୍ୟରେ ସ୍ୱାଭାବିକ ଭାବେ ୧୦୮୪.୨ ମିଲିମିଟର ବର୍ଷା ହେବାକୁ ଥିବାବେଳେ ହୋଇଛି ୧୦୧୭.୬ ମିଲିମିଟର। ରାଜ୍ୟର ୩୦ ଜିଲାରୁ ୨୪ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୨ ଜିଲାରେ ୨୦ ପ୍ରତିଶତ ଅଧିକ ବର୍ଷା ହୋଇଛି। ତେବେ ୪ ଜିଲାରେ ଏବେ ମଧ୍ୟ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଛି। କଳାହାଣ୍ଡିରେ ୨୭, କେନ୍ଦ୍ରାପଡ଼ା ୨୫, ନୂଆପଡ଼ା ୨୯ ଏବଂ ପୁରୀ ଜିଲାରେ ୨୧ ପ୍ରତିଶତ କମ୍ ବର୍ଷା ହୋଇଛି। ଲଘୁଚାପ ସୃଷ୍ଟି ହୋଇଥିବାରୁ ଆସନ୍ତା ଦୁଇ ତିନି ଦିନ ମଧ୍ୟରେ କିଛି ପରିମାଣରେ ନିଅଣ୍ଟିଆ ବର୍ଷା ଭରଣା ହୋଇପାରିବ।






ନାରୀ ଯଦି ତୁମକୁ ପ୍ରଲୁବ୍ଧ କରେ– ତେବେ ଦୋଷ ତୁମର ନା ତା'ର। ଏତେ ନିର୍ବୋଧ ଓ ଆତ୍ମ–ପ୍ରତାରକ ହୋଇ ଉଠନା। ଦୁଇଟି ବାଟରେ ନାରୀର ପାଶ–ବନ୍ଧନରୁ ନିଜକୁ ମୁକ୍ତ କରାଯାଇପାରେ। ନାରୀ ମାତ୍ରକେ ଇ ପରିହାର କର। ନତୁବା ସକଳ ଜୀବକୁ ଭଲ ପାଅ। **–ଶ୍ରୀଅରବିନ୍ଦ**

# ପାର୍ଲାମେଣ୍ଟ ଧାମ

ବହୁ ପ୍ରତୀକ୍ଷିତ ସଂସଦର ସ୍ୱତନ୍ତ୍ର ଅଧିବେଶନ ସେପ୍ଟେମ୍ବର ୧୮ରୁ ଆରମ୍ଭ ହୋଇଛି। ପୁରୁଣା ସଂସଦ ଭବନରେ ଅଧିବେଶନର ପ୍ରଥମ ଦିନ ଶେଷ ହେବା ପରେ ସେପ୍ଟେମ୍ବର ୧୯ରେ ନୂଆ ବିଲ୍ଡିଂରେ ଏହା ଜାରି ରହିଛି। ସ୍ୱତନ୍ତ୍ର ଅଧିବେଶନର ପ୍ରଥମ ଦିନରେ ପୁରୁଣା ଭବନକୁ ବିଦାୟ ଦିଆଯିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅତୀତର ସ୍ମୃତି ବଖାଣିଥିଲେ। ସେ କହିଥିଲେ ଯେ, ପୁରୁଣା ସଂସଦ ଭବନ ଭବିଷ୍ୟତରେ ଏକ ପ୍ରେରଣାର ଉତ୍ସ ଓ ତୀର୍ଥସ୍ଥଳୀ ହୋଇ ରହିବ। ଏଭଳି କହିବା ସ୍ୱାଭାବିକ, କିନ୍ତୁ ନୂଆ ସଂସଦ ଭବନରେ ପୁରୁଣା ଅଭ୍ୟାସ ଛାଡ଼ିବାରେ ରାଜନୈତିକ ଦଳଗୁଡ଼ିକ କେତେ ସକ୍ଷମ ତାହା ହିଁ ଏକ ମୁଖ୍ୟ ପ୍ରଶ୍ନ। ଗଣେଶ ପୂଜାଦିନ ନୂଆ ସଂସଦ ଭବନରେ ପ୍ରବେଶ କରିବା ପରେ ପ୍ରଥମ ଦିନରେ ମହିଳା ସଂରକ୍ଷଣ ବିଲ୍ ଆଗତ ହୋଇଛି। ଅଧିବେଶନ କେବଳ ଆଇନ ଗଢ଼ିବାରେ ଶେଷ ହେବ ବୋଲି ଆରମ୍ଭରୁ ଯାହା ଅନୁମାନ କରାଯାଉଥିଲା ତାହାର ସୂଚନା ଏହି ବିଲ୍‌ରୁ ମିଳିଛି। ଏହା ଏକ ଫମ୍ପା ରାଜନୈତିକ ଉଦ୍ଦେଶ୍ୟରେ ସୃଷ୍ଟି ହୋଇଥିବା ବିଲ୍ ବୋଲି ସ୍ପଷ୍ଟ ବୁଝାପଡୁଛି। ୨୦୧୧ ମସିହାର ଜନଗଣନାକୁ ନେଇ ଆଜି ୨୦୨୩ରେ କୌଣସି ସରକାରୀ ବିକାଶ କାର୍ଯ୍ୟ କିମ୍ବା ବିଧାନସଭା ଏବଂ ସଂସଦର ଆସନ ପୁନର୍ଗଠନ ବା ସୀମା ନିର୍ଦ୍ଧାରଣ ମଧ୍ୟ ସମ୍ଭବପର ହେବ ନାହିଁ। ଅର୍ଥାତ୍ ଏହି ମହିଳା ସଂରକ୍ଷଣ ଆଇନ ଗୃହୀତ ହେଲେ ଯାହା ନ ହେଲେ ତାହା।

ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ସ୍ୱତନ୍ତ୍ର ଅଧିବେଶନରେ କୌଣସି ପ୍ରଶ୍ନକାଳ ନାହିଁ। ଅତୀତକୁ ଦେଖିଲେ ପୁରୁଣା ସଂସଦ ଭବନରେ ସରକାରଙ୍କ ଏକଚାଟିଆ ମନୋଭାବ ଯୋଗୁ ସେଠାରେ ସାଂସଦମାନଙ୍କ କୌଣସି ପ୍ରଶ୍ନର ଉତ୍ତର ଦିଆଯିବା ଦେଖାଯାଇନାହିଁ। ସେଥିପାଇଁ ହୁଏତ ନିଜର ପରିସ୍ଥିତିକୁ ବୁଝି ସରକାର ଏହି ପ୍ରଶ୍ନକାଳକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦେଇଛନ୍ତି। ଯଦି ଜଣେ ସାଂସଦ କୌଣସି ପ୍ରଶ୍ନ ପଚାରିପାରିବେ ନାହିଁ, ତେବେ ସଂସଦ କିମ୍ବା ଗଣତନ୍ତ୍ର ସମ୍ପୂର୍ଣ୍ଣ ମୂଲ୍ୟହୀନ ହୋଇଗଲାଣି ବୁଝିବାକୁ ହେବ। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ତାଙ୍କ ପୂର୍ବ ଏକଚାଟିଆ ମନୋଭାବର ପୁନରାବୃତ୍ତି ବୋଲି କୁହାଯାଇପାରେ। ମହିଳା ସଂରକ୍ଷଣ ବିଲ୍ ପରେ ଅନ୍ୟସବୁ କ'ଣ ଆସିବ ଏବେ କାହାରିକୁ ଜଣା ନାହିଁ। ସବୁକିଛି ଗୋପନୀୟ ଭାବେ ହଠାତ୍ କରାଯାଇଥିବାରୁ ସଂସଦର ମୂଲ୍ୟହୀନତା ସ୍ପଷ୍ଟ ବୁଝାପଡୁଛି। ଏହା ସହ ଜମ୍ମୁ–କଶ୍ମୀର କିମ୍ବା ମଣିପୁର ଘଟଣା ବହୁ ଦୂରରେ ରହବା ଭଳି ମନେହେଉଛି। ମହିଳା ସଂରକ୍ଷଣ ବିଲ୍‌ରୁ ଖିଅ ଟାଣିଲେ ବୁଝାପଡୁଛି ଯେ, ନୂଆ ସଂସଦ ଭବନ ତିଆରି ହୋଇଥିବା ସତ୍ତ୍ୱେ କାହାରି ମାନସିକତାରେ କୌଣସି ପରିବର୍ତ୍ତନ ଦେଖାଯାଉନାହିଁ। ଇତିହାସକୁ ମିଥ୍ୟା ବୋଲି କହି ଭାଙ୍ଗିବାର ପ୍ରୟୋଜନ ନାହିଁ। ଯେମିତି ଇଣ୍ଡିଆ ଏବଂ ଭାରତବର୍ଷ ଉଭୟେ ଏହି ଦେଶର ନାମ ରହିଆସୁଥିବା ସତ୍ତ୍ୱେ ଏବେ ଏକ ବିକୃତ ପରିବର୍ତ୍ତନ କରିବାର ଚେଷ୍ଟା ହେଉଛି। ଇତିହାସରୁ ସକାରାତ୍ମକ ଶିକ୍ଷା ନିଆଯିବା ଉଚିତ। ମୁହଁରେ ଗଣତନ୍ତ୍ର ଉଚ୍ଚାରଣ କରି କାର୍ଯ୍ୟରେ ଅଗଣତାନ୍ତ୍ରିକ ହେବାର ପ୍ରୟୋଜନ ନାହିଁ। ସେଥିପାଇଁ ପୁରୁଣା ପାର୍ଲାମେଣ୍ଟ କୋଠରିକୁ ଅକାମୀ କରି ତୀର୍ଥସ୍ଥାନ ବୋଲି ଆଖ୍ୟାଦେଲେ ତାହା ଜଗନ୍ନାଥ ପୁରୀ କିମ୍ବା ଦ୍ୱାରିକା ଧାମ ହୋଇଯିବ ନାହିଁ। ଭାରତୀୟ ପାର୍ଲାମେଣ୍ଟ କୋଠରିର ଇତିହାସ ଏହି ଦେଶର ୧୫୦ କୋଟି ଲୋକଙ୍କ ଜୀବନକୁ ପ୍ରଭାବିତ କରୁଛି। ରାଜନେତା ଏବଂ ରାଜନୈତିକ ଦଳ ଓ ଚିନ୍ତାଧାରା ଆସିବେ ଯିବେ। ସମସ୍ତେ ଗୋଟିଏ ଦିନ ଇତିହାସ ହୋଇଯିବେ। ଏହି ଚିରନ୍ତନ ସତ୍ୟକୁ ସ୍ୱୀକାର କରି ନମ୍ର ହେଲେ ଇତିହାସରେ ସୁନାମ ରହିବ।

> **ଇତିହାସରୁ ସକାରାତ୍ମକ ଶିକ୍ଷା ନିଆଯିବା ଉଚିତ। ମୁହଁରେ ଗଣତନ୍ତ୍ର ଉଚ୍ଚାରଣ କରି କାର୍ଯ୍ୟରେ ଅଗଣତାନ୍ତ୍ରିକ ହେବାର ପ୍ରୟୋଜନ ନାହିଁ। ସେଥିପାଇଁ ପୁରୁଣା ପାର୍ଲାମେଣ୍ଟ କୋଠରିକୁ ଅକାମୀ କରି ତୀର୍ଥସ୍ଥାନ ବୋଲି ଆଖ୍ୟାଦେଲେ ତାହା ଜଗନ୍ନାଥ ପୁରୀ କିମ୍ବା ଦ୍ୱାରିକା ଧାମ ହୋଇଯିବ ନାହିଁ।**

## ଚିରନ୍ତନୀ

ଯଉବନ! ଯଉବନ! କଣ୍ଠ ତଟେ
ଢାଳି ଦିଅ ଗୀତ
ଜୀବନ ମନ୍ଦିର ଚୂଳେ ଜଳିଉଠୁ
ମୋର ମହାଦୀପ। –(ମହାଦୀପ)

**–କାଳିନ୍ଦୀ ଚରଣ ପାଣିଗ୍ରାହୀ**

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | | 4 | | |
| | | 7 | | | | 1 | 5 | |
| | 1 | | | | | 6 | | 8 |
| 3 | | | 9 | | | | | |
| | | 6 | 4 | | | 8 | 7 | |
| | | | | | 8 | | 3 | |
| | | | 8 | 2 | | | 1 | |
| | | 3 | | | 4 | | | 6 |
| | | | | 5 | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 7 | 6 | 3 | 4 | 9 | 5 | 2 |
| 9 | 6 | 2 | 8 | 5 | 1 | 4 | 3 | 7 |
| 4 | 3 | 5 | 7 | 2 | 9 | 6 | 1 | 8 |
| 7 | 4 | 1 | 5 | 6 | 2 | 3 | 8 | 9 |
| 6 | 5 | 9 | 1 | 8 | 3 | 2 | 7 | 4 |
| 2 | 8 | 3 | 9 | 4 | 7 | 5 | 6 | 1 |
| 3 | 7 | 6 | 2 | 9 | 8 | 1 | 4 | 5 |
| 1 | 9 | 4 | 3 | 7 | 5 | 8 | 2 | 6 |
| 5 | 2 | 8 | 4 | 1 | 6 | 7 | 9 | 3 |

ଗତକାଲିର ଉତ୍ତର

# ରାଷ୍ଟ୍ରୀୟ ସଂହତିର ଗୁରୁତ୍ୱ



**ହରେକୃଷ୍ଣ ପଣ୍ଡା**

ରାଷ୍ଟ୍ରୀୟ ସଂହତିକୁ ବାଦ୍‌ଦେଇ କୌଣସି ରାଜନୈତିକ ଦଳ କ୍ଷମତାସୀନ ହେଲେ, ସେହି ରାଷ୍ଟ୍ରର ଅଧୋଗତି ସୁନିଶ୍ଚିତ। ଦେଶ ଗଠନ, ଦେଶର ବିକାଶ, ପ୍ରଗତି ଦଳୀୟ ରାଜନୀତିର ଆଭିମୁଖ୍ୟ ହେବା ଉଚିତ। କିନ୍ତୁ ଆମ ଦେଶରେ ଦେଖାଯାଉଛି କ୍ଷମତାସୀନ ହେବା ଲାଗି ରାଜନେତାମାନେ ଦେଶର ସାର୍ବଭୌମତ୍ୱ, ସଂହତି, ସାମ୍ବିଧାନିକ ମର୍ଯ୍ୟାଦାକୁ ବଳି ଦେଉଛନ୍ତି। ଆଜିର ରାଜନୀତିରେ ଚେତନାର ଅଭାବ ପରିଲକ୍ଷିତ ହେଉଛି। ଆମର ବୈଜ୍ଞାନିକମାନେ ଚନ୍ଦ୍ରପୃଷ୍ଠରେ ପହଞ୍ଚି ସୌରଜଗତର ଶୀର୍ଷରେ ପହଞ୍ଚିବା ପାଇଁ ଅଭିଯାନ ଚଳାଇବାକୁ ସମର୍ଥ ହୋଇଥିବା ବେଳେ ଆଜିର ରାଜନୀତି ଊର୍ଦ୍ଧ୍ୱକୁ ନ ଯାଇ ନିମ୍ନଗାମୀ ହେବା ଦୁଃଖର ବିଷୟ। କ୍ଷମତାନ୍ଧ ରାଜନେତା ଦେଶକୁ ସାଂପ୍ରଦାୟିକ ସୂତ୍ରରେ ଭାଗ ଭାଗ କରି କ୍ଷମତାସୀନ ହେବାର ଲାଳସା ସମଗ୍ର ଦେଶବାସୀଙ୍କୁ ଚକିତ କରିଛି। ଦେଶର ବିଚାର ବିଭାଗ ମଧ୍ୟ ବିସ୍ମୟ ପ୍ରକାଶ କରିଛନ୍ତି। ସନାତନ ଧର୍ମକୁ ନେଇ ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ମଧ୍ୟରେ ବିବାଦ ଘନୀଭୂତ ହେବାରେ ଲାଗିଛି। ଇତିମଧ୍ୟରେ ଏକ ସରକାରୀ କଳା ମହାବିଦ୍ୟାଳୟ ତରଫରୁ ସନାତନ ଧର୍ମକୁ ବିରୋଧ କରାଯିବା ଘଟଣାକୁ ନେଇ ବକ୍ତବ୍ୟ ରଖିବାକୁ ଛାତ୍ରୀଛାତ୍ରଙ୍କୁ ନିର୍ଦ୍ଦେଶ ଦିଆଯିବା ବିରୋଧରେ ଜଣେ ବ୍ୟକ୍ତି ମାଡ୍ରାସ ଉଚ୍ଚ ନ୍ୟାୟାଳୟରେ ଏକ ମାମଲା ରୁଜୁ କରିଛନ୍ତି। ମାମଲାର ଶୁଣାଣି କରି ଉଚ୍ଚ ନ୍ୟାୟାଳୟର ବିଚାରପତି କହିଛନ୍ତି ଯେ, କୌଣସି ପ୍ରସଙ୍ଗରେ ସ୍ୱାଧୀନ ଅଭିବ୍ୟକ୍ତିର ଅଧିକାର ସମସ୍ତଙ୍କର ରହିଛି। ବିଚାରପତି ନିଜର ଅନୁଭୂତିରୁ ପ୍ରକାଶ କରିଛନ୍ତି ଯେ, ସନାତନ ଧର୍ମରେ କେତେକ ନିୟମାବଳୀ ରହିଛି; ଯାହା ଦେଶ ପ୍ରତି ନାଗରିକର କର୍ତ୍ତବ୍ୟ, ରାଜାଙ୍କ ପ୍ରତି କର୍ତ୍ତବ୍ୟ, ନିଜ ମାତାପିତା ଓ ଗୁରୁଙ୍କ ପ୍ରତି କର୍ତ୍ତବ୍ୟ, ଗରିବଙ୍କ ପ୍ରତି ଯତ୍ନଶୀଳ ହେବା ଆଦି ଏଥିରେ ଅନ୍ତର୍ଭୁକ୍ତ। ଅସ୍ପୃଶ୍ୟତାକୁ ବର୍ତ୍ତମାନ ମଧ୍ୟ କେତେକ ସ୍ଥାନରେ ପ୍ରଶ୍ରୟ ଦିଆଯାଉଥିବା ବେଳେ ଭାରତର ସମ୍ବିଧାନ ଏହାକୁ ଉଚ୍ଛେଦ କରିଛି। ଧର୍ମ ବ୍ୟାପାରରେ ମୁକ୍ତ ଅଭିବ୍ୟକ୍ତିରେ ଏହା ଯେପରି ଘୃଣା ମନ୍ତବ୍ୟରେ ପରିଣତ ନ ହୁଏ ସେଥିପ୍ରତି ସମସ୍ତେ ସତର୍କ ରହିବା ଆବଶ୍ୟକ ବୋଲି ବିଚାରପତି କହିଛନ୍ତି। ଜଣଙ୍କର ମନ୍ତବ୍ୟ ଯେପରି ଅନ୍ୟ କାହାର ମନୋଭାବକୁ ଆଘାତ ନ ଦିଏ ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାରପତି ସ୍ପଷ୍ଟ କରି ଦେଇଛନ୍ତି। ସନାତନ ହିନ୍ଦୁଧର୍ମକୁ ନେଇ ଡିଏମ୍‌କେ ଦଳର ନେତାମାନେ ନକାରାତ୍ମକ ମନ୍ତବ୍ୟ ଦେଇ ଆସୁଛନ୍ତି। ଆଉ କେତେକ ନେତାଙ୍କର ଅସହିଷ୍ଣୁତା ଦେଶ ଭିତରେ, ଦେଶ ବାହାରେ ମଧ୍ୟ ପ୍ରକାଶ ପାଇଛି। ଭାରତୀୟ ରାଜନୀତିରେ ସଂପ୍ରଦାୟକୁ ନେଇ ପରିବର୍ତ୍ତନ ଆଶା କରାଯାଉଥିବା ବେଳେ, ପରିବର୍ତ୍ତନ ନ ଘଟିବା ଗଣତନ୍ତ୍ରପ୍ରେମୀମାନଙ୍କୁ ଏଭଳି ରାଜନୀତି ଶକ୍ତ ଆଘାତ ଦେଇଛି। ଏଭଳି ମନ୍ତବ୍ୟ ରାଷ୍ଟ୍ରୀୟ ସଂହତିର ପରିପନ୍ଥୀ।



ଦେଶରେ ଭାଜପା ଶାସନ ଚାଲିଛି। ଅନ୍ୟ ଦଳଗୁଡ଼ିକ ବିରୋଧୀ ଭୂମିକାରେ କାର୍ଯ୍ୟ ନିର୍ବାହ କରିବା ଆବଶ୍ୟକ। ବିରୋଧୀ ଦଳଗୁଡ଼ିକ ଦେଶର ସାର୍ବଭୌମତ୍ୱ, ଜାତୀୟ ସଂହତି ଓ ସମ୍ବିଧାନକୁ ନେଇ ଏକ ସୀମା ଓ ନୀତି ଭିତରେ ରହି ପ୍ରତିଦ୍ୱନ୍ଦ୍ୱିତା କରିବା ଆବଶ୍ୟକ। ଏହାକୁ ଉଲ୍ଲଂଘନ କରିବା ଅର୍ଥ ଦେଶରେ ଅରାଜକତା ସୃଷ୍ଟି କରିବା। ବିରୋଧୀ ଦଳର ମନୋବୃତ୍ତି ହୀନ ରାଜନୈତିକ ଚନ୍ତାଧାରାକୁ ବୁଝାଉଛି। ଏହା କହିବାର ତାତ୍ପର୍ଯ୍ୟ ହେଉଛି ଭାଜପା ଏକ ରାଜନୈତିକ ଦଳ। କିନ୍ତୁ ଏହା ହିନ୍ଦୁମାନଙ୍କର ପ୍ରତିନିଧିତ୍ୱ କରୁନାହିଁ। ଦେଶର ୮୦ ଭାଗ ହିନ୍ଦୁ କେବଳ ଭାଜପାକୁ ବୁଝାଏ ନାହିଁ କିମ୍ବା ହିନ୍ଦୁଧର୍ମର ସର୍ବସ୍ୱ ନୁହେଁ। ଦେଶର ୮୦ ଭାଗ ହିନ୍ଦୁ ନିର୍ବାଚନରେ ଭୋଟ ଦେବାରେ ସମର୍ଥନ କରନ୍ତି ନାହିଁ। ସବୁ ଦଳରେ ହିନ୍ଦୁଙ୍କ ଭାଗୀଦାରିତା ରହିଛି। ତେଣୁ ଯେଉଁ ବିରୋଧୀ ଦଳ ହିନ୍ଦୁଙ୍କୁ ନେଇ ଘୃଣା ମନ୍ତବ୍ୟ ଦେଉଛନ୍ତି ବା ସମାନ ଆଖିରେ ଦେଖୁଛନ୍ତି ବାସ୍ତବରେ ସେହିମାନେ ହିଁ ସାଂପ୍ରଦାୟିକତାକୁ ନେଇ ଦେଶରେ ରାଷ୍ଟ୍ରୀୟ ସଂହତିକୁ ନଷ୍ଟ କରି ଭୋଟ ବ୍ୟାଙ୍କ ତିଆରି କରିବାକୁ ଚାହୁଁଛନ୍ତି। ଦେଶରେ, ଦେଶ ବାହାରେ ହିନ୍ଦୁଧର୍ମ ବିରୋଧରେ କଟୁମନ୍ତବ୍ୟ ଦେବା, ହିନ୍ଦୁ ମଠ ମନ୍ଦିରକୁ ନଷ୍ଟ କରିବା ସବୁ ଧର୍ମାବଲମ୍ବୀମାନେ ମିଳିତ ଭାବେ ଏହାର ବିରୋଧ କରିବା ଆବଶ୍ୟକ। ଧର୍ମନିରପେକ୍ଷତାର ଦ୍ୱାହି ଦେଇ ହିନ୍ଦୁମାନଙ୍କୁ ଘୃଣା ଚକ୍ଷୁରେ ଦେଖିବା ସ୍ୱଧର୍ମ ପାଳନ ନ କରିବା ଫଳରେ ଦେଶରେ ବିଚ୍ଛିନ୍ନତାବାଦ ସୃଷ୍ଟି କରାଯାଉଛି। କୁହାଯାଏ ଭାଜପା ଏକ ସାମ୍ପ୍ରଦାୟିକ ଦଳ। କିନ୍ତୁ ଏବେ ବିରୋଧୀମାନେ ବାସ୍ତବରେ ସାଂପ୍ରଦାୟିକତା ସୃଷ୍ଟି କରୁଥିବା ସାଧାରଣରେ ଅନୁଭୂତ ହେଲାଣି। ଏହି ସାଂପ୍ରଦାୟିକତାକୁ ବିଲୋପ କରିବା ପାଇଁ ଦେଶରେ ଏକକ ନାଗରିକ ସଂହିତା, ଏକ ଦେଶ ଏକ ସମ୍ବିଧାନ ଭଳି କେତେକ ସଂସ୍କାରମୂଳକ ପଦକ୍ଷେପ ନେବାକୁ ଶାସକ ଦଳ ଉଦ୍ୟମ କରିବା ଦେଖାଯାଉଛି। ଭାରତୀୟ ରାଜନୀତିରେ ଏବେ ରାଷ୍ଟ୍ରଭକ୍ତିକୁ ପ୍ରାଧାନ୍ୟ ଦିଆ ହୋଇଛି। ଯେଉଁ ଦଳ ଯେତେ ରାଷ୍ଟ୍ରଭକ୍ତିର ଦୃଷ୍ଟାନ୍ତ ଦେଖାଇ ପାରିବ ସିଏ ସେତେ ଲୋକପ୍ରିୟତା ଅର୍ଜନ କରିପାରିବ। ଯେଉଁ ଦଳ ଯେତେ ସମ୍ବିଧାନ ଅନୁରକ୍ତ ଏବଂ ଭାରତୀୟ ସଂସ୍କୃତିକୁ ଆପଣେଇବା ସହିତ ନିଜର କର୍ତ୍ତବ୍ୟରେ ଦର୍ଶାଇ ପାରିବ ସେହିଦଳ ସେତେ ଶକ୍ତ ହୋଇ କ୍ଷମତାକୁ ଆସିବାର ଜନସମର୍ଥନ ଲାଭ କରିପାରିବ। କିନ୍ତୁ ସାଂପ୍ରଦାୟିକ ମନୋଭାବ ନେଇ ନିର୍ଦ୍ଦିଷ୍ଟ କୌଣସି ସମ୍ପ୍ରଦାୟକୁ ସନ୍ତୁଷ୍ଟ କରିବାର ଅପଚେଷ୍ଟା କଲେ ସେ ଦଳ ଦେଶ ପାଇଁ ଅଦରକାରୀ ହୋଇପଡ଼ିବ।

ଭାରତ ଏକ ଏଭଳି ରାଷ୍ଟ୍ର ଏଠାରେ ଭାରତୀୟ ସଂସ୍କୃତିକୁ ବାଦ୍ ଦେଇ ଯେପରି ଦେଶ ଗଠନ ଅସମ୍ଭବ ସେହିପରି ବିଭିନ୍ନ ସଂସ୍କୃତି, ଭାଷା, ସମ୍ପ୍ରଦାୟକୁ ଛାଡ଼ି ମଧ୍ୟ ଦେଶର ବିକାଶ ଅସମ୍ଭବ। ବିଭିନ୍ନ ରାଜନୈତିକ ଦଳ ରାଷ୍ଟ୍ରୀୟ ଅନୁଚିନ୍ତାରେ ଅନୁବନ୍ଧିତ ହେବା ସହିତ ସବୁ ସମ୍ପ୍ରଦାୟ ମଧ୍ୟରେ ସଂପ୍ରୀତି ସ୍ଥାପନ କରିବା ଏକାନ୍ତ ଆବଶ୍ୟକ। ବର୍ତ୍ତମାନ ସମୟରେ ଦେଶର ରାଜନୈତିକ ଦଳଗୁଡ଼ିକ ଶାସକ ଦଳ ହୁଅନ୍ତୁ ବା ବିରୋଧୀ ଦଳ, ଦେଶରେ ରାଷ୍ଟ୍ରୀୟ ସଂହତି ପ୍ରତି ଦୃଷ୍ଟିଦେବା ଆବଶ୍ୟକ। କେବଳ କ୍ଷମତା ପାଇଁ ନିଜ ନିଜ ଦଳର ଭୋଟ ବ୍ୟାଙ୍କ ପ୍ରତି ଦୃଷ୍ଟିଦେଇ ଘୃଣା ମନ୍ତବ୍ୟ ବା ନିଜର ଅସହିଷ୍ଣୁତା ପ୍ରକାଶ କଲେ ଦେଶରେ କ୍ଷତି ଘଟିବ ସିନା କୌଣସି ଲାଭ ପାଇବେ ନାହିଁ। ପ୍ରାକ୍ ସ୍ୱାଧୀନତା କାଳରୁ ଏଯାବତ୍ କେବଳ ହିନ୍ଦୁମାନଙ୍କ ପ୍ରତି ଅସହିଷ୍ଣୁତା ଭାବ ପ୍ରକାଶ ପାଇ ଆସୁଛି। ଏବେକାର ଶାସକ ତା'ର ସୁଯୋଗ ନେଇ ଶାସନଗାଦିକୁ ଅକ୍ତିଆର କରିଥିବା ବେଳେ ବିରୋଧୀମାନେ ଶାସକ ଦଳକୁ ସେହି ଧାରାରେ ଗାଦିରୁ ହଟାଇବା ପାଇଁ ଯେତେ କଳାକୌଶଳ କଲେ କ'ଣ ହେବ? ନିଜକୁ ଆତ୍ମସମୀକ୍ଷା କରିବାକୁ ହେବ। ଦେଶର ରାଷ୍ଟ୍ରୀୟ ସଂହତିକୁ ନେଇ ନିଜର ପରାକାଷ୍ଠା ଦେଖାଇବାକୁ ପଡ଼ିବ। ଦେଶ ସ୍ୱାଧୀନତା ଲାଭ କରିବାର ୭୬ ବର୍ଷ ହୋଇଗଲାଣି। ପଡ଼ୋଶୀ ରାଷ୍ଟ୍ର ଭାରତର ଶତ୍ରୁତା କରୁଛନ୍ତି। ଦେଶର ଅର୍ଥନୀତିକୁ ଧ୍ୱଂସ କରିବାକୁ ବାହ୍ୟ ଶତ୍ରୁ ଅହରହ ଲାଗି ପଡ଼ିଛନ୍ତି। ଏହି ପରିସ୍ଥିତିରେ ଦେଶର ସାର୍ବଭୌମତ୍ୱ ଓ ସଂହତିକୁ ରକ୍ଷାକରିବା ନିମନ୍ତେ ବିରୋଧୀଙ୍କ ପକ୍ଷରୁ କାର୍ଯ୍ୟ କରାଯିବା ଆବଶ୍ୟକ। ଘୃଣ୍ୟ ରାଜନୀତିକୁ ଆପଣେଇ କୌଣସି ଦଳ ବା ନେତୃବୃନ୍ଦ ଆଖି ବୁଜି ବୁଜି କ୍ଷୀର ପିଇଲେ ହେବନାହିଁ। ଯେତେ ଯାହା ହେଲେ ବି ଦେଶରେ ବହୁ ଗଣତନ୍ତ୍ରପ୍ରେମୀ ଓ ଧର୍ମନିରପେକ୍ଷ ସମର୍ଥନକାରୀ ଲୋକ ବା ଭୋଟର ଅଛନ୍ତି। ସେମାନଙ୍କ ବିଚାର ଧାରାକୁ ଆଜିର ରାଜନୈତିକ ଦଳ ବା ନେତୃବୃନ୍ଦ ସମ୍ମାନ ଦେବା ବାଞ୍ଛନୀୟ।

**ଯାଜପୁର, ମୋ: ୯୪୩୭୩୧୫୬୨୩**

# ଆଗକୁ ଅନା



**ଦ୍ୱିତୀ ଚନ୍ଦ୍ର ସାହୁ**

କ'ଣ ପାଇଁ ଏତେ ପଛକୁ ଅନଉଛନ୍ତି ଆପଣ! ଝୁଣ୍ଟି ପଡ଼ିବେ। ମୁହଁମାଡି ପଡିବେ। ହୁଏତ ଆଉ ଉଠି ପାରିବେନି। ଦେଖୁଥିବା ଲୋକ ଟାହିଟାପରା କରିବେ। ନ ଦେଖୁଥିବା ଲୋକ ଆହାଃ ଚୁ ଚା କରିବା ବାହାନାରେ ଭିତରେ ଭିତରେ ଖୁସି ହେବେ। ଥରେ ପଡିଗଲେ ହୁଏତ ଉଧେଇ ପାରିବେନି। ଆପଣଙ୍କ ଗତି ସେଠି ରହିଯିବ। ଯଦି ଠିଆ ହୋଇ ହାଲିଆ ମାରିବାକୁ ଇଚ୍ଛା କରୁଛନ୍ତି। ନିଶ୍ଚେ ଥକ୍କା ମେଣ୍ଟାଇବେ ସତ। କିନ୍ତୁ ଜାଣନ୍ତୁ ଆପଣ ପଛରେ ପଡିଯିବେ। ଧୂଆମୂଳା ଅଧୂଆମୂଳା ସବୁ ଆପଣଙ୍କୁ ପଛ କରି ଛାଡି ଆଗକୁ ମାଡିଯିବେ। ତା'ପରେ ଆପଣ ବ୍ୟସ୍ତ ବିବ୍ରତ ହେବେ। ପଛରୁ ଦୌଡିବେ। ସେତେବେଳକୁ ସେମାନେ ବହୁ ଆଗକୁ ଚାଲି ଯାଇଥିବେ। ପୁଣି ପଛରେ ପଡିଯିବେ ଆପଣ। ଆଉ ଆଗରେ ଥିବା ବାକି ଲୋକ ପଛକୁ ମୋଟେ ଚାହିଁବେନି। ଆପଣଙ୍କ ମୁହଁ ବି ଦେଖିବେନି। ଅଥବା ପଛରେ ପଡିଯାଇଥିବା ଲୋକଙ୍କୁ ହାତ ଧରି ଉଠେଇ ସାଥୀରେ ନେବାକୁ ଚାହିଁବେନି। ଏମିତିକି ମୁହଁ ମାଡି ପଡି ଯାଇଥିଲେ ବି ଟିକେ ଅଟକି ଉଠେଇବାକୁ ଚେଷ୍ଟା କରିବେନି। ଯିଏ ଆଗକୁ ଚାଲିଲା ତ ସେ ଚାଲିଲା। ନ ଝୁଣ୍ଟିଲା ଯାଏ ସେ ନିଜକୁ ପାରିବାର ବୋଲି ଭାବି ନିଏ। ନିଜେ ସବ୍ ଜାନତା ବୋଲି ଚିନ୍ତା କରେ। କାହାର ମତାମତକୁ ଗ୍ରହଣ କରିବା ପରିସ୍ଥିତିରେ ନ ଥାଏ। ଓଲଟି ମତାମତ ଦେଉଥିବା ଲୋକଙ୍କୁ ସେ ନିଜର ଶତ୍ରୁ ବୋଲି ଭାବିନିଏ। କିଛି ବଟସ୍କରଙ୍କୁ କୋଳେଇ ଧରେ। ତଥାକଥିତ ଅପାଣ୍ଠୁକମାନଙ୍କ ଭେଳିକିରେ ଉତ୍‌ଫୁଲ୍ଲିତ ହୋଇପଡେ। ନିଜର ହିତାହିତ ଜ୍ଞାନ ବି ଭୁଲିଯାଏ। ନିଜର ଆତ୍ମବଡ଼ିମା ଭିତରେ ଟକମକ ହୋଇ ରହେ। ଭଲ ମଣିଷକୁ ଅଣଦେଖା କରେ। ସେଇ ପାରିବାପଣ ହିଁ ତାକୁ ଶେଷରେ ମାରି ଗୋଡାଏ। ପରେ ନକାରାତ୍ମକ ଶକ୍ତିକୁ ଜନ୍ମ କରେ। ଝୁଣ୍ଟି ପଡିବାର ଜାଗ୍ରତ ଚେତନା ଯାହା ପାଖରେ ଥାଏ ସେ କ୍ୱଚିତ ଭୁଲ କରେ। ଭୁଲ କରିବା ପୂର୍ବରୁ ଭୁଲ ସମ୍ପର୍କରେ ଆଗୁଆ ବି ସୂଚନା ପାଇପାରେ ବିଭିନ୍ନ ପରିସ୍ଥିତି କିମ୍ବା ଭିନ୍ନ ଭିନ୍ନ ସଙ୍କେତରେ। ସେଇ ପରିସ୍ଥିତିରୁ ସେ ସତର୍କ ହୋଇଯାଏ।

ଆଚ୍ଛା ! କହିଲେ, ଆଗକୁ ଚାଲୁଥିବା ଲୋକ ପଛକୁ ଚାହିଁବା କି ଦରକାର? ଯିଏ ସନ୍ଦେହୀ, ଭୟାଳୁ ଅବା କୌଣସି ଅପକର୍ମରେ ଲିପ୍ତ ସେଇ ଜାତୀୟ ଲୋକ ହିଁ ଆଗକୁ ଚାଲି ପଛକୁ ଅନାନ୍ତି। ରହି ରହି ଟିକେ ବାଁକୁ ଟିକେ ଡାହାଣକୁ ଦେଖନ୍ତି। ଅନ୍ୟର ଉପସ୍ଥିତିକୁ ପରଖିବାକୁ ଆଗ୍ରହ ପ୍ରକଟ କରନ୍ତି। ଅନ୍ୟଲୋକଙ୍କ ଦୃଷ୍ଟିରୁ ଦୂରରେ ସେ ଅଛି କି ନାହିଁ ପରଖନ୍ତି ବରାବର। ନିଜ ଆସନରେ ରହି ଚାରିପଟର ଲୋକଙ୍କ ଖୋଜ ଖବର ରଖନ୍ତି। ଅଯଥା କଥାରେ ନାକ ପୂରାନ୍ତି। ନିଜର ଗୁଣକୀର୍ତ୍ତନ ନିଜେ କରନ୍ତି। କିଏ ଶୁଣୁ ବା ନ ଶୁଣୁ ନିଜର ଢୋଲକୁ ନିଜେ ବଜାନ୍ତି। ଅନ୍ୟମାନେ ନିଜ ଉପରେ ସାର୍ଟିଫିକେଟ ଦେବା ଆଗରୁ ସିଆଣିଆ ହୋଇ ନିଜେ ନିଜର ସାର୍ଟିଫିକେଟ ଥୋଇ ଥାଆନ୍ତି। ଅର୍ଥାତ୍ ଦର୍ଶାଇବାକୁ ଚେଷ୍ଟା କରନ୍ତି – ମୁଁ ସଫା ଓ ନିର୍ମଳ ଗଙ୍ଗା। ବାକି ସବୁ ମୂର୍ଖ ଓ ଗନ୍ଧୁରା। ହେଲା ବାପଧନ! ତୁମେ ଅମୃତ ତୁଲ୍ୟ। ତୁମେ ବିଚକ୍ଷଣ ଓ ବିବେକୀ। ସେଥିପାଇଁ ତୁମେ ଆଗକୁ ବଢ। ଆଗକୁ ମାଡି ଚାଲ।



ପଛକୁ କିଆଁ କରୁଛ ନଜର। କିଏ କ'ଣ କଲା। କିଏ କ'ଣ ବୋଇଲା। କିଏ କେତେ ତୁଚ୍ଛା ରଟନା କଲା। ସେସବୁ ଉପରେ ଏତେ ଗୁରୁତ୍ୱ କିଆଁ। ଆଗକୁ ବଢିଲେ ହିଁ ଲୋକେ କହିବେ। ଧଳା ପୋଷାକରେ କାଳିମାର ଛିଟା ପକେଇବେ। ଗୁଡାଏ ତୁଚ୍ଛା ଅପପ୍ରଚାର କରିବେ। ନାନା କଥା ଫନ୍ଦିଫିକର କରି ଚର୍ଚ୍ଚା କରିବେ। ଲୋକଙ୍କର କାମ ତ ସେୟା। ଯିଏ ପଛରେ ରହିବ ସିଏ ବେଶି କହିବ। ଯିଏ ସମତୁଲ ହୋଇ ପାରୁ ନ ଥିବ ସିଏ ଗୁଡାଏ ବକିବ। ଯିଏ ନିଜକୁ ହାରି ଯାଇଥିବାର ଅନୁଭବ କରିସାରିଥିବ ସେ ଗଳା ଫଟାଇ ହୁଡିବ। ଏସବୁରେ ବିଚଳିତ ହେବ ଯଦି ତୁମ ପରି ବୁଦ୍ଧିମାନ ବ୍ୟକ୍ତି ସେଇଠି ଅଟକିଯିବ। ପୁଣି ଏସବୁ କଥାରେ ହିଁ ମାତି ଉଠିବ ଓ ତାତି ଉଠିବ। ଯାବତୀୟ ସମସ୍ୟାକୁ ଆମନ୍ତ୍ରଣ କରିବ। ନିଜର ମୂଲ୍ୟବାନ ସମୟକୁ ଅପଚୟ କରିବ। ଆଗକୁ ବଢିବାର ପ୍ରୟାସରେ ନିଜେ ହିଁ ନିଜ ପାଇଁ କଣ୍ଟା ସାଜିବ।

ବଢିବାର ଅଛି ଆଗକୁ ଅନା। ପଛକଥାରେ କି ଲାଭ? ସେ ଅତୀତ। ଖାଲି ସ୍ମୃତି। ସାଇତା ଅନୁଭବକୁ ସାଥୀରେ ଧରି ଚାଲ। ମିଳିଥିବା କର୍ମଫଳକୁ ଜାବୋଡି ଧର। ପ୍ରଶଂସାକୁ ଛାଡ। ଦୋଷ ଦୁର୍ବଳତାକୁ କୋଳେଇ ନିଅ। ଆଗକୁ ମାଡି ମାଡି ସେସବୁକୁ ପରଖ। ନିଜ ଭୁଲକୁ ସୁଧାରିବାକୁ ଚେଷ୍ଟା କର। କିଏ ନିଜର କିଏ ପର ଚିହ୍ନ। ସ୍ୱାର୍ଥୀ ମଣିଷମାନଙ୍କଠାରୁ ନିଜକୁ ଦୂରେଇ ରଖ। ମିଠା ମିଠା କଥାରେ ଭୋଳ କରୁଥିବା ଲୋକଙ୍କ ଆଭିମୁଖ୍ୟକୁ ଥରେ ତଳେଇ ଦେଖ। ମିଠାପଣ ଭିତରେ କେତେ ଜହର ରହିଛି ତାକୁ ଆକଳନ କର। ଭୋଳିଲେ ଭୁଲ୍ କରିବ। କଟୁ ବଚନ କଷ୍ଟ ଦେଉଥିଲେ ବି ତା' ପଛର କାରଣ ନିର୍ଦ୍ଧାରଣ କର। ନିଃସ୍ୱାର୍ଥପର ଭାବେ ମୁହଁରେ ସତ କହୁଥିବା ଲୋକଙ୍କୁ ଆଦର କର। ସେ ଖାଣ୍ଟିପଣେ ଏକା ତୁମର। ତୁମକୁ ଖୁବ ଭଲ ପାଉଥିବ ଅନ୍ତରର ସହ। ଡର ଭୟ ନ ରଖି ମୁହାଁମୁହିଁ ମଣିଷର ଦୁର୍ଗୁଣ କହିବା କମ୍ ସାହସିକତାର କଥା ନୁହଁ। ସମାଜରେ ଏମିତି ହାତଗଣତି ମଣିଷ ଥିବେ। ଅତୀତର ତିକ୍ତତା ଆଗାମୀ କାଲିର ସଫଳତା। ଅତୀତର ସଫଳତା ଆଗାମୀ କାଲିର ଅପୂର୍ବ ଦକ୍ଷତା। ଏସବୁ ତୁମର ପୁଞ୍ଜି। ତାକୁ ସାଉଁଟି ନିଅ। ଅତୀତ ଫୁଲର ଶେଯ ହେଲେ, ଆଗକୁ ହୁଏତ କଣ୍ଟକିତ ପଥ ଥିବ। ରକ୍ତ ଫୁଟିବାର ସମ୍ଭାବନା ଥିବ। ଅତୀତ କଣ୍ଟକିତ ଓ ସଂଘର୍ଷମୟ ଯଦି ଆଗାମୀ ସମୟ ହୁଏତ ନୂଆ ସମ୍ଭାବନାମୟ ହେବ। ଅତୀତ ସଂଘର୍ଷର ନିଷ୍କର୍ଷ ନିଜ ପାଇଁ କେତେ ଅବ୍ୟର୍ଥ। ଅଦେଖା ଭବିଷ୍ୟତ ପାଇଁ ବାଇ କିଆଁ। ଭବିଷ୍ୟତକୁ ନେଇ ସ୍ୱପ୍ନ ଓ ସମ୍ଭାବନା ରହୁ। କିନ୍ତୁ କଳ୍ପନାରେ ବିଭୋର ଅଧିକତଃ ବେପଥୁ କରିବ ନିଶ୍ଚିତ। ପଛରେ ରହି କୋଳାହଳ କରୁଥିବ, ଅନୁପସ୍ଥିତିରେ କୋପେ କୁତ୍ସାରଟନା କରୁଥିବ, କିନ୍ତୁ ସାମ୍ନାରେ ତା' ପ୍ରତି ଅନ୍ତରଙ୍ଗ ଦେଖାଇ ହେଁ ହେଁ ହେଉଥିବା ମଣିଷ ସମାଜର ବଡ଼ ବିଷଧର ସର୍ପ। ତାକୁ ଭାରି ସତର୍କ। ଅତଏବ ପଛକୁ ଆଉ ଦେଖନା। ଏଥର ତ ଟିକେ ଆଗକୁ ଅନା।

**ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡା**
**ମୋ: ୯୪୩୭୯୦୯୬୭୧**

## ଏଇ ଭାରତରେ

ପକ୍ଷୀମାନଙ୍କ ପାଇଁ ଆମ୍ବୁଲାନ୍ସ ଚଳାଉଛନ୍ତି ଚଣ୍ଡିଗଡ଼ର ମନ୍‌ଜିତ ସିଂହ। ସେ ଏହି ଆମ୍ବୁଲାନ୍ସ ଚଳାଇଛନ୍ତି ଏକ ସାଇକେଲରେ। ମନ୍‌ଜିତ ଜଣେ ଆର୍ଟ ଶିକ୍ଷକ ଭାବେ ପିଲାଙ୍କୁ ଶିକ୍ଷା ଦେଉଥିଲେ। ଥରେ ଚଣ୍ଡିଗଡ଼ରେ ୫୦ ଜଣ ପିଲାଙ୍କୁ ନେଇ ଏକ କ୍ୟାମ୍ପରେ ଥିବାବେଳେ ଗୋଟିଏ ଡଷ୍ଟବିନ୍‌ରେ ପାରାଟିଏ ମରିପଡ଼ିଥିବା ଦେଖିଥିଲେ। ପରେ ସେ ପକ୍ଷୀମାନଙ୍କ ସେବା କରିବା ଲାଗି ନିଷ୍ପତ୍ତି ନେଇଥିଲେ। କ୍ୟାମ୍ପରୁ ଘରକୁ ଫେରିବା ପରେ ମନ୍‌ଜିତ ସ୍କୁଲରୁ ଚାକିରି ଛାଡ଼ି ପକ୍ଷୀ ଉଦ୍ଧାର ଓ ସେବା କାର୍ଯ୍ୟରେ ଲାଗି ପଡ଼ିଲେ। ଏହା ମଧ୍ୟରେ ସେ ବ୍ୟାଙ୍କ୍‌ରେ ଏକ ଚାକିରି ପାଇଥିଲେ, ଯାହା ତାଙ୍କ ସେବାକୁ ବଢ଼ାଇବାରେ ସାହାଯ୍ୟ କରିଛି। ସେ ପକ୍ଷୀ ଆମ୍ବୁଲାନ୍ସରେ ଚଣ୍ଡିଗଡ଼ର ବିଭିନ୍ନ ଜାଗାରେ ୧,୧୬୦ ପକ୍ଷୀଙ୍କର ଚିକିତ୍ସା କରିସାରିଲେଣି। ଏମିତି କି ଯେଉଁ ପକ୍ଷୀଙ୍କୁ ସେ ବଞ୍ଚାଇପାରୁନାହାନ୍ତି ସେମାନଙ୍କୁ ସମାଧି ଦେଉଛନ୍ତି। ଏବେସୁଦ୍ଧା ସେ ୧,୨୮୦ଟି କାଉ, ପାରା ଆଦି ମୃତପକ୍ଷୀଙ୍କୁ ସମାଧି ଦେଇସାରିଲେଣି। ସେ ବ୍ୟାଙ୍କ ଚାକିରିରୁ ଯାହା ଆୟ କରୁଛନ୍ତି ତାହାର ସିଂହଭାଗ ପକ୍ଷୀଙ୍କ ସେବାରେ ଖର୍ଚ୍ଚ କରୁଛନ୍ତି। ସେ ପ୍ରତିଦିନ ଅଫିସ କାମ ସାରି ଦିନ ୩ଟାରୁ ପକ୍ଷୀ ଉଦ୍ଧାର ଓ ଚିକିତ୍ସା କାର୍ଯ୍ୟରେ ତାଙ୍କ ପକ୍ଷୀ ଆମ୍ବୁଲାନ୍ସ ସହ ବାହାରି ଯାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୦ ସେପ୍ଟେମ୍ବର ୧୯୯୮**

- ଫିଲିପାଇନ୍ସର ପ୍ରିନ୍‌ସେସ୍ ଅଫ୍ ଓରିଏଣ୍ଟ ନାମକ ଏକ ଜଳଜାହଜ ମାଣିଲା ସାଗର ମଧ୍ୟରେ ବୁଡ଼ିଯିବା ଫଳରେ ୧୪ ଜଣଙ୍କ ମୃତ୍ୟୁ।
- ଆଲଜେରିଆର ଟିଆରେଟ ନଗର ଉପକଣ୍ଠରେ ଥିବା ଏକ ବଜାର ମଧ୍ୟରେ ଗୋଟିଏ ଶକ୍ତିଶାଳୀ ବୋମା ବିସ୍ଫୋରଣ ଘଟି ୨୯ ମୃତ।
- ତୁର୍କମେନିସ୍ତାନର ରାଜଧାନୀ ଆସ୍‌ଖାବାଦସ୍ଥିତ କେସୀ ରେଳଷ୍ଟେଶନ ନିକଟରେ ଏକ ଟ୍ରେନ ଓ ଗୋଟିଏ ବସ୍ ମଧ୍ୟରେ ଧକ୍କା ହେବା ଫଳରେ ୪୦ ଜଣଙ୍କ ପ୍ରାଣହାନୀ।

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷକ ଧର୍ମଘଟ ଓ ଶିକ୍ଷା ବ୍ୟବସ୍ଥା

ମହାଶୟ,

ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ନିଯୁକ୍ତିରେ ପୃଥକ୍ ପୃଥକ ଭାବେ ଶ୍ରେଣୀବିଭାଗକୁ ଉଚ୍ଛେଦ, ଠିକାଭିତ୍ତିକ ୬ ବର୍ଷିଆ ନିଯୁକ୍ତି ପରିବର୍ତ୍ତେ ସ୍ଥାୟୀ ନିଯୁକ୍ତି ପ୍ରଦାନ, ସମାନ କାର୍ଯ୍ୟକୁ ସମାନ ଦରମା ଓ ଅବସର ଗ୍ରହଣ ପରେ ପେନ୍‌ସନ ପ୍ରଦାନ କରିବାରେ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଗଲେ ହୁଏତ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ତୃଣମୂଳ ସ୍ତରରୁ ସୁଦୃଢ଼ ହୋଇପାରନ୍ତା।
ଶିକ୍ଷକମାନଙ୍କୁ ନିଯୁକ୍ତିରେ ସ୍ଥାୟିତ୍ୱ, ଉପଯୁକ୍ତ ଦରମା ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ଆର୍ଥିକ ସୁବିଧା ସୁଯୋଗ ଓ ଅବସର ପରେ ପେନସନ ପ୍ରଦାନ ଉପରେ ସରକାର ଦୃଷ୍ଟି ଆକର୍ଷଣକାରୀ ପଦକ୍ଷେପ ନେବା ଆବଶ୍ୟକ। ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ଧର୍ମଘଟ ଯଥାର୍ଥରେ ଓଡ଼ିଶାର ଦୁର୍ବଳ ଶିକ୍ଷାନୀତିକୁ ଦର୍ଶାଉଛି। ଏତଦ୍‌ବ୍ୟତୀତ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଶିକ୍ଷାନୀତିରେ ଉପଯୁକ୍ତ ଭାବେ ସ୍ଥାନିତ ନ କରିବାରେ ସରକାରଙ୍କ ପ୍ରଶାସନିକ ଅପାରଗତା ପ୍ରତିଫଳିତ ହେଉଛି। ନିଜ ନିଜର ଦାବି ପୂରଣ କରିବା ପାଇଁ ରାଜନେତାମାନେ ସରକାରଙ୍କ ବିରୋଧରେ ଧର୍ମଘଟ କରିବା ଦେଖାଯାଏନାହିଁ। ଦ୍ୱିତୀୟତଃ ବିଭିନ୍ନ ଉଚ୍ଚପଦସ୍ଥ ସରକାରୀ ଅଧିକାରୀମାନେ ବି ଧର୍ମଘଟ କରିବାର ନଜିର ନାହିଁ। କିନ୍ତୁ ସରକାରଙ୍କ ଅପାରଗତା ପାଇଁ ଶିକ୍ଷକମାନେ ବାରମ୍ବାର ସେମାନଙ୍କ ଦାବି ନେଇ ଆନ୍ଦୋଳନ କରୁଛନ୍ତି।

**– ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନୂଆଁଖାଇର ଅପାସୋରା ଅନୁଭବ

**କୃଷି** ସଂସ୍କୃତି ଓ ଅନନ୍ୟ ପରମ୍ପରାର ପର୍ବ ନୂଆଁଖାଇ। ପଶ୍ଚିମ ଓଡ଼ିଶାର ଜନଜୀବନ ଧାରାରେ ପାରିବାରିକ ଐକ୍ୟ, ସାମାଜିକ ସଂହତିର ବାର୍ତ୍ତାବହ ଭାବେ ସ୍ୱୀକୃତ ଏହି ମହାନ୍ ଗଣପର୍ବ। ପ୍ରକୃତିମାତାଙ୍କୁ ପ୍ରଥମ ଶସ୍ୟ ଅର୍ପଣର ପରମ୍ପରାର ପାର୍ବଣ ନୂଆଁଖାଇ। ପିଢ଼ି ପରେ ପିଢ଼ି ଲୋକ ସଂସ୍କୃତିର ପ୍ରବହମାନ ଧାରାରେ ପାଳିତ ହୁଏ ଏହି ପର୍ବ । ନିଜ ଗାଁ ମାଟିର ମହକରେ ପରିବାରର ସଦସ୍ୟ, ସାଙ୍ଗସାଥୀ ମେଳରେ ପାଳିତ ଏହି ପର୍ବର ମଧୁରତା ନିଆରା। ପଶ୍ଚିମ ଓଡ଼ିଶାର ସମସ୍ତ ଜିଲା, ସଦର ମହକୁମା, ପଲ୍ଲୀଠୁ ଗାଁ ସବୁଠି ପାଳିତ ହୁଏ ଏହି ପର୍ବ। ମାତ୍ର ଆଧୁନିକତାର ପରିବର୍ତ୍ତିତ ପରିସ୍ଥିତିରେ ଶିଳ୍ପାୟନର ପ୍ରଭାବରେ ବିସ୍ଥାପିତ ଜନଜୀବନ ଧାରାରେ ନୂଆଁଖାଇ ପାଳନ କେବଳ ନିର୍ଦ୍ଦିଷ୍ଟ ଦିନରେ ଗତାନୁଗତିକ ଢାଞ୍ଚାରେ ହେଉଛି, କିନ୍ତୁ ସେଥିରେ ହଜିଯାଇଛି ମହକ। ଭିଟାମାଟି, ଗାଁର ସବୁଜିମାଭରା ପରିବେଶ, କୃଷିକ୍ଷେତ୍ର, ସାଙ୍ଗସାଥୀ, ଦେମୂଳ ପୀଠ, ଗାଁ ବରଗଛର ପିଣ୍ଡି ଶୈଶବର ସ୍ମୃତି ଆଜି ହଜିଯାଇଛି। ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଡୁଲିଙ୍ଗାଠାରେ ଏନ୍‌ଟିପିସି ଡୁଲଙ୍ଗା କୋଇଲାଖଣି ପ୍ରକଳ୍ପ ଯୋଗୁ ଡୁଲିଙ୍ଗା, ମଝାପଡ, ବେଲଡିହି, ଖପୁରିକଛାର ଗ୍ରାମବାସୀଙ୍କୁ ବିସ୍ଥାପିତ ହେବାକୁ ପଡିଛି । ଏମାନେ ସାନଘୁମୁଡା ପଞ୍ଚାୟତ କଲାମେଘା ଠାରେ ଏନଟିପିସି ପକ୍ଷରୁ ନିର୍ମିତ ପୁନର୍ବାସ ଓ ଥଇଥାନ କଲୋନୀରେ ଥଇଥାନ ହୋଇଛନ୍ତି। ଗତ ୪ବର୍ଷ ହେବ ଗାଁ ମାଟିକୁ ଛାଡି ଏଠାରେ ଏହି ବିସ୍ଥାପିତ ପରିବାରଙ୍କ ଆରମ୍ଭ ହୋଇଛି ନୂଆ ଜୀବନ। ବିସ୍ଥାପିତ କଲୋନୀରେ ସେମାନେ ନିଜ ପ୍ରଥା, ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇବାକୁ ମଧ୍ୟ ଚେଷ୍ଟା କରିଛନ୍ତି। ଏଠାରେ କମ୍ପାନୀ ତରଫରୁ ପକ୍କା ଘର, ରାସ୍ତା, ଅନ୍ୟାନ୍ୟ ଆନୁଷଙ୍ଗିକ ଆଧୁନିକ ବ୍ୟବସ୍ଥା ଯୋଗାଇ ଦିଆଯାଇଛି ସତ ହେଲେ ସେ ଗାଁ ମାଟିର ବାସ୍ନା ତାଙ୍କ ପାଇଁ ସ୍ୱପ୍ନ ପାଲଟିଛି। ବିସ୍ଥାପିତ ହୋଇଥିବା ଗାଁର ଅନେକ ପରିବାର ଅନ୍ୟସ୍ଥାନକୁ ଯାଇ ମଧ୍ୟ ପୁନର୍ବସତି ସ୍ଥାପନ କରିଛନ୍ତି। ଗାଁର ଭିଟାମାଟି, ଗ୍ରାମଦେବତୀ, ଚାଷଜମି, ପାହାଡପର୍ବତ, ଝରଣା ଯୋର, ଗାଁ ଦାଣ୍ଡ ଆଜି ଲୀନ ହୋଇସାରିଛି ଖଣି ଗର୍ଭରେ। ଏବେ ବିସ୍ଥାପିତ କଲୋନୀ ଭିତରେ ନିଜ ପାରମ୍ପରିକ ଗଣପର୍ବ ନୂଆଁଖାଇ ପାଳନ କରୁଛନ୍ତି। ନୂଆଁଖାଇ ପର୍ବ ପାଳନ ଧାରାରେ ଚାଷୀର ନାହିଁ ଚାଷଜମି। ନାହିଁ ଆଉ ସବୁଜିମାଭରା ଧାନ କ୍ଷେତ। ନୂଆଁଖାଇ ସକାଳୁ ଯାଇ କେହି କୃଷିକ୍ଷେତ୍ରରେ ପୂଜା କରୁନାହାନ୍ତି। ଗାଁରେ ଥିବା ଦେମୂଳ ପୂଜା ଏବେ କଲୋନୀ ମଧ୍ୟରେ ତିଆରି ହୋଇଥିବା ଦେମୂଳ ଗୁଡିରେ ପୂଜା ହେଉଛି। କଲୋନୀ ଭିତରେ ପ୍ରତ୍ୟେକ ନିଜ ନିଜ ଘରେ ଦେବଦେବୀ ଓ ପିତୃପୁରୁଷଙ୍କଠାରେ ନୂଆ ଚାଉଳରେ ପ୍ରସ୍ତୁତ ନବାନ୍ନ ଅର୍ପଣ ପରେ ସମସ୍ତେ ଏକାଠି ବସି ନୂଆଁଖାଇ ପାଳନ କରନ୍ତି। ବିସ୍ଥାପିତ ହୋଇଥିବା ମଝାପଡା ଗ୍ରାମର ୬୨ ବର୍ଷୀୟା ନିଶାବତୀ ଖର୍ସେଲ କହନ୍ତି, ଗାଁକୁ ଯେତେବେଳେ ନୂଆବୋହୂ ହୋଇ ଆସିଥିଲି ପରିବାରର ସମସ୍ତେ ଏକାଠି ମିଶି ନୂଆ ଖାଉଥିଲୁ। ଗାଁରେ ଥିବା ଯୋରରେ ଗାଧୋଇ ଆସି ସମସ୍ତେ ମିଶି ପୂଜା ପ୍ରସ୍ତୁତିଠାରୁ ଆରମ୍ଭକରି ରନ୍ଧାବଢା, ପିଠାପଣା କରୁଥିଲୁ। ହେଲେ ସମୟକ୍ରମେ ଆଜି ଆମେ ଗାଁ ମାଟିରୁ ବିସ୍ଥାପିତ ହୋଇ ଏହି କଲୋନୀରେ ନୂଆଁଖାଇ ପାଳନ କରୁଛୁ। ଏହା ଭିତରେ ପୂର୍ବଭଳି ନୂଆଁଖାଇର ମହକ ନ ଥିଲେ ମଧ୍ୟ ୪ଖଣ୍ଡ ଗାଁର ଲୋକେ ଗୋଟିଏ କଲୋନୀରେ ରହି ଆମର ଏହି ମହାନ୍ ପରମ୍ପରା ନୂଆଁଖାଇ ପାଳନ କରି ଖୁସି ଅନୁଭବ କରୁଛୁ। ଗୋପୀନାଥ ପଧାନ କହିଛନ୍ତି, ଏଠାରେ ଚାଷ ଜମିକୁ ଯାଇ ନୂଆଁଖାଇ ପୂଜା ଆଉ କରିପାରୁନାହିଁ। ନୂଆଁଖାଇ ମଜା ଆମ ପାଇଁ ଅତୀତ ହୋଇଛି। ସେ ବିସ୍ତୀର୍ଣ୍ଣ ସବୁଜିମା ଭରା ଧାନକ୍ଷେତ, ଗୋରୁଗୁହାଳ, ଧାନ ଖଳା ଆଉ ସବୁଜ ବନାନୀ ନାହିଁ। ମଝାପଡାର ସପ୍ନେଶ୍ୱର ଭୋଇ କହିଛନ୍ତି, ଆଗରୁ ଗାଁରେ କାଲୋ ୨ଦିନ ପୂର୍ବରୁ ନୂଆଧାନ ଆଣି ପ୍ରତି ଘରେ ଦେଇଯାଉଥିଲେ, ହେଲେ ଏବେ ଏଠାରେ ଆଉ କାଲୋଙ୍କ ଡାକ ଶୁଭୁନାହିଁ । ଏହା ସତ୍ତ୍ୱେ ମଧ୍ୟ ନିଜ ପରମ୍ପରାକୁ ମନେ ପକାଇ ଏହାକୁ ବଞ୍ଚାଇ ରଖିବାର ପ୍ରୟାସ ଜାରି ରଖିଛନ୍ତି ଏହି ବିସ୍ଥାପିତ ପରିବାର।

**ରିପୋର୍ଟ : ଜୟ ନାରାୟଣ ମେଣ୍ଡୁଲି**














































# ନୂଆ ରୂପରେ ଲାଲଚାନ୍ଦ୍ ମାଷ୍ଟରକ୍ୟାଣ୍ଟିନ୍ ଆଉଟ୍‌ଲେଟ୍

ଭୁବନେଶ୍ୱର,୧୯।୯(ଅଭୟ ଦାଶ)




ପୂର୍ବ ଭାରତର ବୃହତ୍ତମ ତଥା ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଲାଲଚାନ୍ଦ ଜୁଏଲର୍ସର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଆଉଟଲେଟ(ଶୋ'ରୁମ୍) ନୂଆ ରୂପରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ହଂସ ପରିବାରର ବୟୋଜ୍ୟୋଷ୍ଠ ତଥା ଲାଲଚାନ୍ଦର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସଙ୍କ ଜ୍ୟୋଷ୍ଠଭ୍ରାତା ଶ୍ୟାମ ସୁନ୍ଦର ହଂସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଲାଲଚାନ୍ଦର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସଙ୍କ ସମେତ ଓଡ଼ିଆ ସିନେତାରକା କୁନା ତ୍ରିପାଠୀ, ଆକାଶ ଦାସ ନାୟକ, ଭୂମିକା ଦାସ ଏବଂ ସୂର୍ଯ୍ୟମୟୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସେହିଭଳି ଗଣେଶ ଚତୁର୍ଥୀ ଅବସରରେ ଶୋ'ରୁମ୍‌ର ପଛପାର୍ଶ୍ୱରେ ପର୍ଯ୍ୟାପ୍ତ ପାର୍କିଂ ସୁବିଧା ସହ ଏକ ନୂତନ ପ୍ରବେଶ ଦ୍ୱାର ଗ୍ରାହକଙ୍କ ପାଇଁ ଉନ୍ମୁକ୍ତ କରାଯାଇଛି, ଗ୍ରାହକମାନଙ୍କୁ ଶୋ'ରୁମ୍‌ରେ ସୁବିଧାଜନକ ପ୍ରବେଶ ପାଇଁ ଏହି ରୂପାନ୍ତରଣ କରାଯାଇଛି। ନୂତନ ଭାବେ ସୁସଜ୍ଜିତ ଉକ୍ତ ଶୋ'ରୁମ୍ ମଧ୍ୟକୁ ଗ୍ରାହକମାନେ ଉଭୟ ଦ୍ୱାର ଦେଇ ପ୍ରବେଶ କରିପାରିବେ। ଉକ୍ତ ଶୋ'ରୁମ୍‌ରେ ନିର୍ମିତ ସ୍ୱତନ୍ତ୍ର ସେଲ୍‌ଫି ପଏଣ୍ଟରେ ଗ୍ରାହକମାନେ ୨୩ ଓ ୨୪ ସେପ୍ଟେମ୍ବର ଅପରାହ୍ନ ୫ଟାରୁ ୭ଟା ପର୍ଯ୍ୟନ୍ତ ଭୂମିକା ଓ ସୂର୍ଯ୍ୟମୟୀଙ୍କ ସହ ସେଲ୍‌ଫି ନେବାର ସୁଯୋଗ ପାଇପାରିବେ। ଉଦ୍‌ଘାଟନୀ ଅବସରରେ ଗ୍ରାହକମାନଙ୍କ ପାଇଁ ଆକର୍ଷଣୀୟ ତଥା ଐତିହାସିକ ଅଫର୍ ଘୋଷଣା କରାଯାଇଛି, ଯାହା ସୀମିତ ଅବଧି ପାଇଁ (ସେପ୍ଟେମ୍ବର ୧୯-୨୪ ପର୍ଯ୍ୟନ୍ତ) ଉପଲବ୍ଧ। ସମସ୍ତ ଏଚ୍‌ୟୁଆଇଡି ହଲ୍‌ମାର୍କ ଯୁକ୍ତ ସୁନା ଗହଣା ଗଢ଼ାମୂଲ୍ୟ ଗ୍ରାମ୍ ପିଛା ଫ୍ଲାଟ୍ ୪୯୯ ଟଙ୍କା ରହିଛି, ସେହିପରି ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ ୫୦%, ହୀରା ମୂଲ୍ୟ ଉପରେ ଫ୍ଲାଟ ୩୦% ଏବଂ ନିର୍ଦ୍ଦିଷ୍ଟ ହାତ ଘଣ୍ଟା ବ୍ରାଣ୍ଡଗୁଡ଼ିକ ଉପରେ ଫ୍ଲାଟ୍ ୨୦% ରିହାତି ଅଫର ରହିଛି, ଏହା ସହ ପ୍ରତି ୨୫ହଜାର ଟଙ୍କା ବା ତଦୂର୍ଦ୍ଧ୍ୱ କ୍ରୟ ଉପରେ ରୌପ୍ୟ ମୁଦ୍ରା ସମ୍ପୂର୍ଣ୍ଣ ମାଗଣା ପ୍ରଦାନ କରାଯାଉଛି, ସବୁଠୁ ବଡ଼ କଥା ହେଲା ଲାଲଚାନ୍ଦର ଅଫରଗୁଡ଼ିକରେ ଗ୍ରାହକମାନଙ୍କ ପାଇଁ କୌଣସି ଲୁକ୍କାୟିତ ସର୍ତ୍ତ ନାହିଁ।

ଏ ସମ୍ପର୍କରେ ଲାଲଚାନ୍ଦର ପ୍ରତିଷ୍ଠାତା ଅଧ୍ୟକ୍ଷ ସଞ୍ଜୟ ହଂସ କହିଛନ୍ତି, ଲାଲଚାନ୍ଦ୍ ମାଷ୍ଟରକ୍ୟାଣ୍ଟିନ୍ ଆଉଟଲେଟର ନବ କଳେବର କରି ଆମେ ବେଶ୍ ଉତ୍ସାହିତ ଅଛୁ। ବିଶେଷ କରି ୩୫ ବର୍ଷରୁ ଅଧିକ ସମୟ ଧରି ଗ୍ରାହକଙ୍କ ଆବଶ୍ୟକତା ପୂରଣ ସହିତ ଗୁଣାତ୍ମକ ସାମଗ୍ରୀ ପ୍ରଦାନ କରିଆସିଛୁ।

# ଏଚ୍‌ଏସ୍‌ବିସିର ଡିଜିଟାଲ୍ ଅଭିଯାନ

ଭୁବନେଶ୍ୱର,୧୯।୯

ଏଚ୍‌ଏସ୍‌ବିସି ମ୍ୟୁଚୁଆଲ୍ ଫଣ୍ଡର ନୂତନ ଡିଜିଟାଲ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ନିବେଶକମାନଙ୍କୁ ପ୍ରଶିକ୍ଷିତ କରିବା ପାଇଁ ଏସ୍‌ଆଇପି ହୈ ହାସ୍ ଟ୍ୟାଗ୍ ଫାଇଦେ ୱାଲି ଆଦତ୍ ନାମକ ଏକ ଡିଜିଟାଲ୍ ଅଭିଯାନ ସର୍ବଭାରତୀୟସ୍ତରରେ ଆରମ୍ଭ ହୋଇଛି, ଯେଉଁଥିରେ ଦୀର୍ଘସ୍ଥାୟୀ ଆର୍ଥିକ ଲକ୍ଷ୍ୟ ହାସଲ କରିବା ଦିଗରେ କାର୍ଯ୍ୟ କରୁଛି। ବିଶେଷକରି ଏହା ଏସଆଇପିର ପରିବର୍ତ୍ତନଶୀଳ ଶକ୍ତିକୁ ଆଲୋକପାତ କରିଛି। ଏହି ଅଭିଯାନ ଭାରତରେ ୨୭ ଓ ୩୫ ବର୍ଷ ବୟସ ମଧ୍ୟରେ ମିଲେନିଆଲ୍ ନିବେଶକମାନଙ୍କୁ ପ୍ରଶିକ୍ଷିତ ଓ ସଶକ୍ତ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ଅଭିଯାନ ଭିଡିଓରେ କମ୍ପାଉଣ୍ଡିଂର ଶକ୍ତି ଏବଂ ଶୃଙ୍ଖଳିତ ନିବେଶର ମହତ୍ତ୍ୱକୁ ଗୁରୁତ୍ୱ ପ୍ରଦାନ କରାଯାଇଛି, ଏହା ମିଲେନିଆଲଙ୍କୁ ସେମାନଙ୍କର ବିବିଧ ଆର୍ଥିକ ଲକ୍ଷ୍ୟ ସହିତ ସମନ୍ୱିତ ହୋଇ ଶୀଘ୍ର ସେମାନଙ୍କର ନିବେଶ ଯାତ୍ରା ଆରମ୍ଭ କରିବା ଲାଗି ପ୍ରୋତ୍ସାହିତ କରୁଛି। ଏଥିରେ ୩ଟି କ୍ଷୁଦ୍ର ଚଳଚ୍ଚିତ୍ର ବିଶିଷ୍ଟ ଏକ ସିରିଜ ରହିଛି, ଏହି ସିରିଜର ପ୍ରଥମ ଚଳଚ୍ଚିତ୍ର ଲାଇଭ୍ ହୋଇଯାଇଛି, ଏହା ପରେ ଅନ୍ୟଗୁଡ଼ିକ ଆଗାମୀ ୨ସପ୍ତାହ ମଧ୍ୟରେ ଉନ୍ମୋଚିତ ହେବ ବୋଲି ଏଚ୍‌ଏସ୍‌ବିସି ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍‌ର ସିଇଓ କୈଳାସ କୁଲକର୍ଣ୍ଣି ମତପ୍ରକାଶ କରିଛନ୍ତି।

# ବିଓବିକୁ ରାଜଭାଷା କୀର୍ତ୍ତି ପୁରସ୍କାର



ଭୁବନେଶ୍ୱର,୧୯।୯

କ୍ରମାଗତ ୨ୟ ବର୍ଷ ଲାଗି ବ୍ୟାଙ୍କ ଅଫ ବରୋଦା (ବିଓବି) କୁ ରାଜଭାଷା କୀର୍ତ୍ତି ପୁରସ୍କାର ପ୍ରଦାନ କରାଯାଇଛି। ବିଶେଷ କରି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ବର୍ଗରେ ବିଓବିକୁ ୨୦୨୨-୨୩ ବର୍ଷ ପାଇଁ ରାଜଭାଷା କୀର୍ତ୍ତି ପୁରସ୍କାର ଅଧୀନରେ ଦ୍ୱିତୀୟ ପୁରସ୍କାର ଦିଆଯାଇଛି। ଏପରିକି ୨୦୨୩ ହିନ୍ଦୀ ଦିବସ ଉପଲକ୍ଷେ ପୁଣେ (ମହାରାଷ୍ଟ୍ର)ଠାରେ ଆୟୋଜିତ ୩ୟ ଅଲ ଇଣ୍ଡିଆ ଅଫିସିଆଲ ଲାଙ୍ଗୁଏଜ କନଫରେନସ ଅବସରରେ ବିଓବିର ଏମଡି ତଥା ସିଇଓ ଦେବଦତ୍ତ ଚାନ୍ଦ ଗୃହ ରାଜ୍ୟ ମନ୍ତ୍ରୀ ଅଜୟ କୁମାର ମିଶ୍ରଙ୍କଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଏହି ପରିପ୍ରେକ୍ଷୀରେ ପିସଓଏଲର ଉପାଧ୍ୟକ୍ଷ ଭର୍ତ୍ତୃହରି ମହତାବ, ରାଜ୍ୟସଭାର ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂହ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନ ଡିଓଏଲର ସଚିବ ଅଂଶୁଲି ଆରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଓ ଏୟାରଫାଇବରର ଶୁଭାରମ୍ଭ

ଭୁବନେଶ୍ୱର,୧୯।୯




ରିଲାଏନ୍ସ ଜିଓର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନେକୌଶଳରେ ନିର୍ମିତ 'ଜିଓ ଏୟାରଫାଇବର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ପବିତ୍ର ଗଣେଶ ପୂଜା ଅବସରରେ ଦେଶର ପ୍ରମୁଖ ୮ ମେଟ୍ରୋ ସହର ଦିଲ୍ଲୀ, ମୁମ୍ବାଇ, ହାଇଦ୍ରାବାଦ, କୋଲକାତା, ଅହମଦାବାଦ, ବେଙ୍ଗାଲୁରୁ, ଚେନ୍ନାଇ ଓ ପୁଣେରେ ଜିଓ ଏୟାରଫାଇବର ସେବାର ଆନୁଷ୍ଠାନିକ ଶୁଭାରମ୍ଭ କରାଯାଇଛି। ସେହିଭଳି ଜିଓ ପକ୍ଷରୁ ଏୟାରଫାଇବର ଓ ଏୟାରଫାଇବର୍ ମ୍ୟାକ୍ସ ନାମରେ ୨ଟି ପ୍ଲାନ୍ ମଧ୍ୟ ଘୋଷଣା କରାଯାଇଛି।

ଏ ସମ୍ପର୍କରେ ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍‌ର ଅଧ୍ୟକ୍ଷ ଆକାଶ ଅମ୍ବାନୀ କହିଛନ୍ତି, ଆମର ଫାଇବର-ଟୁ-ଦି-ହୋମ୍ ସେବା ଜିଓ ଫାଇବର ୧ କୋଟିରୁ ଅଧିକ ଗ୍ରାହକଙ୍କୁ ସେବା ପ୍ରଦାନ କରୁଛି, ପ୍ରତିଦିନ ହଜାର ହଜାର ଲୋକ ସେଥିରେ ଯୋଡ଼ି ହେଉଛନ୍ତି। କିନ୍ତୁ ବର୍ତ୍ତମାନ ବି ଲକ୍ଷ ଲକ୍ଷ ଘର ଓ ଛୋଟ ବ୍ୟବସାୟୀଙ୍କୁ ଯୋଡ଼ିବା କାର୍ଯ୍ୟ ବାକି ରହିଛି, ଜିଓ ଏୟାରଫାଇବର ସହିତ ଦେଶର ସବୁ ଘରକୁ ସମାନ ଗୁଣବତ୍ତାର ସେବା ସହିତ ଆମେ ଶୀଘ୍ର ଯୋଡ଼ିବୁ। ଜିଓ ଏୟାରଫାଇବର ଶିକ୍ଷା, ସ୍ୱାସ୍ଥ୍ୟ, ନିରୀକ୍ଷଣ ଓ ସ୍ମାର୍ଟ ହୋମ୍ କ୍ଷେତ୍ରରେ ନିଜସ୍ୱ ସମାଧାନ ଜରିଆରେ ଲକ୍ଷ ଲକ୍ଷ ଘରକୁ ବିଶ୍ୱସ୍ତରୀୟ ଡିଜିଟାଲ୍ ମନୋରଞ୍ଜନ, ସ୍ମାର୍ଟ ହୋମ୍ ସେବା ଏବଂ ବ୍ରଡ୍‌ବ୍ୟାଣ୍ଡ୍ ସେବା ପ୍ରଦାନ କରିବ। ଜିଓ ଏୟାରଫାଇବରକୁ ଅନଲାଇନ୍ ଓ ଅଫ୍‌ଲାଇନ୍‌ରେ ମଧ୍ୟ ବୁକିଂ କରାଯାଇପାରିବ।

# ଶାଲୁଙ୍କୁ ଇଣ୍ଟରନ୍ୟାଶନାଲ ଓମେନ ଅଫ୍ ଦି ଇୟର ପୁରସ୍କାର

ଭୁବନେଶ୍ୱର,୧୯।୯



ଶାଲୁ ଜିନ୍ଦଲ

ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର(ଜେଏସ୍‌ପି)ର ସାମାଜିକ ପ୍ରତିଷ୍ଠାନ 'ଜେଏସ୍‌ପି ଫାଉଣ୍ଡେଶନ'ର ଚେୟାରପର୍ସନ ଶାଲୁ ଜିନ୍ଦଲଙ୍କୁ ନିକଟରେ ଆଉ ଏକ ଅନ୍ତଃରାଷ୍ଟ୍ରୀୟ ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ଆମେରିକାର ଶିକାଗୋଠାରେ ଭାରତୀୟ ଦୂତାବାସର ସହଯୋଗରେ ଡିଟ୍ରାଇବାଲ୍ସ ଫାଉଣ୍ଡେଶନ୍ ଦ୍ୱାରା ଆୟୋଜିତ ସ୍ୱଦେଶୀ ମେଳା 'ଇଣ୍ଡିଆନ ଆମେରିକାନ ଟ୍ରେଡ୍ ଫେୟାର' ଅବସରରେ ଶାଲୁଙ୍କୁ ଇଣ୍ଟରନ୍ୟାଶନାଲ ଓମେନ ଅଫ୍ ଦି ଇୟର ପୁରସ୍କାରରେ ପୁରସ୍କୃତ (ସମ୍ମାନିତ) କରାଯାଇଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡ ଭଳି ରାଜ୍ୟର ଗ୍ରାମାଞ୍ଚଳ ତଥା ଆଦିବାସୀ ଅଞ୍ଚଳରେ ୧୦ ନିୟୁତ ଲୋକଙ୍କ ବିକାଶ ନିମନ୍ତେ ଉଲ୍ଲେଖନୀୟ ଅବଦାନ ପାଇଁ ଶାଲୁଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଅପରପକ୍ଷରେ ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସମାରୋହରେ ଶିକାଗୋସ୍ଥିତ ଭାରତ ଦୂତାବାସର କନ୍‌ସଲ୍ ଜେନେରାଲ୍ ସୋମନାଥ ଘୋଷ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିଭଳି ଏହି ସମ୍ମାନଜନକ ପ୍ରଶଂସା ପାଇବା ପରେ ଶାଲୁ ସମସ୍ତଙ୍କୁ କୃତଜ୍ଞତା ଜଣାଇବା ସହ ଭାରତରେ ଲୋକଙ୍କ ଜୀବନଶୈଳୀକୁ ଆହୁରି ସମୃଦ୍ଧ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଏପରିକି ଏହି ପୁରସ୍କାର ପାଇଥିବାରୁ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି। ଏହି ପୁରସ୍କାର ଟିମ୍ ଜେଏସ୍‌ପି ଫାଉଣ୍ଡେଶନର ସାମୂହିକ ପ୍ରୟାସର ଏକ ସ୍ୱୀକୃତି ହୋଇଥିବାବେଳେ ଦେଶ ତଥା ସମଗ୍ର ବିଶ୍ୱରେ ବଞ୍ଚିତ ତଥା ସାମାଜିକ ଦୁର୍ବଳବର୍ଗଙ୍କ ଉଜ୍ଜ୍ୱଳ ତଥା ଅଧିକ ଅନ୍ତର୍ଭୁକ୍ତି ଭବିଷ୍ୟତ ସୃଷ୍ଟି କରିବାକୁ ଆମର ପ୍ରଚେଷ୍ଟା ଜାରି ରହିବ ବୋଲି ଶାଲୁ ମତପ୍ରକାଶ କରିଛନ୍ତି। ସେହିପରି ଜେଏସ୍‌ପି ଫାଉଣ୍ଡେଶନର ଚେୟାରପର୍ସନ୍ ଭାବେ ଶାଲୁ ଜିନ୍ଦଲ ମୁଖ୍ୟତଃ ଛତିଶଗଡ଼, ଓଡ଼ିଶା ଓ ଝାଡ଼ଖଣ୍ଡ ଏବଂ ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ ଏବଂ ମହିଳା ସଶକ୍ତୀକରଣ ଏବଂ ସାମାଜିକ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ କରି ଆସୁଛନ୍ତି।

# ଟାଟା ଷ୍ଟିଲ୍‌କୁ ଫିମି ମାଇନିଂ ଇନୋଭେଶନ ପୁରସ୍କାର

ଭୁବନେଶ୍ୱର,୧୯।୯

ନୂଆଦିଲ୍ଲୀଠାରେ ଆୟୋଜିତ ଭାରତୀୟ ଖଣିଜ ଶିଳ୍ପ ମହାସଂଘ (ଫିମି) ପୁରସ୍କାର-୨୦୨୩ ସମାରୋହରେ ଟାଟା ଷ୍ଟିଲ୍‌ର ଯୋଡ଼ା ଇଷ୍ଟ ଲୁହାପଥର ଖଣିକୁ ମାଇନିଂ ଇନୋଭେଶନ ପୁରସ୍କାର ପ୍ରଦାନ କରାଯାଇଛି। କମ୍ପାନୀ ପକ୍ଷରୁ ଟାଟା ଷ୍ଟିଲ୍‌ର ଯୋଡ଼ା ମୁଖ୍ୟ ରାଜେଶ କୁମାରଙ୍କ ସହିତ ଯୋଡ଼ା ଇଷ୍ଟ ମଜଦୁର ସଂଘର ସାଧାରଣ ସମ୍ପାଦକ ରଣଜିତ ଦାସ, ଓଏମ୍‌କ୍ୟୁର ବରିଷ୍ଠ ପ୍ରବନ୍ଧକ(ଇମ୍ପ୍ରୁଭ୍‌ମେଣ୍ଟ) ଏ ଟି ନନ୍ଦିନୀ ଏବଂ ଟାଟା ଷ୍ଟିଲ୍‌ର ପ୍ରବନ୍ଧକ-ଆଇଆର୍‌ଏମ୍‌ଏସ୍‌ସି ଦେବଦତ୍ତ ଦେବ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

**GOVERNMENT OF ODISHA**
**WORKS DEPARTMENT**
**SHORT ADVERTISEMENT**
**No. WORKS-OE-I-MISCSB-0001-2022/15375/W**
**Bhubaneswar, Dated: 14.09.2023**
No. B-908: Applications are invited from the retired Group-D employees residing in Bhubaneswar Municipal Corporation area and within the age of 63 years of age for filling up of four (4) Number of Group-D Category post on consolidated remuneration basis as per FD O.M. No. 24533/F Dt.29.09.2022. The application should reach the Joint Secretary, Works Department, Lokaseva Bhawan, Bhubaneswar - 751001 by Regd./Speed Post by 30.09.2023 at 5 P.M. Application received after last date shall not be considered. The application form and the terms & conditions etc. are available in the Department's Website: **www.worksodisha.gov.in**.
**Sd./- Joint Secretary to Government**
OIPR-34001/11/0002/2324

# ଫୁର୍‌ସତ୍



ଟାଇଗର ଶ୍ରଫ

## ଦଶହରାରେ ଟାଇଗରଙ୍କ 'ଗଣପଥ'

ମୁମ୍ବାଇ

ବଲିଉଡ୍‌ର ଅଭିନେତା ଟାଇଗର ଶ୍ରଫ ଖୁବ୍‌ଶୀଘ୍ର ଏକ ସିନେମାରେ ତାଙ୍କର ଯାଦୁ ଦେଖାଇବାକୁ ଆସୁଛନ୍ତି। ଏନେଇ ସେ ଆସନ୍ତା ଫିଲ୍ମ 'ଗଣପଥ: ଏ ହିରୋ ଇଜ୍ ବର୍ନ'ର ଫାଷ୍ଟ ଲୁକ୍ ଶେୟାର କରିଛନ୍ତି। ସିନେମା 'ହିରୋପନ୍ତି' ପରେ ପୁଣିଥରେ ଟାଇଗରଙ୍କ ସହ ଅଭିନେତ୍ରୀ କ୍ରୀତି ସାନନ ଏକାଠି ନଜରକୁ ଆସିବେ। ନିର୍ଦ୍ଦେଶକ ବିକାଶ ବଲ ଗଣେଶ ଚତୁର୍ଥୀ ଅବସରରେ ସୋସିଆଲ ମିଡିଆରେ ଏକ ପୋଷ୍ଟର ଶେୟାର କରିଛନ୍ତି, ଯେଉଁଥିରେ ଟାଇଗରଙ୍କୁ ଦେଖିବାକୁ ମିଳିଛି। ବାସୁ ଭଗନାନି, ଜ୍ୟାକି ଭଗନାନି, ଦୀପଶିଖା ଦେଶମୁଖ ଏବଂ ବିକାଶ ବଲ ଚଳଚ୍ଚିତ୍ରରେ ପ୍ରଯୋଜନା କରିଛନ୍ତି। ମୁଭିରେ ବିଗ୍ ବି ଅମିତାଭ ବଚ୍ଚନ ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଚଳିତବର୍ଷ ଦଶହରା ଅବସରରେ ଅକ୍ଟୋବର ୨୦ରେ ସିନେମା ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବ। ଫିଲ୍ମ ବିଶ୍ୱବ୍ୟାପୀ ହିନ୍ଦୀ, ତେଲୁଗୁ, ତାମିଲ, ମାଲାୟଲମ୍, କନ୍ନଡ଼ ଆଦି ଭାଷାରେ ରିଲିଜ୍ ହେବ। ଫିଲ୍ମରେ ରେହମାନ୍, ଶାରିକ ଖାନ୍, ଏଲି ଆଭରରାମ୍, ଫୈସଲ ମହମ୍ମଦ ଆଦି କଳାକାରଙ୍କୁ ଦେଖିବାକୁ ମିଳିବ। ଟାଇଗର ୨୦୧୪ରେ 'ହିରୋପନ୍ତି'ରୁ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ 'ବାଗୀ', 'ଏ ଫ୍ଲାଇଂ ଜାଟ୍', 'ମୁନ୍ନା ମାଇକେଲ', 'ୱେଲକମ୍ ଟୁ ନ୍ୟୁୟର୍କ', 'ବାଗୀ ୨', 'ଷ୍ଟୁଡେଣ୍ଟ ଅଫ୍ ଦି ଇଅର ୨', 'ୱାର୍', 'ବାଗୀ ୩' ଆଦିରେ ନଜରକୁ ଆସିଥିଲେ। ଶେଷ ଥର ପାଇଁ ତାଙ୍କୁ 'ହିରୋପନ୍ତି-୨'ରେ ଦେଖିବାକୁ ମିଳିଥିଲା। ଏଥିସହ ତାଙ୍କୁ ଅନେକ ମ୍ୟୁଜିକ୍ ଭିଡିଓରେ ମଧ୍ୟ ଦେଖିବାକୁ ମିଳିଛି। ଆଗକୁ ତାଙ୍କ ହାତରେ ଆଉ ୨ଟି ଫିଲ୍ମ ରହିଛି।

## ଭବିଷ୍ୟତ ଆମ୍ବୁଲାନ୍ସ



ସାକ୍ରାମେଣ୍ଟୋ

କେତେବେଳେ ଲୋକଙ୍କ ଦେହ ଅଚାନକ ଖରାପ ହୋଇଯିବ, ତାହା କହି ହେବନି। ଏଥିପାଇଁ ଲୋକେ ବହୁ ପ୍ରକାରର ଔଷଧ ସାଙ୍ଗରେ ରଖିଥାନ୍ତି। କିନ୍ତୁ ଦେହ ଖରାପ ହେଲେ ହସ୍ପିଟାଲରେ ପହଞ୍ଚିବା ସବୁ ସମୟରେ ସମ୍ଭବ ହୋଇ ନ ଥାଏ। ଏଥିଯୋଗୁ ଅନେକଙ୍କ ମୃତ୍ୟୁ ମଧ୍ୟ ହୋଇଥାଏ। ଯଦି ଏପରି ଗୋଟିଏ ଉଡ଼ନ୍ତା ଆମ୍ବୁଲାନ୍ସ ଆସନ୍ତା ଆଉ ଲୋକଙ୍କୁ ଠିକ୍ ସମୟରେ ହସ୍ପିଟାଲରେ ପହଞ୍ଚାନ୍ତା, ତେବେ ସେମାନଙ୍କ ଚିକିତ୍ସା ସହଜରେ ହୋଇପାରିବ। ଭବିଷ୍ୟତରେ ଏପରି ଏକ ଉଡ଼ନ୍ତା ଆମ୍ବୁଲାନ୍ସ ଆସିବାକୁ ଯାଉଛି, ଯାହାକୁ ଭବିଷ୍ୟତର ଆମ୍ବୁଲାନ୍ସ ବୋଲି କୁହାଯାଉଛି। ତାହାର ସ୍ପିଡ୍ ୨୮୮ ଏମ୍‌ପିଏଚ୍ ରହିବ। ଏଥିସହ ଏହା ୮ ମିନିଟ୍‌ରେ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇବ। ତେବେ ଏପରି ଯୋଜନାର ଏକ ଭିଡିଓ ପ୍ରସ୍ତୁତ କରାଯାଇଛି। ଖୁବ୍‌ଶୀଘ୍ର ଏହାକୁ ଆଣିବାକୁ ଚିନ୍ତା କରାଯାଉଛି। ଏହି ଭବିଷ୍ୟତ ଆମ୍ବୁଲାନ୍ସକୁ ବ୍ୟବହାର କରି ଉପାନ୍ତ ଅଞ୍ଚଳରୁ ଲୋକଙ୍କୁ ହସ୍ପିଟାଲରେ ପହଞ୍ଚାଯାଇପାରିବ। ଏବେ ଏହାର ଏକ ମଡେଲ ପ୍ରସ୍ତୁତ କରାଯାଇଛି। ଏଥିରେ କ୍ରୁ ସଦସ୍ୟ ଭାବେ ୨ ଜଣ ଲୋକ ରହିବେ। ଏହି ପ୍ରୋଜେକ୍ଟକୁ କାଲିଫର୍ନିଆର ଜମ୍ପ ଏରୋ କମ୍ପାନୀ ଶେୟାର କରିଛି। ଆମେରିକାର ଏକ କମ୍ପାନୀ ଏହି ଯୋଜନା ଶୁଣିବା ପରେ ସେ ୩୦ କୋଟି ଟଙ୍କାର ଏକ ଚୁକ୍ତିରେ ଦସ୍ତଖତ କରିଛି। ଏଥିସହ ଜମ୍ପ ଏରୋକୁ ଡେନ୍‌ମାର୍କର ଏକ ଆମ୍ବୁଲାନ୍ସ ସର୍ଭିସ କମ୍ପାନୀ ପକ୍ଷରୁ ଅର୍ଡର ମିଳିସାରିଛି।

## ସମସ୍ତଙ୍କ ଘରେ ନିଜସ୍ୱ ବିମାନ



ଇଂଲଣ୍ଡ

ବର୍ତ୍ତମାନ ସମୟରେ ପ୍ରତ୍ୟେକଙ୍କ ଘରେ କିଛି ନା କିଛି ଯାନବାହନ ନିହାତି ଥିବ। ସେ ସାଇକେଲ ହେଉ କିମ୍ବା ବାଇକ୍ କି ଦାମୀ କାର୍। ଲୋକେ ତାଙ୍କ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ତାକୁ ବ୍ୟବହାର କରିଥାନ୍ତି। ହେଲେ ଏକ ଜାଗା ଅଛି, ଯେଉଁଠାରେ ପ୍ରତ୍ୟେକଙ୍କ ଘରେ ଦୁଇଚକିଆ କିମ୍ବା ୪ ଚକିଆ ନୁହେଁ ବିମାନ ରହିଛି। ସେମାନଙ୍କ ପାଇଁ ତାହା ସାମାନ୍ୟ। ସେମାନେ କିଛି ଛୋଟ କାମ ପାଇଁ ହେଉ ପଛେ ସେହି ବିମାନ ବ୍ୟବହାର କରିଥାନ୍ତି। ଆମେରିକାର କାଲିଫର୍ନିଆରେ ଏକ ସ୍ଥାନ ରହିଛି, ଯେଉଁଠାରେ ସମସ୍ତଙ୍କ ଘର ସମ୍ମୁଖରେ ଏକ ଉଡ଼ାଜାହାଜ ଠିଆ ହୋଇଛି। ସେମାନଙ୍କୁ କେଉଁଠାକୁ ଯିବାକୁ ହେଲେ, ସେମାନେ ତାଙ୍କ ଉଡ଼ାଜାହାଜକୁ ନେଇ ଯାଆନ୍ତି। କାଲିଫର୍ନିଆର କେମରନ୍ ଏୟାରପାର୍କ ନାମକ ସହରର ସଡ଼କ ସାଧାରଣଠାରୁ ଅଧିକ ଚଉଡ଼ା । ଏହା ଫଳରେ ଏହି ରାସ୍ତାରେ ବିମାନ ଯାତ୍ରା ହୋଇପାରିବ। ହେଲେ ଏଠାରେ ପ୍ରଶ୍ନ ଉଠୁଛି ଯେ ସମସ୍ତେ ତ ଉଡ଼ାଜାହାଜ ଚଲାଇ ପାରିବେନି। ତେବେ ଏଠାରେ ରହୁଥିବା ସମସ୍ତେ ଜଣେ ଜଣେ ପାଇଲଟ। ସେମାନେ ନିଜ ନିଜ ଉଡ଼ାଜାହାଜ ନିଜେ ନେଇ ଯାଇଥାନ୍ତି। ଏଠାରେ ରହୁଥିବା ଲୋକ ପ୍ରତି ଶନିବାର ଏକାଠି ହୋଇ ଉଡ଼ାଜାହାଜ ନେଇ ଏୟାରପୋର୍ଟକୁ ଯାଇଥାନ୍ତି। ରିପୋର୍ଟ ମୁତାବକ, ଆମେରିକାରେ ମୋଟ ୬୦୦ରୁ ଊର୍ଦ୍ଧ୍ୱ ଏୟାର ପାର୍କ ରହିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏପରି ବହୁତ ଏୟାର ଫିଲ୍ଡ ପ୍ରସ୍ତୁତ କରାଯାଇଥିଲା। ତାକୁ ପରେ ବଦଳା ନ ଯାଇ ପରେ ରେସିଡେନ୍ସିଆଲ ଏୟାର ପାର୍କ କରିଦିଆଗଲା। ଏଠାରେ କେବଳ ରିଟାୟାର୍ଡ ମିଲିଟାରି ପାଇଲଟ ହିଁ ରହିଥାନ୍ତି। ୧୯୪୬ ମସିହା ବେଳକୁ ଆମେରିକାରେ ମୋଟ ୪ ଲକ୍ଷ ପାଇଲଟ ଥିଲେ, ଯେଉଁମାନେ ଏପରି ଏୟାରପାର୍କରେ ରହିବାକୁ ଆରମ୍ଭ କଲେ। କେମରନ୍ ପାର୍କ ୧୯୬୩ରେ ହୋଇଥିଲା। ଏଠାରେ ମୋଟ ୧୨୪ ଘର ରହିଛି।

**ନୂଆଁଖାଇ ଜୁହାର - ୨୦୨୩**

ସୁବର୍ଣ୍ଣପୁର ଚାଷୀଭାଇ, ମା, ବହେନ୍‌ମାନଙ୍କୁ ଓ ପଶ୍ଚିମ ଓଡ଼ିଶାର ଭାଇ ବହେନ୍ ସବ୍‌କୁ ପଶ୍ଚିମ ଓଡ଼ିଶାର ଗଣପର୍ବ ''ନୂଆଁଖାଇର୍ ଜୁହାର୍''। ମାଁ ସୁରେଶ୍ୱରୀ, ମାଁ ଅଷ୍ଟଚଣ୍ଡୀ, ପ୍ରଭୁ ସୁବର୍ଣ୍ଣମେରୁ ଓ ବାବା ରାମେଶ୍ୱରଙ୍କ ଅପାର କରୁଣାରୁ ଇ ବଛର୍ ଜୋଲ୍‌ଖୋଲ୍ ହେଇକି ବରଷା ହେଉ ଆରୁ ଆମର୍ ଚାଷୀଭାଇମାନଙ୍କର ମା'ଲକ୍ଷ୍ମୀଙ୍କର କୃପାଥୁ ଭଣ୍ଡାର ଘର୍ ଉଛୁଳି ପଡୁ ଆର୍ ୨୦୨୩ ବଛର୍ ସବ୍‌କର ମଙ୍ଗଳ ହେଉ।

୧. କୃଷି ଓ ଆନୁଷଙ୍ଗିକ କୃଷି ସମ୍ବନ୍ଧୀୟ ଯୋଜନାର ସୁବିଧା ସୁଯୋଗ ପାଇଁ କୃଷକ ଓଡ଼ିଶା ପୋର୍ଟାଲରେ ପଞ୍ଜୀକରଣ ଓ ତଥ୍ୟ ସଂଶୋଧନ କରନ୍ତୁ।
୨. ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଯେ ମୃତ୍ତିକା ପରୀକ୍ଷା କରି ସୁଷମ ସାର ପ୍ରୟୋଗ ସହିତ ଜୈବିକ ପଦ୍ଧତି ଅବଲମ୍ବନ କରନ୍ତୁ।
୩. କୃଷି, ପଶୁପାଳନ, ମତ୍ସ୍ୟ ଓ ଉଦ୍ୟାନ କୃଷି ସମ୍ବନ୍ଧୀୟ ପ୍ରକଳ୍ପ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପୋର୍ଟାଲରେ ଆବେଦନ କରି ୪୦ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପାଆନ୍ତୁ ଓ ସ୍ୱାବଲମ୍ବୀ ହୁଅନ୍ତୁ।
୪. ଧାନ ଫସଲ ବଦଳରେ ଅଣଧାନ ଫସଲକୁ ଫସଲ ପର୍ଯ୍ୟାୟରେ ସାମିଲ କରନ୍ତୁ ଏବଂ ସମନ୍ୱିତ ଚାଷକୁ ଆପଣେଇ ଅଧିକ ଲାଭବାନ ହୁଅନ୍ତୁ।
୫. ଚାଷ ସମ୍ବନ୍ଧୀୟ ବିଭିନ୍ନ ପରାମର୍ଶ ପାଇଁ ଆପଣଙ୍କ ଗ୍ରାମ୍ୟ କୃଷି କର୍ମଚାରୀ କିମ୍ବା ସହକାରୀ କୃଷି ଅଧିକାରୀଙ୍କ ସହିତ ଯୋଗାଯୋଗ କରନ୍ତୁ।

ଶ୍ରୀଯୁକ୍ତ ଡ. ବିଭୂତିଭୂଷଣ ମିଶ୍ର, ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା ତଥା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସୁବର୍ଣ୍ଣପୁର
ଶ୍ରୀଯୁକ୍ତ ବିମଳେନ୍ଦୁ ରାୟ, ଜିଲ୍ଲାପାଳ ତଥା ଅଧ୍ୟକ୍ଷ, ଆତ୍ମା, ସୁବର୍ଣ୍ଣପୁର

Unleashing Values
आईआरईएल(इंडिया) लिमिटेड
**ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍**
(ପୂର୍ବରୁ ଇଣ୍ଡିଆନ ରେଆର୍ ଆର୍ଥସ୍ ଲିମିଟେଡ୍)
ରେଆର୍ ଆର୍ଥସ୍ ଡିଭିଜନ, କୋଚି, କେରଳ, ଇମେଲ୍: purchase-red@irel.co.in
ସିଆଇଏନ୍: ୟୁ୧୫୦୦୦ଏମ୍‌ଏଚ୍୧୯୫୦ଜିଓଆଇ୦୦୮୧୮୭
ଏକ ଆଇଏସ୍‌ଓ ୯୦୦୧, ୧୪୦୦୧ ଏବଂ ୪୫୦୦୧ କମ୍ପାନୀ
आज़ादी का अमृत महोत्सव
G20

**ଟେଣ୍ଡର ବିଜ୍ଞପ୍ତି**
ଆଇଆର୍‌ଇଏଲ୍ (ଇଣ୍ଡିଆ) ଲିମିଟେଡ୍, ରେଆର୍ ଆର୍ଥସ୍ ଡିଭିଜନ ନିମ୍ନଲିଖିତ ସାମଗ୍ରୀ/କାର୍ଯ୍ୟ ବର୍ଣ୍ଣନା ପାଇଁ ଟେଣ୍ଡର ଆହ୍ୱାନ କରୁଛି:

| ସାମଗ୍ରୀ/କାର୍ଯ୍ୟର ବର୍ଣ୍ଣନା | ଜିଇଏମ୍ ପୋର୍ଟାଲରେ ଟେଣ୍ଡର ଉପଲବ୍ଧତା |
|---|---|
| କଷ୍ଟିକ୍ ସୋଡା ଲାଏର ଯୋଗାଣ | ତା୨୦।୦୯।୨୦୨୩ରିଖ ୧୪.୦୦ ଘଟିକା |

ବିବରଣୀ ପାଇଁ ନିମ୍ନଲିଖିତ ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ:
gem.gov.in, http://bit.ly/cpppirelil, www.irel.co.in/tender-information
ଉପରୋକ୍ତ ଟେଣ୍ଡରର ଯେକୌଣସି ଶୁଦ୍ଧିପତ୍ର/ସମୟ ବୃଦ୍ଧି କେବଳ ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକରେ ପ୍ରକାଶିତ ହେବ।
ତାରିଖ: ୨୦।୦୯।୨୦୨୩
ଜିଏମ୍ ଏବଂ ମୁଖ୍ୟ, ଆର୍‌ଇଡି
CBC 48129/12/0026/2324

1. The Chief Construction Engineer, Northern (R&B) Circle, Sambalpur on behalf of Governor of Odisha invites Percentage Rate bids in Double Cover System in ONLINE MODE for the construction of Road Works and Building works as detailed in the DTCN from the eligible class of contractors.
2. No. of Works : 10 (TEN) (Road and Bridges)
3. Tender Cost : Rs.10,000/-
4. Class of Contractor : "B" Class, "A" Class and "Special"
5. Date & time of available in website & receipt of Bids : From 21.09.2023 to 17.00 hours of 05.10.2023
6. Date of opening of technical Bid : 06.10.2023 at 11.00 hours
7. The bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum/addendum will be displayed in the website www.tendersodisha.gov.in.

Sd./- Chief Construction Engineer
Northern (R&B) Circle, Sambalpur

OIPR-34035/11/0018/2324

---

GOVERNMENT OF ODISHA No. O-1072

## OFFICE OF THE EXECUTIVE ENGINEER, RURAL WORKS DIVISION-II, DHENKANAL, KAMAKHYANAGAR

E-Mail: rw.kamakhyanagar@yahoo.co.in

**e-Procurement Notice No. 05 Building Work/2023-24**

1. Name of the Work : Building Works
2. Total No. of Works : 4 (Four) Nos.
3. Tender Cost : Rs.68.58 to 90.03 lakhs (Approx.)
4. Class of Contractor : "B" Class
5. Period of Completion : 03 Calendar Months
6. Availability of Tender Online for Bidding : 21.09.2023 at 11.00 A.M. to 28.09.2023 upto 5.00 P.M.
7. Last date & time of seeking tender clarification : 27.09.2023 upto 4.00 P.M.
8. Date & Time of opening of Technical Bid : 30.09.2023 at 11.00 A.M.
9. Date & Time of opening of Financial Bid : Intimated later on

Other details can be seen from the website http://tendersorissa.gov.in.

Sd./- Executive Engineer
R.W. Division-II, Dhenkanal
Kamakhyanagar

OIPR-25094/11/0006/2324

---

## OFFICE OF THE CDO-cum-EO ZILLA PARISHAD, NABARANGPUR

At: Majhiguda, P.O./Dist.: Nabarangpur, PIN Code: 764059
E Mail: dwsmngp@gmail.com

Advertisement No. 4444 Date: 16.09.2023

**Invitation of Application for Biogas Plant under GOBARdhan Scheme of SBM-(G)**

No. CAD-2119: Applications are invited from Comunity Groups and Institutions running Gaushalas like Trusts. Milk Unions Cooperatives. NGOs and FPOs having cattle population of 15 or more inside a single premise in rural areas to establish community-level biogas plants under the GOBARdhan Scheme of SBM-G. Please refer to Website **https://panchayat.odisha.gov.in/** for complete information, guidelines and application format. The application format can be downloaded from the website and submitted to the CDO-cum-EO, Zilla Parishad, Nabarangpur. The last date & time of submission of application is Dated: 16.11.2023, Time: 03.00 P.M.

For any queries, please contact: DWSM, Section, ZP, Nabarangpur (Contact No. 8917606356, 6370072946).

Sd./- CDO-cum-EO
Zilla Parishad, Nabarangpur

OIPR-19233/11/0001/2324

---

## ODISHA PUBLIC SERVICE COMMISSION

19, DR. P.K. PARIJA ROAD, CUTTACK-753001

**NOTICE**

No. 7236/P.S.C., Dt.18.9.23
(DR - IV) (2PS-02-2023-24)

**CORRIGENDUM TO ADVERTISEMENT NO.11 OF 2023-24 FOR RECRUITMENT TO THE POST OF MINING OFFICER**

**No.D-134:-** This is for information of all concerned that the vacancy position mentioned in Para-2 of the Advertisement No. 11 of 2023-24 has been revised as under with reference to the instructions of Govt. in Steel & Mines Department vide letter No. 8951/SM, dt.02.09.2023.

| Sl. No. | Category | No. of Vacancies |
|---|---|---|
| 1. | Unreserved | 31 (10-w) |
| 2. | SEBC | 06 (02-w) |
| 3. | Scheduled Caste | 09 (03-w) |
| 4. | Scheduled Tribe | 14 (05-w) |
| | **Total** | **60 (20-w)** |

The No. of posts reserved for Sports Persons and Persons with Disabilities is given below:-

| Sl. No. | Category | No. of Vacancies |
|---|---|---|
| 1. | Sports Persons | 01 |
| 2. | Persons with Disabilities **Hearing Impairment (HI)** | 02 |

The candidates belonging to Sports Person and Persons with Disabilities (having 40% & more permanent disabiliteis) shall be adjusted against their respective categories to which they belong.

Moreover, the link for online submission of application forms will be re-opened and available from 25.09.2023 to 09.10.2023. The candidates who have submitted their online application earlier with reference to the Advertisement No.11 of 2023-24 need not apply again.

All other terms and conditions of the Advertisement of the said recruitment shall remian unchanged.

OIPR-12002/11/0096/2324 **Sd./- Secretary**

---

## OFFICE OF THE PANCHAYAT SAMITI PAIKMAL, DIST- BARGARH

1st corrigendum to
Tender Call Notice No. Online - 01/2023-24, Dist-Bargarh
No. 4177 Dated 16.09.2023

**No.i-387:**The following changes has been made to the Tender Call notice No 01 of 2023-24.

The Class of contractor for serial No- 3 and 5 Tender call notice No-01/2023-24 may be read as "B" class instead of "B & C" class. As per Letter No- 12586/W, Dated 9th September, 2022 of Works Department, Odisha, Bhubaneswar.

In case, any bidder of "C" Class category has submitted tender for the above serial Nos. they are requested to withdraw their bid within the bidding period for early refund of tender cost and bid security.

All other terms & conditions as laid down in the above tender call notice will remain unchaged.

Sd./- Block Development Officer, Paikmal

OIPR-19175/11/0001/2324

---

## ODISHA PUBLIC SERVICE COMMISSION CUTTACK

No. 7216 /PSC, Dt.18.9.23
1E-15-2023/24 (DR-III)

**CORRIGENDUM NOTICE**

**No.D-133:-** It is for information of all concerned that the Commission has fixed minimum qualifying marks as 30% (thirty percent) in the written examination for Special Drive recruitement to the posts of Assistant Fisheries Officer, as per Para-5(v) of the advertisement No.16 of 2023-24.

All other terms and conditions of the advertisement shall remain unchanged.

OIPR-12002/11/0095/2324 **Sd./- Secretary**

---

## ADVERTISEMENT FOR SUPPLY OF 02 NOS. OF DENTAL RVG MACHINE FOR X-RAY OF DENTAL DEPT. TO THE BHIMA BHOI MEDICAL COLLEGE & HOSPITAL, BALANGIR

**No.E-426:**Sealed Tender is invited from organization/firms/ Agencies for Supply of 02 nos. of Dental RVG Machine for X-Ray of Dental Dept. to Bhima Bhoi Medical College & Hospital, Balangir. The Tender Paper completed in all respect should be submitted separately for the services to the undersigned on or before dt.09.10.2023 up to 04.00 P.M. in the office of the Superintendent, BBMC&H, Balangir. The details and terms & conditions can be downloaded from https://bbmchbalangir.nic.in. www.dmetodisha.gov.in.

Sd./- Superintendent
Bhima Bhoi Medical College & Hospital, Balangir

OIPR-10141/11/0012/2324

---

## BHUBANESWAR MUNICIPAL CORPORATION

**e- Procurement Notice**

Letter No.44206, Dt.16.9.23
e-Mail: ee2@bmc.gov.in
BID Identification No- BMC-DIV-II-14/2023-24 Dtd.16.09.23

**No.C-1454:**On behalf of the Commissioner, Bhubaneswar Municipal Corporation, City Engineer, BMC invites Percentage Rate Bids for the work mentioned below through e-Procurement in conformity with the terms and conditions of the Detailed Tender Call Notice (DTCN) in Two Bid system from intending bidders fulfilling the eligibility criteria mentioned in the DTCN. Each bid should be submitted on-line through the website **www.tendersodisha.gov.in** by eligible bidders.

1. Total No. of works: 1 (One)
2. Estimated cost- Rs.1,69,30,247.00
3. Class of contractor- "B" & "A" Class
4. Period of completion: 06 (Six) Calendar Months
5. Date and Time of Availability of Bid document in the portal: From 11.00 AM of 18.09.23 to 05.00 PM of 3.10.2023
6. Last date/time of submission of bids in the portal:05.00 PM of 03.10.23.
7. Date of opening of Technical Bid from Portal: 11.30 AM of 4.10.23.
9. Date of Opening of Financial Bid:Will be communicated later.

Further details can be seen from the e-Procurement portal https://www.tendersodisha.gov.in. Any addendum/corrigendum/cancellation of tender can also be seen in the said website.

Sd./- City Engineer
Bhubaneswar Municipal Corporation

OIPR-13002/11/0156/2324

---

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

No.CAD-2122:

## OFFICE OF THE CHIEF GENERAL MANAGER (P&C) IDCO, IDCO TOWERS, BHUBANESWAR-751022

Tender Call Notice No. H.O./P&C/EST-E-2355/04/03/2023/29589
Dated: 16.09.2023

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

| Sl. No. | Name of Work | Value of Work (Approx) | Period of Completion |
|---|---|---|---|
| 1 | Providing, Laying, testing Commissioning of D.I. (K-9) Pipes and construction of clear water reservoir for water supply to Paradeep Industrial Estate, Paradeep under MSE-CDP Scheme. | Rs.73.00 Lakhs | 03 (Three) Calendar Months |

**1. Other details:**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C) IDCO, IDCO Towers, Bhubaneswar-751022 | Bid Id No.P&C/EST/E-120/2023-24 | 17.00 Hours of Dt.21.09.2023 | 17.00 Hours of Dt.05.10.2023 |

Further details can be seen from the e-Procurement Portal www.tendersodisha.gov.in. Corrigendum or addendum if any will not be published in newspapers and can only be seen in the e-Procurement portal www.tenderodisha.gov.in as well as IDCO website www.idco.in.

Sd./- Chief General Manager (P&C)
IDCO, Bhubaneswar

OIPR-14003/11/0217/2324

---

No.H-30

## ବରଗଡ଼ ନିୟନ୍ତ୍ରିତ ବଜାର କମିଟିର ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼

**ନିର୍ବାଚନ ବିଜ୍ଞାପନ**

ବିଜ୍ଞାପନ ସଂଖ୍ୟା ୧/ତାରିଖ: ୧୫.୦୯.୨୦୨୩

୧. ୧୯୫୬ ମସିହା ଓଡ଼ିଶା କୃଷିଜାତ ଦ୍ରବ୍ୟ ବିପଣନ ଧାରା – ୬ ଓ ୧୯୫୮ ମସିହା ଓଡ଼ିଶା କୃଷିଜାତ ଦ୍ରବ୍ୟ ବିପଣନ ନିୟମ ୫ (୧, ୨ ଏବଂ ୩) ଏବଂ ଆଇନ – ୬ ଅନୁଯାୟୀ ଜିଲାପାଳ, ବରଗଡ଼ଙ୍କ ଆଦେଶ ସଂଖ୍ୟା– ୫୬୪୧, ତାରିଖ ୧୮.୦୪.୨୦୨୩ ଦ୍ୱାରା କ୍ଷମତାପ୍ରାପ୍ତ , ଆମ୍ଭେ ଶ୍ରୀ ତୃପ୍ତି କଲ୍ୟାଣ ସେଠୀ, ଉପନିବନ୍ଧକ, ସମବାୟ ସମିତି ସମୂହ, ବରଗଡ଼ ବିଭାଜନ, ବରଗଡ଼ ତଥା ବରଗଡ଼ ନିୟନ୍ତ୍ରିତ ବଜାର କମିଟିର ନିର୍ବାଚନ ଅଧିକାରୀ ଭାବରେ ଏତଦ୍ୱାରା ଘୋଷଣା କରୁଅଛୁ ଯେ, ବରଗଡ଼ ନିୟନ୍ତ୍ରିତ ବଜାର କମିଟିର ପରିଚାଳନା ପରିଷଦର ସଭ୍ୟ ନିର୍ବାଚନ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କୃଷକ ସଂଗଠନ ନିର୍ବାଚନ ମଣ୍ଡଳୀରୁ ୮ (ଆଠ) ଜଣ, ବ୍ୟବସାୟୀ ନିର୍ବାଚନ ମଣ୍ଡଳୀରୁ ୪ (ଚାରି) ଜଣ ଓ ସ୍ଥାନୀୟ ପ୍ରାଧିକାରୀ ଯଥା ବିଜ୍ଞାପିତ ଅଞ୍ଚଳ ପରିଷଦର ୧ (ଏକ) ଜଣ ଏବଂ ଗ୍ରାମ ପଞ୍ଚାୟତ ନିର୍ବାଚନ ମଣ୍ଡଳୀରୁ ୧ (ଏକ) ଜଣ, ଏହିପରି ସମୁଦାୟ ୧୪ (ଚଉଦ) ଜଣ ନିର୍ବାଚିତ ହେବେ ।

୨. ଅତଏବ, ବରଗଡ଼ ନିୟନ୍ତ୍ରିତ ବଜାର କମିଟିର ପରିସୀମାଭୁକ୍ତ, ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କୃଷକ ସଂଗଠନ ସେମାନଙ୍କର ତାଲିକାଭୁକ୍ତ ସଦସ୍ୟମାନଙ୍କର ନାମ, ପିତା କିମ୍ୱା ସ୍ୱାମୀଙ୍କ ନାମ, ବୟସ ଓ ସମ୍ପୂର୍ଣ୍ଣ ଠିକଣା ସହ ଉକ୍ତ ସଂଗଠନର ସ୍ୱୀକୃତିପ୍ରାପ୍ତ ଆଦେଶନାମାର ପ୍ରମାଣପତ୍ରର ନକଲ (ଗେଜେଟେଡ ଅଧିକାରୀଙ୍କ ଦ୍ୱାରା ଆଟେଷ୍ଟେଡ୍ କରାଯାଇଥିବା ସହ) ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ବରଗଡ଼, ଜିଲ୍ଲା ବରଗଡ଼ଙ୍କଠାରେ ତାରିଖ ୧୦.୧୦.୨୦୨୩ ମଧ୍ୟରେ ପହଞ୍ଚିବା ଆବଶ୍ୟକ ।

୩. (କ) ପୌର ପରିଷଦ/ବରପାଲି ବିଜ୍ଞାପିତ ଅଞ୍ଚଳ ପରିଷଦର କାଉନସିଲରମାନଙ୍କ ମଧ୍ୟରୁ ପରିଷଦ ସଭାରେ ବଛାଯାଇଥିବା ୧ ଜଣ କାଉନସିଲରଙ୍କ ନାମ, ପିତା କିମ୍ୱା ସ୍ୱାମୀଙ୍କ ନାମ, ବୟସ ଓ ସମ୍ପୂର୍ଣ୍ଣ ଠିକଣା ସହ ଉକ୍ତ ପ୍ରାଧିକାରୀ ସଂସ୍ଥାର ମୋହର, ସ୍ୱାକ୍ଷର ତଥା ପୌର ପରିଷଦ/ ବିଜ୍ଞାପିତ ଅଞ୍ଚଳ ପରିଷଦର ସଭାରେ ଗୃହୀତ ପ୍ରସ୍ତାବର ନକଲ ତାରିଖ ୧୦.୧୦.୨୦୨୩ ମଧ୍ୟରେ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ବରଗଡ଼, ଜିଲ୍ଲା ବରଗଡ଼ଙ୍କଠାରେ ପହଞ୍ଚିବା ଆବଶ୍ୟକ ।

(ଖ) ବରଗଡ଼ ନିୟନ୍ତ୍ରିତ ବଜାର କମିଟିର ପରିସୀମା ଅନ୍ତର୍ଗତ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରୁ ୩ ଜଣ ବଛା ଯାଇଥିବା ସଭ୍ୟଙ୍କ ନାମ, ପିତା କିମ୍ୱା ସ୍ୱାମୀଙ୍କ ନାମ, ବୟସ ଓ ସମ୍ପୂର୍ଣ୍ଣ ଠିକଣା, ଗ୍ରାମ ପଞ୍ଚାୟତର ମୋହର, ଗ୍ରା.ପ. ନିର୍ବାହୀ ଅଧିକାରୀଙ୍କ ସ୍ୱାକ୍ଷର ତଥା ଗ୍ରାମ ପଞ୍ଚାୟତର ସଭାରେ ଗୃହୀତ ପ୍ରସ୍ତାବ ସହ ସଭା ବିବରଣୀର ନକଲ ତାରିଖ ୧୦.୧୦.୨୦୨୩ ମଧ୍ୟରେ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ବରଗଡ଼ଙ୍କଠାରେ ପହଞ୍ଚିବା ଆବଶ୍ୟକ ।

୪. ବ୍ୟବସାୟୀ ନିର୍ବାଚନ ମଣ୍ଡଳୀ ନିମନ୍ତେ, ୨୦୨୨–୨୩ (ତାରିଖ ୦୧.୧୧.୨୦୨୨ରୁ ୩୧.୧୦.୨୦୨୩) କୃଷି ବିପଣନ ବର୍ଷ ଅବଧି ନିମନ୍ତେ ଲାଇସେନ୍ସପ୍ରାପ୍ତ ବ୍ୟବସାୟୀଙ୍କ ନାମ, ଲାଇସେନ୍ସ ନମ୍ବର, ସମ୍ପୂର୍ଣ୍ଣ ଠିକଣା ଓ ସମ୍ପୂର୍ଣ୍ଣ ତଥ୍ୟ ସହ ତାରିଖ ୧୦.୧୦.୨୦୨୩ ମଧ୍ୟରେ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ବରଗଡ଼ ପ୍ରସ୍ତୁତ କରିବେ । ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ବରଗଡ଼ ସମସ୍ତ ନିର୍ବାଚନମଣ୍ଡଳୀର ଭୋଟର ତାଲିକାର ନକଲ ନିର୍ବାଚନ ଅଧିକାରୀଙ୍କୁ ତାରିଖ ୧୫.୧୦.୨୦୨୩ ସୁଦ୍ଧା ଦାଖଲ ଦେବେ ।

୫. ପ୍ରକାଶଥାଉକି, ପ୍ରାଥମିକ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ, ଉପରୋକ୍ତ ତାଲିକା ଓ ଅନ୍ୟାନ୍ୟ ପ୍ରମାଣ ଧାର୍ଯ୍ୟ ସମୟ ମଧ୍ୟରେ ପହଞ୍ଚି ନ ପାରିଲେ, ତାହା ଗ୍ରହଣଯୋଗ୍ୟ ହେବନାହିଁ । ନିର୍ବାଚନ ସମ୍ବନ୍ଧୀୟ ସବିଶେଷ ବିଜ୍ଞପ୍ତି ଯଥା ସମୟରେ ପ୍ରକାଶନ କରାଯିବ ।

ସ୍ୱା./- (ଶ୍ରୀ ତୃପ୍ତି କଲ୍ୟାଣ ସେଠୀ)
ଉପ ନିବନ୍ଧକ, ସମବାୟ ସମିତି ସମୂହ, ବରଗଡ଼ ତଥା
ନିର୍ବାଚନ ଅଧିକାରୀ, ବରଗଡ଼ ନିୟନ୍ତ୍ରିତ ବଜାର କମିଟି

OIPR-07041/11/0005/2324

---

## OFFICE OF THE CHIEF DEVELOPMENT OFFICER-cum-EXECUTIVE OFFICER

ZILLA PARISHAD, NAYAGARH
(DISTRICT WATER & SANITATION MISSION)
Phone" 06753-252051, e-mail: dwsm.sbm.ngr@gmail.com

**Invitation of Application for Biogas Plant under GOBARdhan Scheme**

No. CAD-2128: Applications are invited from Community Groups and Institutions running Gaushalas like Trusts, Milk Unions/Cooperatives, NGOs and FPOs having cattle Population of 15 or more inside a Single premise in rural areas, to establish Community-level biogas plants under the GOBARdhan Scheme of SBM-G. Please refer to website **https://panchayat.odisha.gov.in/** for complete information, guidelines and application format. The application format can be downloaded from the website and submitted to the CDO-cum-EO, Zilla Parishad, Nayagarh. The last date and time of submission of application is **18.11.2023 by 03.00 P.M.**

For any queries, please contact **DWSM Section, ZP Nayagarh (Contact No. 8249376103/9937509900)**.

Sd./- Chief Development Officer-cum-EO
Zilla Parishad, Nayagarh

OIPR-19262/11/0002/2324

---

**Government of Odisha, e-Procurement Notice**

## INVITATION FOR BIDS (IFB)

**Bid Identification No. C.C.E.DKL (R&B) 14/2023-24**

E-mail Id: sedklpwd@gmail.com

Letter No. 2802 Dt.13.09.2023

No. B-924: The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in Double Cover System to be received in ONLINE MODE from eligible contractors for construction of Building, Road & Bridge works as detailed below:

1. Name of the work : Road Works
2. No. of works : 5 (Five) Nos.
3. Estimated Cost : Rs.3.42 Crore to Rs.8.14 Crore (as given in Column No. 03 of table)
4. Cost of tender paper : Rs.10,000.00
5. Class of Contractor : 'A', & 'Special' Class (as given in Column No. 07 of table)
6. Period of Completion of work : 06 (Six) to 09 (Nine) Calendar Months (as given in Column No. 08 of table)
7. Date and time of availability of bid document in the website : From Dt.16.09.2023 to 5.00 P.M. of Dt.30.09.2023
8. Date of opening of bid : Dt.30.09.2023 at 05.30 hours.

The bidders have to participate in ONLINE bidding only. Further details can be seen from the e-procurement portal **www.tendersodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Chief Construction Engineer
Dhenkanal (R&B) Circle, Dhenkanal

OIPR-34132/11/0019/2324

---

GOVT. OF ODISHA No. O-1078

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BHAWANIPATNA

Ph.: 06670-235504, E_Mail: serwbpt@yahoo.com

Bid Identification No.: BPT/Online-29/2023-24, Date: 18.09.2023

**NOTICE INVITING TENDERS FOR ROAD WORKS IN ODISHA**
**NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction of Road Works under TRIP, MMSY-TRIP, MMSY and TRIP Schemes in the district of Kalahandi and Nuapada
2. No. of Works : 12 Nos.
3. Location Details : Kalahandi and Nuapada District
4. Estimated Cost : As per NIT
5. Period of Completion : As per NIT
6. Cost of Tender Paper : Rs.10,000/- per set
7. Other details :

| Availability of tender for online bidding | | Last date & time for seeking tender clarification | Date and time of opening of Technical Bid |
|---|---|---|---|
| From | To | | |
| 22.09.2023 11.00 A.M. | 06.10.2023 5.00 P.M. | 05.10.2023 | 07.10.2023 at 11.00 A.M. |

Further details can be seen from the website "www.tendersorissa.gov.in".

Sd./- Chief Construction Engineer
Rural Works Circle, Bhawanipatna

OIPR-25102/11/0039/2324

---

GOVERNMENT OF ODISHA

## DEPARTMENT OF AGRICULTURE AND FARMERS' EMPOWERMENT OFFICE OF THE SUPERINTENDING ENGINEER (AGRIL.),

SOUTHERN ZONE, BRAHMAPUR, RITE CAMPUS, RANGEILUNDA, GANJAM

No. 680 Date. 14.09.2023

**INVITATION FOR BIDS (IFB)**
**e procurement notice**
**Bid identification number / Tender call notice no - SE (A) S/Z-02 of 2023- 24**

No. L-97:- The Superintending Engineer (Agril.), Southern Zone, Brahmapur who has been authorized as the procuring officer for the projects of Southern Zone, Brahmapur is directed to invite percentage rate bid on behalf of the Governor of Odisha for the Civil construction works (including IE and PH works)under Southern Zone. The costs of the projects are around 50 lakh (Excluding GST& LC). Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from https://tendersodisha.gov.in from **18.09.2023 at 10.00 hours to 28.09.2023 at 17.30 hours**. The bid will be opened on **04.10.2023 at 11.00 hours** onwards in the O/o Superintending Engineer (Agril.), Southern Zone, Brahmapur, RITE Campus, Rangeilunda. All other details regarding term and conditions, corrigendum from time to time if any, DTCN etc. can be seen and downloaded from https://tendersodisha.gov.in.

Sd./- Superintending Engineer (Agril.)
Southern Zone, Brahmapur

OIPR-01504/11/0003/2324

## ଗଛ ପଡ଼ି ରାସ୍ତା ବନ୍ଦ

ଖପ୍ରାଖୋଲ,୧୯।୯(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ପାଟଣାଗଡ ରାସ୍ତା କପସି ପାଲି ଛକର ପଡ଼ା ନିକଟରେ ରାସ୍ତା ଉପରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବିରାଟ ତେନ୍ତୁଳି ଗଛ ଉପୁଡ଼ି ପଡ଼ିଥିବାରୁ ଗାଡିଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା। ସନ୍ଧ୍ୟାରେ ବିରାଟ ଗଛଟି ଉପୁଡ଼ି ପଡ଼ିଥିଲେ ମଧ ୍ୟ କାହାର କୌଣସି କ୍ଷତି ହୋଇନି। ନୂଆଖାଇ ପୂର୍ବଦିନ ହୋଇଥିବାରୁ ରାସ୍ତାରେ ବହୁତ ଗାଡ଼ିଚଳାଚଳ ହେଉଥିଲେ ମଧ ଗଛ ପଡ଼ିବା ଯୋଗୁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଏନେଇ ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚି ଗଛକାଟି ରାସ୍ତା ସଫା କରିଥିଲେ।

## ସଂକ୍ଷେପରେ

### ବ୍ୟବସାୟୀଙ୍କଠାରୁ ସାଢେ ୩ ଲକ୍ଷ ଟଙ୍କା ଲୁଟ୍



**ସିସିଟିଭିରେ କଏଦ ହେଲା ଚୋରିର ଦୃଶ୍ୟ**

ଭବାନୀପାଟଣା,୧୯।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ଏମଏସଏ ଛକଠାରେ ଏସ. ବେଣୁଗୋପାଲ ନାମକ ଜଣେ ବ୍ୟବସାୟୀଙ୍କଠାରୁ ସାଢେ ତିନି ଲକ୍ଷ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ବ୍ୟବସାୟୀ ଜଣକ ଟାଉନ ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ଟାଉନ ଥାନା ପୋଲିସ ଏକ ମାମଲ (ନଂ.୩୧୭/୨୩) ରୁଜୁ କରି ଘଟଣାର ଛାନଭିନ ଚଳାଇଥିବା ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ବ୍ୟବସାୟୀ ଜଣକ ଏସବିଆଇରୁ ସାଢେ ୩ ଲକ୍ଷ ଟଙ୍କା ଉଠାଇ ଏକ ସ୍କୁଟିରେ ଟ୍ରାକ୍ଟର ଶୋ'ରୁମକୁ ଯାଉଥିବାବେଳେ ରାସ୍ତାରେ ତାଙ୍କ ଟଙ୍କା ପଡିଯାଇଛି ବୋଲି ଦୁଇଜଣ ବାଇକ ଆରୋହୀ ତାଙ୍କୁ କହିଥିଲେ। ସେ ସ୍କୁଟିରେ ଟଙ୍କା ବ୍ୟାଗ ଛାଡିରାସ୍ତାରେ ପଡିଥିବା ଟଙ୍କା ଗୋଟାଇବାକୁ ଯିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ସ୍କୁଟିରୁ ଟଙ୍କା ବ୍ୟାଗ ନେଇଁ ଚମ୍ପଟ ମାରିଥିଲା। ଏହି ଘଟଣାର ଚିତ୍ର ସେଠାରେ ଥିବା ଏକ ଦୋକାନର ସିସିଟିଭିରେ ରେକର୍ଡ ହୋଇଛି।

### ଶୋକସନ୍ତପ୍ତ ପରିବାରଙ୍କୁ ଆର୍ଥିକ ସହାୟତା ପ୍ରଦାନ



ନୂଆପଡ଼ା,୧୯।୯(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଆଗ୍ରେନ ପଞ୍ଚାୟତ ଗୋଇଯୋର ଗାଁର ଜ୍ୟୋତିର୍ବିଦ ପୁରମୋହନ ଗହିରଙ୍କ ଗତ ୧୦ରେ ଇହଧାମ ତ୍ୟାଗ କରିଥିଲେ। ଶୋକସନ୍ତପ ପରିବାରଙ୍କୁ ଅଖିଳ ଭାରତୀୟ ଜ୍ୟୋତିର୍ବିଦ ଗବେଷଣା କେନ୍ଦ୍ର ଖଡିଆଳ ପକ୍ଷରୁ ସମବେଦନା ଜଣାଇ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ସମୟରେ ଜ୍ୟୋତିର୍ବିଦ ଗବେଷଣା କେନ୍ଦ୍ର ସଭାପତି ଅର୍ଜୁନ ବାଗ, ସମ୍ପାଦକ ଦେବେନ୍ଦ୍ର ଛତ୍ରିଆ, ଉପସଭାପତି ଚତୁର୍ଭୁଜ ରଣା, ପଦ୍ମଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଛାତ୍ରଙ୍କ ସଫଳତା




ଖଡ଼ିଆଳ,୧୯।୯(ସୁଜିତ୍ କୁମାର ପ୍ରଧାନ)

ଚଳିତବର୍ଷ ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ବାଦୀ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ର ସଫଳତା ଆଣିଛନ୍ତି। ଏହି ଅନୁଷ୍ଠାନ ଛାତ୍ର ଖିତେନ୍ଦ୍ର ମାଲି ପିତା ଚନ୍ଦ୍ରମଣି ମାଲି ସିନାପାଲି ବ୍ଲକ ଅନ୍ତର୍ଗତ ଗୋଡାଲ ଗ୍ରାମର ଏକ ଗରିବ ଶ୍ରେଣୀ ଚାଷୀ ପରିବାରର ଅଟନ୍ତି। ମୋଟର ମେକାନିକ ବିଭାଗରେ ୯୭.୯୨ ପ୍ରତିଶତ ମାର୍କ ରଖି ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରି ଜିଲା ଓ ରାଜ୍ୟସ୍ତରରେ ସମ୍ମାନିତ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ତାଙ୍କ ସଫଳତା ଶ୍ରେୟ ତାଙ୍କ ଅଧକ୍ଷ, ପ୍ରଶିକ୍ଷକ ଶୁଭ୍ରରଂଜନ ମହାନ୍ତି ଓ ସମସ୍ତ ସହପ୍ରସିକ୍ଷକଙ୍କୁ ଜଣାଇଛନ୍ତି। ସେହିପରି ଏହି ଅନୁଷ୍ଠାନର ଅନ୍ୟ ଜଣେ ଛାତ୍ର ତ୍ରିଲୋଚନ ବେହେରା ପିତା ସତ୍ୟନାରାୟଣ ବେହେରା ଗ୍ରାମ ଟିଖାଲି, ଖଡ଼ିଆଳ ଆଇଟିଆଇର ୨୦୧୯/୨୧ ବେଚ୍ ମୋଟର ମେକାନିକ ବିଭାଗ ଛାତ୍ର ପ୍ରତିରକ୍ଷା ସୀମା ସଡକ ସଂଗଠନ ମନ୍ତ୍ରଣାଳୟ ଭଳି ସରକାରୀ ବିଭାଗରେ ସର୍ବ ଭାରତୀୟସ୍ତରରେ ୧୦୪ ନମ୍ବର ର୍ୟାଙ୍କରେ ଉତିର୍ଣ୍ଣ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ପୂର୍ବତନ ଜିଲା ପରିଷଦ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖଡ଼ିଆଳ ବାଣିଜ୍ୟ ସଂଘ ସଭାପତି ରଶ୍ମି ରଞ୍ଜନ ଚଲାନ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦଙ୍କ ଦ୍ୱାରା କୃତିତ୍ୱ ଅର୍ଜନ କରିଥିବା ଖିତେନ୍ଦ୍ରଙ୍କୁ ସମ୍ମାନିତ କରାଯାଇଥିଲା।

# ଶୁଳିଆ ଅଞ୍ଚଳରେ ନିଆରା ନୂଆଁଖାଇ

**■ବାଲିପକା: ଦେବତାଙ୍କୁ ନୂଆ ଚୁରାକୁଣ୍ଡା ଅର୍ପଣ ପର୍ବ**

**■ନୂଆଁଖାଇ ଦୁଇଦିନ ପୂର୍ବରୁ ଶୁଳିଆ ପୀଠରେ ହୁଏ ସ୍ୱତନ୍ତ୍ର ପୂଜାବିଧି**

ପଶ୍ଚିମ ଓଡ଼ିଶା ବା କୋଶଳାଞ୍ଚଳରେ ପାଳିତ ନୂଆଁଖାଇ ଏକ ଗଣପର୍ବ। ଭାଦ୍ରବ ମାସରେ ଏଠାକାର ଆଟ (ଉଚ୍ଚ) ଜମିରେ ସରିଆଁ ଧାନ ଗଜୁରି ଉଠେ। ଏହାକୁ ପ୍ରଥମ ଅନ୍ନ ବୋଲି କୁହାଯାଏ। ଏହି ସରିଆଁ ଧାନରେ ପ୍ରସ୍ତୁତ ନୂଆ ଚୁରାକୁଣ୍ଡା(ନବାନ୍ନ)କୁ ପ୍ରଥମେ ଇଷ୍ଟ ଦେବଦେବୀଙ୍କୁ ଅର୍ପଣ କରି କୃତଜ୍ଞ ହେବା ଏବଂ ପ୍ରସାଦ ରୂପେ ସେବନ କରି ନବଜୀବନ--ନବପୁଲକ ଲାଭ କରିବା ନୂଆଖାଇର ମୂଳ ବୈଶିଷ୍ଟ୍ୟ। ସ୍ଥଳ ବିଶେଷରେ ନୂଆଁଖାଇକୁ ନବାନ୍ନ ଅର୍ପଣ ଏବଂ ନବାନ୍ନ ଭକ୍ଷଣ ପର୍ବ କୁହାଯାଉଥିଲେ ମଧ ପଶ୍ଚିମ ଓଡ଼ିଶାର ଆଦିମ ଜନଜାତି ଏବଂ ଅନ୍ୟ ଜନସମୂହଙ୍କ ସୁଦୀର୍ଘ ଗୋଷ୍ଠୀଗତ ଜୀବନ ଭିତରେ ବିବିଧ ପ୍ରଥା,ପରମ୍ପରା, ଜାତି ଉପାଖ୍ୟାନ, ଧର୍ମଧାରା, ଆସ୍ଥା-ବିଶ୍ୱାସ ଏବଂ ସାମାଜିକ--ସାଂସ୍କୃତିକ ରୀତିନୀତି ନୂଆଖାଇକୁ ରଙ୍ଗିମନ୍ତ ଏବଂ ବ୍ୟାପକ କରିଆସିଛି। ସୂକ୍ଷ୍ମ ବିଚାରବୋଧରେ ନୂଆଖାଇ ପ୍ରକୃତି ଉପାସନା, କୃଷି ପରମ୍ପରା ସହ ସାମାଜିକ ସହାବସ୍ଥାନର ଏକ ନିଆରା ପର୍ବ। ଏହି କ୍ରମରେ ଆଦିବାସୀ-ଅଣଆଦିବାସୀଙ୍କ ମହାମିଳନ ସ୍ଥଳ ରୂପେ ପରିଚିତ ଶୁଳିଆ ଅଞ୍ଚଳରେ ନୂଆଖାଇ ପାଳନର ବିଧି ମଧ ସ୍ୱତନ୍ତ୍ର। ଏହା ଆଦିମ ଜନଜାତି ଏବଂ ଅଣଆଦିବାସୀ ଗୋଷ୍ଠୀ ଜୀବନର ସାଂସ୍କୃତିକ ଏବଂ ସାମାଜିକ ସମନ୍ୱୟକୁ ଉଜାଗର କରିଆସୁଛି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ୍ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମପଞ୍ଚାୟତର ଖଇରଗୁଡ଼ା ନିକଟ ଶୁଳିଆ ପାହାଡ ପାଦଦେଶରେ ରହିଛି ପ୍ରସିଦ୍ଧ ଶୁଳିଆ ସଂସ୍କୃତିର ମୂଳ ପୀଠ ବଡ଼ଖଲା। ଭୌଗୋଳିକ ଦୃଷ୍ଟିକୋଣରୁ ଏହି ପୀଠ ସଂଲଗ୍ନ ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ ଏବଂ କଳାହାଣ୍ଡି ଜିଲାର ଏକ ବୃହତ୍ ଅଞ୍ଚଳକୁ ଶୁଳିଆ ଅଞ୍ଚଳ ଭାବେ ମଧ ଅଭିହିତ କରାଯାଏ। ଶୁଳିଆ ପୀଠଟି ଶୁଳିଆ ଯାତ୍ରା (ସାଧାରଣ ଅର୍ଥରେ ବଳିପର୍ବ) ପାଇଁ ପ୍ରସିଦ୍ଧି ଲାଭ କରିଛି। ମୂଳତଃ ଶୁଳିଆ ବୁଢ଼ା ଆଦିବାସୀ ବର୍ଗଙ୍କ ସର୍ବୋଚ୍ଚ ଦେବତା ହୋଇଥିଲେ ମଧ ଏହି ଅଞ୍ଚଳର ବିଭିନ୍ନ ଜାତି, ସମ୍ପ୍ରଦାୟର ଆବାଳ ବୃଦ୍ଧବନିତାଙ୍କ ପାଇଁ ଶୁଳିଆ ବୁଢ଼ା ମୁଖ୍ୟ, ପ୍ରତ୍ୟକ୍ଷ ଏବଂ ପ୍ରସିଦ୍ଧ ଦେବତା। ଏହି ଅଞ୍ଚଳର ସାମାଜିକ, ସାଂସ୍କୃତିକ ଏବଂ ପାରମ୍ପରିକ ଜନଜୀବନକୁ ଶୁଳିଆ ସଂସ୍କୃତି ବହୁଳ ମାତ୍ରାରେ ପ୍ରଭାବିତ କରିଥାଏ। ତେଣୁ ଏହି ଅଞ୍ଚଳରେ ନୂଆଖାଇ ପାଳନ ମଧ ଶୁଳିଆ ବୁଢ଼ା କେନ୍ଦ୍ରିତ ହୋଇପଡେ। ପୂର୍ବରୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଭିନ୍ନଭିନ୍ନ ଦିବସରେ ନୂଆଖାଇ ପାଳନ ହେଉଥିଲା। ତେବେ ନବେ ଦଶକରୁ ସମ୍ମିଳିତ ନିଷ୍ପତ୍ତି ଅନୁସାରେ ଭାଦ୍ରବ ମାସ ଶୁକ୍ଳପକ୍ଷ ଋଷି ପଞ୍ଚମୀ ତିଥିରେ ନୂଆଖାଇ(ନବାନ୍ନ) ପାଳିତ ହୋଇଆସୁଛି। ଏହାର ପ୍ରଭାବ ଶୁଳିଆ ଅଞ୍ଚଳରେ ମଧ ପଡିଛି। କେଉଁ ଆବହମାନ କାଳରୁ ବିଧି ରହିଛି ଯେ, ମଣିଷମାନେ ନୂଆ ଖାଇବା ପୂର୍ବରୁ ଇଷ୍ଟ ଦେବଦେବୀଙ୍କୁ ନୂଆ ଅର୍ପଣ କରାଯାଏ। ଏଇ ଇଷ୍ଟ ଦେବଦେବୀ, ଗ୍ରାମ ଦେବଦେବୀମାନଙ୍କୁ ନୂଆ(ନବାନ୍ନ) ଅର୍ପଣ କରିବା ପର୍ବକୁ ବାଲିପକା କୁହାଯାଏ। ସାଧାରଣତଃ ସର୍ବସାଧାରଣଙ୍କ ନୂଆଖାଇ ଧାର୍ଯ୍ୟ ଦିନର ଗୋଟିଏ ଦିନ ପୂର୍ବରୁ ଗ୍ରାମ ଦେବଦେବୀ, ଇଷ୍ଟ ଦେବଦେବୀଙ୍କଠାରେ ବାଲିପକା ସମ୍ପାଦିତ ହୁଏ। ମାତ୍ର ଶୁଳିଆ ବୁଢ଼ା ସର୍ବୋଚ୍ଚ ଦେବତା ହୋଇଥିବାରୁ ଅନ୍ୟ ଗ୍ରାମ ଦେବଦେବୀଙ୍କଠାରେ ବାଲିପକା (ନବାନ୍ନ ଅର୍ପଣ)ର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ସର୍ବସାଧାରଣଙ୍କ ନୂଆଖାଇ ଧାର୍ଯ୍ୟ ଦିନର ଦୁଇ ଦିନ ପୂର୍ବରୁ ଶୁଳିଆ ମୂଳ ପୀଠରେ ବାଲିପକା ସମ୍ପାଦିତ ହୋଇଥାଏ। ଭାଦ୍ରବ ଶୁକ୍ଳପକ୍ଷ ଋଷି ପଞ୍ଚମୀ ତିଥିରେ ନୂଆଖାଇ ପାଳନ ନିଷ୍ପତ୍ତି ହେବାଦିନ ଠାରୁ ଭାଦ୍ରବ ଶୁକ୍ଳପକ୍ଷ ତୃତୀୟା ତିଥି ଅର୍ଥାତ୍ ବାଲି ତୃତୀୟାରେ ଶୁଳିଆ ପୀଠ ବଡ଼ଖଲାଠାରେ ଶୁଳିଆ ବୁଢ଼ାଙ୍କ ନବାନ୍ନ ଅର୍ପଣ ବାଲିପକା ସମ୍ପାଦିତ ହୋଇଆସୁଛି। ପ୍ରତିବର୍ଷ ନୂଆଖାଇ ଲଗ୍ନ ଧାର୍ଯ୍ୟ ହେବାର ୧୦ ଦିନ ପୂର୍ବରୁ ଖଇରଗୁଡ଼ା ମୂଳ ପୀଠଠାରୁ ଅଳ୍ପ ଦୂରରେ ଥିବା ମୁଣ୍ଡପଲା ଗାଁ ସ୍ଥିତ ଐତିହାସିକ ଦଲ୍ ତେତେଲ୍‌ଠାରେ କନ୍ଧ ସମାଜର ରାଜ ଦେହେରିଆ, ବିଭିନ୍ନ ଗାଁର ଝାଙ୍କର, ଦେହେରିଆ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ବୈଠକ ବସେ। ସେଠାରେ ଚଳିତବର୍ଷ ବାଲିପକା ଓ ନୂଆଖାଇକୁ କିଭଳି ପାଳନ କରାଯିବ ସେନେଇ ଆଲୋଚନା ଏବଂ ନିଷ୍ପତ୍ତି ହୋଇଥାଏ। ନିଷ୍ପତ୍ତି ଅନୁସାରେ ଖଇରଗୁଡ଼ାର ରାଜଦେହେରିଆ (ମୁଖ୍ୟ ପୂଜକ) ସରିଆଁ ଧାନ (ପ୍ରଥମ ଅନ୍ନ) ସଂଗ୍ରହ କରିଥାନ୍ତି। ଅତ୍ୟନ୍ତ ପବିତ୍ରତାର ସହ ସରିଆଁ ଧାନକୁ ଗୁଣ୍ଡ କରି ସେଥିରେ ଘିଅ, ମହୁ, ଗୋରସ ଏବଂ ଗୁଡ଼ ମିଶାଇ ନୂଆ ଚୁରାକୁଣ୍ଡା ପ୍ରସ୍ତୁତ କରନ୍ତି। ଏହି ନୂଆ ଚୁରାକୁଣ୍ଡାକୁ ଶୁଳିଆ ବୁଢ଼ାଙ୍କଠାରେ ଅର୍ପଣ କଲା ପରେ ଯାଇ ଅନ୍ୟ ଗ୍ରାମ ଦେବଦେବୀଙ୍କଠାରେ ବାଲିପକା ଓ ସର୍ବସାଧାରଣରେ ନୂଆଖାଇ ପାଳନ ହୋଇପାରିବ। ଏହା ହିଁ ବିଧି। ବାଲି ତୃତୀୟା ତିଥି ଭୋର ସକାଳୁ ସ୍ନାନଶୌଚାଦି ସାରି ଖଇରଗୁଡ଼ାର ରାଜଦେହେରିଆ, ସୋମନାଥ ଦେହେରିଆ ଓ ଅନ୍ୟ ଗାଁର ଝାଙ୍କର ଦେହେରିଆ, ନରିହା, ବରୁଆ ଖଇରଗୁଡ଼ା ଗାଁଗୁଡ଼ିରୁ ନୂଆ ଚୁରାକୁଣ୍ଡା, ଅନ୍ୟାନ୍ୟ ପାରମ୍ପରିକ ପୂଜା ସାମଗ୍ରୀ ଧରି ବଡ଼ଖଲା ଅଭିମୁଖେ ବାହାରିଥାନ୍ତି। ବଡ଼ଖଲାକୁ ନୂଆ ଚୁରାକୁଣ୍ଡା ନେବା ପୂର୍ବରୁ ଗାଁରେ ଡେଙ୍ଗୁରା ବାଜେ। ଏହି ସମୟରେ କୌଣସି ଲୋକ ଯେଭଳି ଘରୁ ନ ବାହାରନ୍ତି, କିଛି ନ ଦେଖନ୍ତି ଏବଂ ରାସ୍ତାରେ ଯିବା ଆସିବା ନ କରନ୍ତି ଏନେଇ ସତର୍କ କରିଦିଆଯାଏ। ଏହାପରେ ରାଜଦେହେରିଆ ଓ ଅନ୍ୟମାନେ ନୂଆକୁଣ୍ଡା ଧରି ବଡ଼ଖଲା ଅଭିମୁଖେ ଯାଆନ୍ତି। ରାଜଦେହେରିଆ ପାରମ୍ପରିକ ତାବ୍‌ଲି, ପୂଜା ସାମଗ୍ରୀ ଧରି ଗଲାବେଳେ ତାଙ୍କ ଆଗରେ କାହାକୁ ଯିବାକୁ ମନା। ବଡ଼ଖଲାରେ ଶୁଳିଆ ଯାତ୍ରା ଦିନ ମୂଳପୀଠରେ ପୂଜାର୍ଚ୍ଚନା କରାଯାଏ। ବାଲିପକା ଦିନ ମୂଳ ପୀଠରେ ପୂଜା କରା ନ ଯାଇ ପୀଠ ନିକଟରେ ବାଲିପକା ସମ୍ପାଦିତ ହୁଏ। ରାଜଦେହେରିଆ ପାରମ୍ପରିକ ବିଧିରେ ଶୁଳିଆ ବୁଢ଼ାଙ୍କୁ ନୂଆ ଚୁରାକୁଣ୍ଡା ଅର୍ପଣ କରନ୍ତି। ସେଠାରେ ଜଙ୍ଗଲର ରାଜା ବାଘଙ୍କ ଉଦ୍ଦେଶ୍ୟରେ ନୂଆ ମାଟି ହାଣ୍ଡିରେ ଗୋରସ(ଦୁଗ୍ଧ) ଅର୍ପଣ କରାଯାଏ। ଶୁଳିଆ ଯାତ୍ରା ଏବଂ ବାଲିପକା ଏହି ଦୁଇଦିନ ଏଠାରେ ବାଘପୂଜା ବିଧି ରହିଛି। ବାଘପୂଜା ବିଧି ପ୍ରକୃତି-ପରିବେଶ ଭାରସାମ୍ୟ ରକ୍ଷାର ଏକ ଅନନ୍ୟ ବାର୍ତ୍ତା ବହନ କରେ। ବାଲିପକା ବେଳେ ସେଠାରେ କୁକୁଡ଼ା ବଳି ମଧ ଦିଆଯାଏ। ଆଦିବାସୀ କନ୍ଧ ସଂସ୍କୃତିରେ ଶୁଳିଆ ବୁଢ଼ା ସର୍ବୋଚ୍ଚ ଦେବତା। ସେ ସକଳ ଶକ୍ତିର ଉତ୍ସ। ସେ କଲ୍ୟାଣକାରୀ ଏବଂ ପୀଡ଼ାନାଶକ। ଏଣୁ ରାଜଦେହେରିଆ ବିଶ୍ୱବାସୀ ଅର୍ଥାତ୍ ମଣିଷ, ଜୀବଜନ୍ତୁ, ପଶୁପକ୍ଷୀ, କୀଟପତଙ୍ଗ ଏବଂ ବୃକ୍ଷଲତାଙ୍କ କ୍ଷୁଧା ନିବାରଣ, ସୁଖ ସମୃଦ୍ଧି ଏବଂ ବିଶ୍ୱକଲ୍ୟାଣ ପାଇଁ ଶୁଳିଆ ବୁଢ଼ାଙ୍କୁ ପ୍ରାର୍ଥନା କରନ୍ତି। ବାଲିପକାରେ ଶୁଳିଆ ବୁଢ଼ାଙ୍କୁ ଅର୍ପିତ ନୂଆ ଚୁରାକୁଣ୍ଡାଙ୍କୁ ପ୍ରସାଦ ରୂପେ ସେବନ କରାଯାଏ ନାହିଁ। ଏହା କେବଳ ଅର୍ପଣ କରିଦିଆଯାଏ। ବାଲିପକା ପୂଜାବିଧି ପରେ ରାଜଦେହେରିଆ, ଦେହେରିଆ, ଝାଙ୍କର, ନରିହା ଏବଂ ଅନ୍ୟ ପ୍ରତିନିଧିମାନେ ନିଜ ଗାଁକୁ ଫେରି ଯାଆନ୍ତି। ଏହା ପରଦିନ ଅର୍ଥାତ୍ ଭାଦ୍ରବ ଶୁକ୍ଳ ଚତୁର୍ଥୀ ତିଥିରେ ଶୁଳିଆ ଅଞ୍ଚଳର ବିଭିନ୍ନ ଗ୍ରାମ ଦେବଦେବୀ ଯଥା କନ୍ଧେନବୁଢ଼ୀ, ନଡାବୁଢ଼ା, ମଠଖାଇ, ଭୀମବୁଢ଼ା, ମାକ୍‌ରୀ, ଖଗସା, ପାହକୁରେନ୍, ଗାଇଖାଇ, ବମ୍‌ଖାଇ, ଜାମ୍‌ଖୋଲେନ୍, ମଙ୍ଗଲା, ସଁତେଇ ଭଳି ସହସ୍ରାଧିକ ଗ୍ରାମଦେବୀଙ୍କଠାରେ ନୂଆ ଚୁରାକୁଣ୍ଡା (ପ୍ରଥମ ଅନ୍ନ) ଅର୍ପଣ କରିବାକୁ ଅନୁମତି ମିଳେ। ଦେହେରିଆମାନେ ଏହା ପାଳନ କରନ୍ତି। ଏହାପରେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥି ବା ନୂଆଖାଇ ଦିନ ସର୍ବସାଧାରଣଙ୍କ ଗୃହ ଦେବଦେବୀ ଓ ପୂର୍ବପୁରୁଷଙ୍କୁ ନୂଆ ଚୁରାକୁଣ୍ଡା(ନବାନ୍ନ) ଅର୍ପଣ କରାଯାଇ ପ୍ରସାଦ ରୂପେ ସେବନ କରାଯାଏ। ଏହା ହିଁ ନୂଆଖାଇ। ନୂଆ (ପ୍ରଥମ ଅନ୍ନରେ ପ୍ରସ୍ତୁତ ପ୍ରସାଦ) ସେବନ କଲା ପରେ ଘରେ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ, ଖାଦ୍ୟ ସାମଗ୍ରୀ ଖାଇ ଲୋକେ ବଡରୁ ସାନ ବୟସ କ୍ରମରେ ଘରେ, ପଡ଼ା, ସାହି ଗାଁ ଓ ସହରରେ ଜୁହାର ଭେଟ ହୁଅନ୍ତି। ଶୁଳିଆ ସଂସ୍କୃତିରେ ନୂଆଖାଇ (ବାଲିପକା) ସର୍ବୋଚ୍ଚ ଦେବତା ଶୁଳିଆ ବୁଢ଼ାଙ୍କୁ କେବଳ ପ୍ରଥମ ଅନ୍ନ ଅର୍ପଣ ପର୍ବ ନୁହେଁ ଏହା ପ୍ରକୃତି ଶୃଙ୍ଖଳାରକ୍ଷା, ଅନୁଶାସନ, ସମନ୍ୱୟ, ସହାବସ୍ଥାନ ଏବଂ ନିଜ ଇଷ୍ଟଦେବଦେବୀ, ପ୍ରଥା ପରମ୍ପରାକୁ ସମ୍ମାନ ଓ କୃତଜ୍ଞତା ପ୍ରଦର୍ଶନର ଏକ ମହାନ୍ ଗଣପର୍ବ।

**ବୀରେନ୍ଦ୍ର କୁମାର ଝାଙ୍କର**
**ବଲାଙ୍ଗୀର, ମୋ: ୮୨୪୯୧୯୬୬୨୬**



ସୋମବାର ବାଲିପକା ଅବସରରେ ଶୁଳିଆ ପୀଠ ବଡ଼ଖଲା ଯିବା ପୂର୍ବରୁ ଖଇରଗୁଡ଼ା ଗାଁ ଗୁଡିରେ ରାଜ ଦେହେରିଆ, ସୋମନାଥ ଦେହେରିଆ ଅନ୍ୟ ଦେହେରିଆ, ଝାଙ୍କର ଓ ବରୁଆମାନେ ପୂଜାର୍ଚ୍ଚନା କରୁଛନ୍ତି।



ଖଇରଗୁଡ଼ା ଶୁଳିଆ ପୀଠ ମୂଳ ପୀଠ ବଡ଼ଖଲାଠାରେ ବାଲିପକା ସମ୍ପାଦନ ବେଳେ ରାଜଦେହେରିଆ ପୂଜାର୍ଚ୍ଚନା କରୁଛନ୍ତି।

## ବର୍ଷାରେ ଘର ଉପରେ ପଡ଼ିଲା ଗଛ

**ଅଳ୍ପକେ ବର୍ତ୍ତିଲେ ପରିବାର**

ଦେଓଗାଁ,୧୯।୯(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗିର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ କୁତୁର୍ଲା ହରିଜନପଡାସ୍ଥିତ ଗୋବିନ୍ଦ ମହାନନ୍ଦଙ୍କ ଘର ଉପରେ ଗଛପଡି ଘର ଭାଙ୍ଗିଯାଇଛି। ତାଙ୍କ ପରିବାର ଲୋକେ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡିଛି। ଖବରପାଇ ସ୍ଥାନୀୟ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ଉଦ୍ଧାର କରି ଘର ଉପରେ ପଡିଥିବା



ଗଛକୁ କାଟି ସଫା କରିଥିଲେ। ପରେ ସ୍ଥାନୀୟ ସରପଞ୍ଚ ତେଜ ହରପାଲ ଓ ସ୍ୱେଚ୍ଛାସେବୀ ଡମ୍ବରୁଧର ହରପାଲ ଉକ୍ତ ପରିବାରକୁ ଭେଟି ଆଗକୁ ସମସ୍ତ ସୁବିଧା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଚନ୍ଦ୍ରପୁର ଗାଁରେ ମଧ ଲଗାଣବର୍ଷାରେ ପ୍ରଦ୍ୟୁମ୍ନ ମଲ୍ଲିକଙ୍କ ଘର ଭାଙ୍ଗି ଯିବାରୁ ଉକ୍ତ ଶ୍ରମିକ ପରିବାର ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି।

## ବୁର୍ଡାବାହାଲ ଗାଁରେ ବ୍ୟାପୁଛି ଝାଡ଼ାବାନ୍ତି

**■୨୦ ଜଣ ଆକ୍ରାନ୍ତ**

**■ମେଡିକାଲ ଟିମ୍ ପହଞ୍ଚି ଚିକିତ୍ସା କରୁଛି**

ପାଟଣାଗଡ଼, ୧୯।୯(ପ୍ରହଲ୍ଲାଦ ପାଢ଼ୀ)

ବଲାଙ୍ଗିର ଜିଲା ପାଟଣାଗଡ ବ୍ଲକ ଲରମ୍ଭା ଗ୍ରାମପଞ୍ଚାୟତ ବୁର୍ଡାବାହାଲ ଗାଁରେ ଝାଡାବାନ୍ତିରେ ୨୦ଜଣ ଆକ୍ରାନ୍ତ ହୋଇଛନ୍ତି। ଖବରପାଇ ଘସିଏନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ମେଡିକାଲ ଟିମ୍ ପହଞ୍ଚି ସୋମବାରଠାରୁ କ୍ୟାମ୍ପ ପକାଇ ଚିକିତ୍ସା କରୁଥିବାବେଳେ ୧୦ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଘସିଏନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ୬ ଜଣଙ୍କ ଅବସ୍ଥା ଆହୁରୀ ଗୁରୁତର ହେବାରୁ ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମଙ୍ଗଳବାର ପାଟଣାଗଡ଼ ଉପଜିଲାପାଳ ଖବର ପାଇଲା ପରେ ବୁର୍ଡାବାହାଲ ଗାଁରେ ପହଞ୍ଚିଥିଲେ। ଘରକୁ ଘର ଆଶା, ଅଙ୍ଗନୱାଡି କର୍ମୀ, ମେଡିକାଲ ଟିମ୍ ଓ ଗାଁର ସ୍ୱେଚ୍ଛାସେବୀମାନଙ୍କ ସହ ବୁଲି ଲୋକଙ୍କୁ ସଚେତନ କରିବା ସହିତ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ପରେ ଉପଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପାଟଣାଗଡ଼ ସିଡିପିଓ, ପାନୀୟଜଳ ଯୋଗାଣ ବିଭାଗ ପହଞ୍ଚି ଲୋକଙ୍କୁ ସଚେତନ କରିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ସ୍ଥିତି ଆୟତ୍ତ ଥିବା ଜଣାପଡିଛି।

## ବିଧାନସଭା ପୂର୍ବରୁ ଦାବି ପୂରଣ କର

**ନବୀନ ନିବାସ ଘେରିବାକୁ ଏକ୍ସ କ୍ୟାଡ଼ର ମହାସଂଘର ଚେତାବନୀ**

ଖଡ଼ିଆଳ,୧୯।୯(ସୁଜିତ୍ କୁମାର ପ୍ରଧାନ)

ରାଜ୍ୟ ଏକ୍ସ କ୍ୟାଡର ମହାସଂଘର ନିଷ୍ପତ୍ତିକ୍ରମେ ଚାଲିଥିବା ଗଣଧାରଣରେ ନୂଆପଡା ଜିଲା ଏକ୍ସକ୍ୟାଡ଼ର ମହାସଂଘ ପକ୍ଷରୁ ଜିଲା ସାଧାରଣ ସମ୍ପାଦକ ଅଲେଖ ସାହୁଙ୍କ ନେତୃତ୍ୟରେ ଶତାଧିକ ଶିକ୍ଷକ ସାମିଲ ହୋଇଥିଲେ। ୫ଦଫା ଦାବି ନେଇ ଭୁବନେଶ୍ୱରଠାରେ ଚାଲିଥିବା ଶିକ୍ଷକ ଆନ୍ଦୋଳନ ୪୯ ଦିନର ପ୍ରତୀକ ଧାରଣାରେ ସାମିଲ ହୋଇଥିଲେ। ସରକାରଙ୍କ ଉପରେ ବର୍ଷିଛନ୍ତି। ସରକାର ବାରମ୍ବାର ପ୍ରତିଶ୍ରୁତି ଦେଇ ଦାବି ପୂରଣ କରିବାରେ ବିଳମ୍ବ କରୁଥିବାରୁ ଆନ୍ଦୋଳନ ତୀବ୍ରତର କରିବାକୁ ପ୍ରକାଶ କରିଛନ୍ତି। ଏକ୍ସ କ୍ୟାଡର ଉଚ୍ଛେଦ ଓ ଇନ୍‌କ୍ରେମେଣ୍ଟ ପ୍ରଦାନ ଦାବି ଯଦି ବିଧାନସଭା ପୂର୍ବରୁ ସରକାର ପୂରଣ ନ କରନ୍ତି ତେବେ ନବୀନ ନିବାସ ଘେରାଉ କରା ଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଉକ୍ତ ଗଣଧାରଣାରେ ସର୍ବଭାରତୀୟ ଶିକ୍ଷକ ଫେଡେରେଶନ ଉପସଭାପତି ଅଚ୍ୟୁତ ପାଣ୍ଡେ ଯୋଗଦେଇ ସମର୍ଥନ ଜଣାଇଥିଲେ।

## ଥାନାରେ ଏତଲା ଦେଲା କୃଷି ବିଭାଗ

**ବିନା ଲାଇସେନ୍ସରେ ସାର ଓ କୀଟନାଶକ କାରବାର**

ଲୋଇସିଂହା,୧୯।୯(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅନ୍ତର୍ଗତ ଭରସୁଜା ସ୍ଥିତ ହୋଲସେଲର ବ୍ୟବସାୟୀ ଦିଲୀପ ପାତ୍ରଙ୍କ ସାର ଓ କୀଟନାଶକ ଦୋକାନ ଉପରେ ବ୍ଲକ କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ଗତ ଶୁକ୍ରବାର ଚଢାଉ ହୋଇଥିଲା। ଚଢାଉବେଳେ ଦିଲୀପ ପାତ୍ର ଲାଇସେନ୍ସ ସଂକ୍ରାନ୍ତ ଦସ୍ତାବିଜ ଚଢାଉ ଅଧିକାରୀଙ୍କୁ ଦେଖାଇ ପାରି ନ ଥିଲେ। ଚଢାଉ ଟିମ୍ ବିନା ଲାଇସେନ୍ସରେ ସାର ଓ କୀଟନାଶକ ବେପାର ଚାଲୁଥିବା ଜାଣିବାକୁ ପାଇଥିଲେ। ବିନାଲାଇସେନ୍ସରେ ସାର ଓ କୀଟନାଶକ କାରବାର କରୁଥିବାରୁ କୃଷି ବିଭାଗ ପକ୍ଷରୁ ଆଗଲପୁର ଥାନାରେ ବ୍ୟବସାୟୀଙ୍କ ବିରୋଧରେ ଏକ ଏତଲା ଦିଆଯାଇଛି। ଇତିମଧ୍ୟରେ ୫ଦିନ ବିତି ଯାଇଥିଲେ ସୁଦ୍ଧା ବ୍ୟବସାୟୀଙ୍କ ପକ୍ଷରୁ କୌଣସି ପ୍ରତି ଉତ୍ତର କୃଷି ବିଭାଗକୁ ମିଳି ନ ଥିବା ବ୍ଲକ କୃଷି ଅଧିକାରୀ ଆଶିଷ କୁମାର ପାଣିଗ୍ରାହୀ କହିଛନ୍ତି। ସେ ଆହୁରୀ କହିଛନ୍ତି ଉତ୍ତର ମିଳିବାକୁ ଆଉ ଦୁଇଦିନ ସମୟ ରହିଛି। ଯେହେତୁ ଉପରିସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ଚଢାଉ ହୋଇଥିଲା ଏବଂ ଅବଗତ ଥିବାରୁ ଉପରିସ୍ଥ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେଇପାରିବେ। ଏହାବାଦ ଥାନାରେ ଏତଲା ଦିଆଯାଇଥିବାରୁ ପୋଲିସ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବ ବୋଲି ସେ କହିଥିଲେ।

## ବଲାଙ୍ଗୀରରେ ଶିକ୍ଷା, ସ୍ୱାସ୍ଥ୍ୟ, ବେରୋଜଗାରି ଉପରେ ଗୁରୁତ୍ୱ

**■ଜନମତ ଓ ବିଧାୟକ କାର୍ଯ୍ୟକ୍ରମରେ ଯୋଗଦେଲେ ନରସିଂହ**

**■ଗଣତନ୍ତ୍ର ସୁରକ୍ଷା ପାଇଁ ହେବ ଜୋରଦାର ଲଢେଇ: ନରସିଂହ**

**■ବିଧାନସଭା ପୂର୍ବରୁ ନାଗରିକ ସମାଜର ଲୋଡ଼ିଲେ ମତ**

ବଲାଙ୍ଗୀର,୧୯।୯(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରର ଏକ ଘରୋଇ ହୋଟେଲରେ ବିଧାନସଭା ଅଧିବେଶନ ପୂର୍ବରୁ ଅନୁଷ୍ଠିତ ହୋଇଛି ଜନମତ ଓ ବିଧାୟକ କାର୍ଯ୍ୟକ୍ରମ। ପ୍ରତିଥର ବିଧାନସଭା ଅଧିବେଶନ ପୂର୍ବରୁ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ବଲାଙ୍ଗୀରବାସୀଙ୍କ ଜନମତ ଲୋଡିଥାନ୍ତି। ଆସନ୍ତା ବିଧାନସଭା ଅଧିବେଶନ ପୂର୍ବରୁ ବିଧାୟକ ମିଶ୍ର ଜନମତ ଲୋଡି ବଲାଙ୍ଗୀର ଏବଂ ରାଜ୍ୟର ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ। ଆଗାମୀ ଅଧିବେଶନରେ ମୁଖ୍ୟତଃ ଶିକ୍ଷା, ସ୍ୱାସ୍ଥ୍ୟ, ବେରୋଜଗାରୀ ଏବଂ ଗଣତନ୍ତ୍ରର ସୁରକ୍ଷାକୁ ନେଇ ଜୋରଦାର ଲଢେଇ ହେବ ବୋଲି ବିଧାୟକ ମିଶ୍ର କହିଛନ୍ତି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲାଙ୍ଗୀରର ବହୁ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଛାତ୍ରୀଛାତ୍ର ଏବଂ ସାମାଜିକ ସଙ୍ଗଠନ ପ୍ରତିନିଧି ଉପସ୍ଥିତ ଥିଲେ। ଜିଲାରେ ପାଠ ପଢିସାରିଲା ପରେ ରୋଜଗାର ପାଉ ନ ଥିବା ପିଲାମାନଙ୍କ ପାଇଁ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି ଉପରେ ବିଧାନସଭାରେ ଆଲୋଚନା କରାଯିବାର ଅନେକ ବୁଦ୍ଧିଜୀବୀ ପ୍ରସ୍ତାବ ଦେଇଥିଲେ। କିଛି ଲୋକ ସ୍ୱାସ୍ଥ୍ୟ, କୃଷି, ପରିବହନ, ପର୍ଯ୍ୟଟନ ଓ ଶିଳ୍ପକୁ ନେଇ ବଲାଙ୍ଗୀର ପାଇଁ ବିଧାୟକ ଲଢେଇ କରନ୍ତୁ ବୋଲି ମତ ଦେଇଥିଲେ। ବଲାଙ୍ଗୀରରେ ଡ୍ରେନେଜ ଏବଂ ବର୍ଷା ହେଲେ ତଳି ଅଞ୍ଚଳର ଘର ଭିତରେ ପାଣି ପଶିବା ସମସ୍ୟାକୁ ନେଇ ମଧ ନାଗରିକ କମିଟି ତରଫରୁ ଅଭିଯୋଗ କରାଯାଇଥିଲା। ଏହି ସମସ୍ତ ଆଲୋଚନା ପରେ ବିଧାୟକ ମିଶ୍ର କହିଥିଲେ ଲୋକେ ଆଜିକାଲି ଆଉ ପ୍ରତିକ୍ରିୟାଶୀଳ ହେଉନାହାନ୍ତି। କୌଣସି ବି ସମସ୍ୟା ହେଲେ ଯଦି ନାଗରିକ ସମାଜ ଚୁପ ହୋଇ ବସିବେ, ପ୍ରତିକ୍ରିୟା ଦେବେ ନାହିଁ କିମ୍ବା ପ୍ରତିବାଦ କରିବେ ନାହିଁ ତେବେ ସରକାର ଉପରେ କିଭଳି ଚାପ ସୃଷ୍ଟି ହେବ ବୋଲି କହିଥିଲେ। ବର୍ତ୍ତମାନ ଏପରି ଏକ ସରକାର ରାଜ୍ୟରେ ଚାଲିଛି ଯେଉଁମାନେ କି ଏକଛତ୍ରବାଦୀ ମନୋବୃତ୍ତିରେ ଗଣତନ୍ତ୍ରକୁ ଗୌଣ କରି ଲୋକମାନଙ୍କ କୌଣସି ସମସ୍ୟା ସମାଧାନ କରୁନାହାନ୍ତି। ବଲାଙ୍ଗୀର କୃଷି ବିଶ୍ୱବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ପୂର୍ବରୁ ସମଲେଶ୍ୱରୀ ମନ୍ଦିର ଏବଂ ଗୋପାଳଜୀ ମନ୍ଦିର ଉନ୍ନତିକରଣ ପାଇଁ ପାଖାପାଖି ୩୯ କୋଟି ଟଙ୍କାର ବ୍ୟୟ ଅଟକଳରେ ପ୍ରସ୍ତାବ ପାରିତ ହୋଇଥିଲା। କିନ୍ତୁ ୫-ଟି ସଚିବଙ୍କ ବଲାଙ୍ଗୀର ଗସ୍ତ ପରେ କାହିଁକି କେଜାଣି ଏହି ସବୁ ମନ୍ଦିର ଏବଂ ଧର୍ମାନୁଷ୍ଠାନର ଉନ୍ନତି ପାଇଁ ସେହି ବ୍ୟୟ ଅଟକଳ ୭ କୋଟି ଟଙ୍କାରେ ସୀମିତ ହୋଇଯାଇଛି। ସମ୍ବଲପୁରର ସମଲେଶ୍ୱରୀ ମନ୍ଦିର ପାଇଁ ୨୦୦ କୋଟି ଟଙ୍କାର ଅନୁଦାନ ଆସିଥିବାବେଳେ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିର, ଗୋପାଳଜୀ ମନ୍ଦିର, ପାଟଣେଶ୍ୱରୀ ମନ୍ଦିର ଓ ଅନ୍ୟାନ୍ୟ ଧର୍ମାନୁଷ୍ଠାନ ପାଇଁ ମାତ୍ର ୭ କୋଟି ଟଙ୍କା ଅନୁଦାନ ପାଇଁ ପ୍ରସ୍ତାବ ତିଆରି ହେବା ବଲାଙ୍ଗୀରବାସୀଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବର ଏକ ସ୍ପଷ୍ଟ ଉଦାହରଣ ବୋଲି କହିଥିଲେ। ଆଲୋଚନାବେଳେ ଶିକ୍ଷା, ସମସ୍ୟା ଓ ଶିକ୍ଷକମାନଙ୍କର ତାଲିମକୁ ନେଇ ପ୍ରଫେସର ମଧୁସୁଦନ ପତି ସ୍ୱତନ୍ତ୍ର ପ୍ରସ୍ତାବ ଦେଇଥିଲେ। ଆଲୋଚନାବେଳେ ନାଗରିକ କମିଟି ସଭାପତି ବେଲାରସେନ ଭୋଇ, ସମ୍ପାଦକ ମନୋରଞ୍ଜନ ସାହୁ, ଓକିଲ ନକୁଳ ଅଗ୍ରୱାଲ, ଡା. ପ୍ରମୋଦ ମିଶ୍ର, ଡା. ପ୍ରେମଚାନ୍ଦ ମହାନ୍ତି, ମାହେଶ୍ୱରୀ ସଙ୍ଗଠନର ପ୍ରତିନିଧି, ଗୋପଭୂଷଣ ନାଥ, ଡ. ଶିବ ପ୍ରସାଦ ନନ୍ଦ, ଧର୍ମବ୍ରତ ରଥ, ଗଜେନ୍ଦ୍ର ଭମର, ପ୍ରହଲ୍ଲାଦ ଶତପଥି, ଆହ୍ଲାଦ ପୂଜାରୀ ଓ ଅନ୍ୟମାନେ ବଲାଙ୍ଗୀରର ଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ବେକାରୀ ସମସ୍ୟାର ସମାଧାନ ଦିଗରେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ।



ବିଧାୟକ ନରସିଂହ ମିଶ୍ର ଜନମତ କାର୍ଯ୍ୟକ୍ରମରେ ବଲାଙ୍ଗୀର ସହରର ବିଶିଷ୍ଟ ବ୍ୟକ୍ତିଙ୍କ ସହ ଆଲୋଚନା କରୁଛନ୍ତି।

# ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ପୂଜିତ ବିଘ୍ନବିନାଶନ ଗଣେଶଙ୍କ ପ୍ରତିମୂର୍ତ୍ତି


କାଳୀମନ୍ଦିର।


ଆମପଲ୍ଲୀ।


ଗଙ୍ଗାଧର ନଗର।


ସମଲେଶ୍ୱରୀ ସଂଘ।


ରାମଜୀ ମନ୍ଦିର। (ଫଟୋ: ପ୍ରେମାନନ୍ଦ)

# ନୂଆଁଖାଇ ଆଣେ ନୂଆ ଉନ୍ମାଦନା

**କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ ପାଳନ ପାଇଁ ସାରା ପଶ୍ଚିମ ଓଡ଼ିଶାବାସୀଙ୍କ ମନରେ ଉତ୍ସାହ, ଉଦ୍ଦୀପନା। ଘରେ ଘରେ ଏହି ପର୍ବ ପାଳିତ ହୁଏ। କବି, କଳାକାରମାନେ ମଧ୍ୟ ଏହି ଦିନ ନିଜ ଗ୍ରାମ ତଥା ଆଖପାଖ ଅଞ୍ଚଳରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥାନ୍ତି। ଏଥିପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି। ଏଭଳି କିଛି କବି, କଳାକାରଙ୍କୁ ଭେଟିଥିଲୁ। ସେମାନେ ଯାହା କହିଲେ ତାକୁ ନେଇ ଏକ ଉପସ୍ଥାପନା।**


ନୂଆଁଖାଇ ପୂର୍ବରୁ ବରଗଡ଼ରେ ନୃତ୍ୟ ପ୍ରସ୍ତୁତି।

## ଫିକା ପକାଇଥିଲା କରୋନା



"କରୋନା ପାଇଁ ୨ବର୍ଷ ଧରି ନୂଆଁଖାଇ ଫିକା ପଡ଼ିଯାଇଥିଲା। ହେଲେ ଏବେ ସବୁଆଡ଼େ କରୋନାମୁକ୍ତ। ନୂଆଁଖାଇ ପାଳନ ପାଇଁ ଉତ୍ସାହିତ ଅଛୁ। ସରକାରୀ ଚାକିରି ପାଇଁ ବରଗଡ଼ରେ ସପରିବାର ଅଛୁ। ନୂଆଁଖାଇ ଦିନ ସକାଳୁ ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଚିଚୋଲି ଗ୍ରାମକୁ ଯିବୁ ଏବଂ ସେଠାରେ ପରିବାର, ପଡ଼ୋଶୀଙ୍କ ସହିତ ନୂଆଁଖାଇ ପାଳନ କରିବୁ।

**-ହୃଷୀକେଶ ଭୋଇ, କଂସ ଅଭିନେତା**

## ଆଗଭଳି ନୂଆଁଖାଇ ନାହିଁ



"ଆଗକାଳର ନୂଆଁଖାଇ ଆଉ ନାହିଁ। ଘର ଲିପାପୋଛା, ବାସନକୁସନ ମଜା ଦେଖିବାକୁ ମିଳୁନାହିଁ । ପୂର୍ବରୁ ନୂଆଁଖାଇ ଆସିଲେ ସଭିଁଙ୍କ ମନରେ ନୂତନ ଉନ୍ମାଦନା ସୃଷ୍ଟି ହେଉଥିଲା। ଏବେ ଆଉ ତାହା ନାହିଁ। ଚାକିରି ପାଇଁ ପରିବାର ସଦସ୍ୟ ଦୂର ଦୂରାନ୍ତକୁ ଯାଉଛନ୍ତି। ନୂଆଁଖାଇ ଦିନ ମଧ୍ୟ ଘରକୁ ଫେରୁନାହାନ୍ତି । ଆଗଭଳି ଗ୍ରାମରେ ନୂଆଁଖାଇର ମିଳାମିଶା ନାହିଁ ।

**-ପଦ୍ମଶ୍ରୀ ହଳଧର ନାଗ**

## ଗାଁରେ ହେବ ନଗର ସଂକୀର୍ତ୍ତନ



"ମୁଁ ଜଣେ ସଂକୀର୍ତ୍ତନ କଳାକାର। ଅନେକ ସ୍ଥାନରେ ସଂକୀର୍ତ୍ତନ ପରିବେଷଣ କରିଛି। ଅନ୍ୟ ବର୍ଷ ଭଳି ଏଥର ମଧ୍ୟ ଗ୍ରାମରେ ନୂଆଁଖାଇ ଦିନ ନଗର ସଂକୀର୍ତ୍ତନ ହେବ। ବରଗଡ଼ ସହରରେ ରହୁଛି। ନୂଆଁଖାଇରେ ଭଟଲି ବ୍ଲକ ଗୌଡ଼ପାଲି ଗ୍ରାମକୁ ସପରିବାର ଯିବୁ। ଗ୍ରାମବାସୀଙ୍କ ସହିତ ନୂଆଁଖାଇ ପାଳନ ନିଆରା।

**-ପ୍ରମୋଦ ଦାଶ, ସଭାପତି, ସଂକୀର୍ତ୍ତନ କଳା ପରିଷଦ**

## ନାଚଗୀତ ସହ ଜୁହାର୍ ଭେଟ୍



"ପ୍ରଥମେ ମାଁ ସମଲେଶ୍ୱରୀଙ୍କୁ ଦର୍ଶନ କରିବୁ। ଏହାପରେ ଘରେ ରୀତିନୀତି ଅନୁଯାୟୀ ପୂଜା କରିବୁ। ଦେବୀଙ୍କଠାରେ ଭୋଗ ଲାଗି ହେବା ପରେ ନବାନ୍ନ ଭକ୍ଷଣ କରି ଜୁହାର୍ ଭେଟ୍ ହେବୁ। ଆଗରୁ ସାଧାରଣ ଭାବେ ନୂଆଁଖାଇ ପାଳନ କରାଯାଉଥିଲା। ଏବେ ଜାକଜମକରେ ଏହି ପର୍ବ ପାଳନ କରାଯାଉଛି। ଏଥର ମଧ୍ୟ ନାଚଗୀତ ପରିବେଷଣ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ।

**-ଶଙ୍କର ପଟ୍ଟନାୟକ, ନୃତ୍ୟ ନିର୍ଦ୍ଦେଶକ**
**(ଉପସ୍ଥାପନା: ପ୍ରେମାନନ୍ଦ ଖମାରୀ, ବରଗଡ଼)**

# ଗୋଷ୍ଠୀ ଜୀବନର ଆଦର୍ଶ ନୂଆଁଖାଇ ପର୍ବ

**ଅ**ତି ପ୍ରାଚୀନ କାଳରୁ ଉତ୍ସବ ଓ ପର୍ବପର୍ବାଣି ଭାରତୀୟ ଜୀବନଧାରାକୁ ଏକ ସ୍ୱତନ୍ତ୍ର ମୂଲ୍ୟବୋଧ ଦେଇଛି । ଏହାଦ୍ୱାରା ମାନବ ଜୀବନ ଓ ସମାଜ ସରସ ସୁନ୍ଦର ହୋଇଥାଏ । ମଣିଷ ଭିତରେ ଗୋଷ୍ଠୀ ଜୀବନର ଆଦର୍ଶ ଓ ସଂହତି ପ୍ରତିଷ୍ଠା କରିବା କ୍ଷେତ୍ରରେ ପର୍ବପର୍ବାଣିର ଗୋଟିଏ ବଡ଼ ଭୂମିକା ରହିଛି । ଆମେ ଯେଉଁ ବାରମାସରେ ତେରପର୍ବ ପାଳନର କଥା କହିଥାଉ, ତା' ପଛରେ ପ୍ରାୟତଃ ଏହି ଉଦ୍ଦେଶ୍ୟ ନିହିତ ଥାଏ । ପଶ୍ଚିମ ଓଡ଼ିଶାରେ ପାଳନ କରାଯାଉଥିବା ନୂଆଖାଇ ପର୍ବ ଏହି ଦୃଷ୍ଟିରୁ ବିଶେଷ ଗୁରୁତ୍ୱ ବହନ କରିଥାଏ । ବର୍ତ୍ତମାନ ସମୟରେ ନୂଆଁଖାଇ ପର୍ବ ପଶ୍ଚିମ ଓଡ଼ିଶା ଭିତରେ ସୀମିତ ନ ରହି ସମଗ୍ର ବିଶ୍ୱରେ ପାଳନ କରାଯାଉଛି । ସମଗ୍ର ବିଶ୍ୱ ଏକ ଗ୍ରାମ ବୋଲି ଏହି ପର୍ବ ଆଜି ପ୍ରତିପାଦିତ କରିପାରିଛି । ଏହା ଏକ ଗଣପର୍ବ, ଆନନ୍ଦ ଉଲ୍ଲାସର ପର୍ବ । କିନ୍ତୁ ଅତି ପ୍ରାଚୀନ କାଳରୁ ଏହି ପର୍ବ ବିଶ୍ୱ ମାନବ ସଭ୍ୟତାକୁ ଯେଉଁ ବାର୍ତ୍ତା ଦେଇଆସୁଛି ତାହା ଗୁରୁତ୍ୱପୂର୍ଣ୍ଣ । ମାନବ ଜୀବନରେ ପ୍ରକୃତିର ଭୂମିକା, ମହାନତା ଓ ମହତ୍ତ୍ୱକୁ ଏହି ପର୍ବ ଜରିଆରେ ପ୍ରତିପାଦନ କରାଯାଇପାରିଛି। ଐତିହାସିକ ଓ ନୃତାତ୍ତ୍ୱିକ ଗବେଷଣାରୁ ଜଣାଯାଏ ଯେ, ଓଡ଼ିଶାର ପଶ୍ଚିମାଞ୍ଚଳରେ ସ୍ଥାପିତ ହୋଇଥିବା ଜନପଦ ସବୁର ମୂଳ ଅଧିବାସୀ ହେଉଛନ୍ତି ଆଦିବାସୀ ଶବର । ସେହିମାନେ ହିଁ ହେଉଛନ୍ତି ଏଠାକାର ଧର୍ମ ଓ ସଂସ୍କୃତିର ପ୍ରତିଷ୍ଠାତା । ସେମାନଙ୍କର ମାଟି, ବୃକ୍ଷ ଓ ଅନ୍ତରୀକ୍ଷ ଉପାସନା ମଧ୍ୟ ଦେଇ ଏଠାକାର ଲୋକଧର୍ମ, ଲୋକାଚାର, ଲୋକସଂସ୍କୃତି ଓ ଲୋକ ଜୀବନଧାରା ଗତି କରିଛି। ପ୍ରକୃତିର କୋଳରେ ମାନବ ସଭ୍ୟତା ବିକଶିତ ହୋଇଛି । ପୃଥିବୀ ପୃଷ୍ଠରେ ମଣିଷ ବଞ୍ଚିବାର ସବୁ ଉପାଦାନ ପ୍ରକୃତି ଦେଇଥିବାରୁ ମଣିଷ ସର୍ବଦା ପ୍ରକୃତି ପ୍ରତି ତା'ର ଭକ୍ତି ଓ ଆନୁଗତ୍ୟ ଭାବକୁ ପ୍ରକାଶ କରିଥାଏ । ଅତି ପ୍ରାଚୀନ କାଳରୁ ମଣିଷର ଏହି ଚିନ୍ତାଧାରାକୁ ନୂଆଁଖାଇ ପର୍ବରେ ଦେଖିହୁଏ ।

ପଶ୍ଚିମ ଓଡ଼ିଶାରେ ପାଳନ କରାଯାଉଥିବା ନୂଆଁଖାଇ ପର୍ବ ଭାରତର ଅନ୍ୟାନ୍ୟ ଅଞ୍ଚଳର ଶସ୍ୟପୂଜା ତଥା ନୂତନ ଅନ୍ନ ପୂଜା ପରି ପ୍ରାଚୀନତମ । ମାନବ ଜୀବନର ପ୍ରମୁଖ ଆଧାର ହେଉଛି ଅନ୍ନ । ତେଣୁ ମଣିଷ ତାକୁ ବ୍ରହ୍ମ ତଥା ଈଶ୍ୱର ରୂପରେ ବିବେଚନା କରି ଆସିଛି । ଏହି ପ୍ରାଚୀନ ଲୋକବିଶ୍ୱାସକୁ ପରବର୍ତ୍ତୀ ସମୟରେ ବେଦ ଉପନିଷଦ ମଧ୍ୟ ସ୍ୱୀକାର କରିଛି । ଅନ୍ନଂ ବ୍ରହ୍ମେତି ବ୍ୟଜନାତ୍ ବୋଲି କୁହାଯାଇଛି । ଏହି ଅନ୍ନ ଉତ୍ପାଦନରେ ପ୍ରକୃତିର ଅବଦାନ ଯେ କେତେ ମହତ୍ତ୍ୱପୂର୍ଣ୍ଣ ତାହା ମଧ ମଣିଷ ହୃଦ୍‌ବୋଧ କରିଆସିଛି । ସେଥିପାଇଁ ନବାନ୍ନ ଦିନ ନୂତନ ଅନ୍ନପୂଜା କରିବା ସହିତ ଅନ୍ନ ଉତ୍ପାଦିତ ହେଉଥିବା ମାଟି, ବୃକ୍ଷ, ଆକାଶ, ପଶୁ ଆଦିଙ୍କୁ ସେ ପୂଜା କରି ତା'ର ଭକ୍ତି ନୈବେଦ୍ୟ ଅର୍ପଣ କରିଥାଏ । ଏହି ପର୍ବର ଆଉ ଏକ ବିଶେଷତ୍ୱ ହେଲା ପର୍ବ ପାଳନ ଅବସରରେ ବିଭିନ୍ନ ଜାତି, ଗୋଷ୍ଠୀର ଲୋକ ନିର୍ଦ୍ଦିଷ୍ଟ ଗୋଟିଏ ଗୋଟିଏ ବୃକ୍ଷକୁ ଦେବତା ରୂପରେ ପୂଜା କରିଥାନ୍ତି । ପୁଣି ସେହିଦିନ ସୌଖୀନ ଖାଦ୍ୟ ପାତ୍ର ବ୍ୟବହାର କରା ନ ଯାଇ ବୃକ୍ଷର ପତ୍ରରେ ଖଲିଦନା ତିଆରି କରି ନବାନ୍ନ ଭକ୍ଷଣ କରାଯାଇଥାଏ । କେତେକ ଜାତିରେ ମହୁଲ, ସରଗି, କୁରେଇ ପତ୍ରକୁ ତ ଆଉ କେତେକ ଗୋଷ୍ଠୀରେ ସାରୁ, କଦଳୀ, ପଳସା ପତ୍ରକୁ ନବାନ୍ନ ଭକ୍ଷଣ ସମୟରେ ବ୍ୟବହାର କରାଯାଇଥାଏ । ସାମାଜିକ ଓ ନୃତାତ୍ତ୍ୱିକ ଅଧ୍ୟୟନ ପାଇଁ ଏହା ଏକ ବଡ଼ ପ୍ରସଙ୍ଗ ନିଶ୍ଚୟ । ତେବେ ଏହି ପରମ୍ପରା ଆମର ପ୍ରାଚୀନ ପ୍ରକୃତି ଉପାସନାର ଧାରାକୁ ଉଜ୍ଜୀବିତ କରି ରଖିଛି । ଆଜି ଆମର ଆଧୁନିକ ଜୀବନଶୈଳୀ, ବ୍ୟାପକ ସହରୀକରଣ ଓ ଶିଳ୍ପାୟନ ଦ୍ୱାରା ଆମର ପ୍ରକୃତି ଓ ପରିବେଶ ନଷ୍ଟ ହୋଇ ସଭ୍ୟତା ବିପଦଗ୍ରସ୍ତ ହେବାରେ ଲାଗିଛି । ଆଉ ସେଥିପ୍ରତି ସଚେତନ ହେବା ପାଇଁ ପଶ୍ଚିମ ଓଡ଼ିଶାର ଏହି ନୂଆଁଖାଇ ପର୍ବ ବିଶ୍ୱ ମାନବ ସଭ୍ୟତାକୁ ଯେଉଁ ଆହ୍ୱାନ ଦେଉଛି ତାହା ଗୁରୁତ୍ୱପୂର୍ଣ୍ଣ ନିଶ୍ଚୟ । ନୂଆଖାଇ ପର୍ବର ବିବିଧ ବିଶେଷତା ଯୋଗୁ ଏହା କେବଳ ଏକ ପର୍ବ ଭାବରେ ନୁହେଁ ବରଂ ଏକ ବଳିଷ୍ଠ ଚେତନା ଭାବରେ ଆଦୃତ ହୋଇଛି । ନୂଆଖାଇ ପର୍ବ ଆଜି ବିଶ୍ୱ ସଂସ୍କୃତିକୁ ନୂତନ ମୂଲ୍ୟବୋଧ ଦେଇଛି ।

**ଡ. ଦେବାଶିଷ ପାଣ୍ଡିଆ**
ପଞ୍ଚମହଲା, ସୁବର୍ଣ୍ଣପୁର

# ନୂଆଁ ଧାନ , ନୂଆଁ ଜୀବନ...

**ଜୀ**ବନକୁ ବିଭିନ୍ନ ପର୍ବପର୍ବାଣିରେ ମଣିଷ ନୂଆ ଭାବରେ ଅନୁଭବ କରେ । ହେଲେ ନବାନ୍ନ ପରମ୍ପରାରେ ଗୋଟିଏ ବର୍ଷର ଫସଲକୁ ପୂର୍ବ ପୁରୁଷ ଓ ଅଦୃଷ୍ଟକୁ ଟେକି ଦେବାର ପରମ୍ପରା ପଶ୍ଚିମ ଓଡ଼ିଶାର ଜନଜୀବନକୁ ନୂଆ କରେ । ଧାନକୁ ଲୋକଗୀତରେ ନବରତ୍ନ ମଞ୍ଜି ଭାବରେ ବର୍ଣ୍ଣନା କରାଯାଇଛି । ସକଳ ଶକ୍ତିର ଆଧାର ଦେବଦେବୀ ଓ ଆମର ପିତୃପୁରୁଷ । ସେଥିପାଇଁ ଧାନର ଚୂରାକୁଁଡାର ଭୋଗକୁ ଦେବଦେବୀ ଓ ପିତୃପୁରୁଷଙ୍କୁ ଦେବା ପରେ ପ୍ରସାଦ ଭାବରେ ପାଇବା ପରମ୍ପରା ରହିଛି । ପଶ୍ଚିମ ଓଡ଼ିଶାରେ କେବଳ ଧାନକୁ ନେଇ ନୁହେଁ, ଶିମ୍ବ, ଚାର, ଆମ୍ବ ଓ ମହୁଲକୁ ନେଇ ନୂଆଁ ଲଗାଇବାର ପରମ୍ପରା ଗାଁଗୁଡ଼ିକରେ ରହି ଆସିଛି । ଗାଁର ଦେବଦେବୀଙ୍କୁ ଏହା ଅର୍ପଣ କରିବା ବିଧିକୁ ଗୁଣ୍ଡିଲଗା କୁହାଯାଏ ।

ପଶ୍ଚିମ ଓଡ଼ିଶାରେ ଦେବଦେବୀ ଓ ପିତୃପୁରୁଷଙ୍କୁ ଖରିଫ ଋତୁର ଶସ୍ୟ ଭାବରେ ନୂଆଁଧାନକୁ ଅର୍ପଣ କରାଯାଉଥିବା ବିଧିକୁ ନୂଆଁଖାଇ କୁହାଯାଉଛି । ଏହା ବର୍ଷର ସବୁଠୁ ବଡ ପର୍ବ । କୃଷିଭିତ୍ତିକ ଏହି ଗଣପର୍ବ ବର୍ତ୍ତମାନ ଗୋଟିଏ ଦିନରେ ପାଳିତ ହେଉଛି ।

## ଚୂରାକୁଁଡା ପ୍ରସ୍ତୁତି

ନୂଆଁଧାନକୁ ପରିବାରର କେହି ଜଣେ ନୂଆଁଖାଇ ଦିନ କିମ୍ବା ତା'ର ଦିନେ ଦୁଇଦିନ ଆଗରୁ ଖେତରୁ ଆଣିଥାନ୍ତି । ସହରାଞ୍ଚଳରେ ବଜାରରୁ ମଧ ଏହା କିଣି ଘରକୁ ନେଇଥାନ୍ତି । ସ୍ନାନ ଶୌଚ ହୋଇ ଏହି ଧାନକୁ ପରିବାରର ମହିଳାମାନେ କଡେଇରେ ଭାଜିଥାନ୍ତି । ତା'ପରେ ଏହି ଭଜା ଧାନକୁ ଶିଳରେ ପାଣି ନ ଦେଇ ଶିଳପୁଆ ମଡେଇ ଗୁଣ୍ଡ କରିଥାନ୍ତି ବା ଚୂରି ଥାଆନ୍ତି । ପରେ ଏହି ଗୁଣ୍ଡକୁ ନୂଆକୁଲାରେ ପାଛୁଡି ଥାଆନ୍ତି । ପାଛୁଡା ଚୂରାକୁଁଡାରେ ଗୁଆଘିଅ, କ୍ଷୀର, ଗୁଡ ଓ ମହୁ ଦେଇ ଗୋଳାଇବା ପରେ ଭୋଗ ପ୍ରସ୍ତୁତ ହୋଇଥାଏ। ଏହି ଭୋଗକୁ ଚୂରାକୁଁଡା କୁହାଯାଏ । ବିଭିନ୍ନ ଗୋଷ୍ଠୀ ଓ ବର୍ଗର ଲୋକମାନେ ବିଭିନ୍ନ ପତ୍ରରେ ଏହି ଚୂରାକୁଁଡାକୁ ନିଜ ଘରର ଇଷ୍ଟଦେବୀ, ପିତୃପୁରୁଷଙ୍କୁ ଅର୍ପଣ କରିବା ପରେ ଖେତରେ ମାଟିମାଆଙ୍କୁ ଚୂରାକୁଁଡା ଭୋଗ ଦେଇଥାନ୍ତି । ଏହି ପରମ୍ପରା ଅରଣ୍ୟ ସଂସ୍କୃତି ସହ ମୃତ୍ତିକାର ସମ୍ପର୍କକୁ ସୂଚିତ କରେ ।



## ନୂଆଁଖାଇ ପ୍ରସ୍ତୁତି

ଗାମାନଙ୍କରେ ଝାଙ୍କର ବା ଦେବୀପୀଠର ପୂଜକ ନୂଆଁଖାଇ ଦିନ ଗାଁର ଦେବୀପୀଠରେ ନୂଆଁ ଲଗାଇଥାନ୍ତି। ବିଭିନ୍ନ ଗାଁ ଓ ଗୋଷ୍ଠୀ ଅନୁଯାୟୀ ଏନେଇ ନିର୍ଦ୍ଦିଷ୍ଟ ପରମ୍ପରା ପାଳିତ ହୋଇଆସୁଛି । କେତେକ ମତ୍ସ୍ୟଜୀବୀ ସମୂହରେ ସମ୍ପୂର୍ଣ୍ଣ ନୂଆ ଧାନରେ ଖିରିପିଠା ଓ ଭୋଗ ପ୍ରସ୍ତୁତି କରାଯାଇ ଦେବୀଦେବଙ୍କୁ ଦେଇଥାନ୍ତି। ଏହି ଭୋଗର ପ୍ରସ୍ତୁତି ପାଇଁ ପରିବାରର ମହିଳା ନଦୀ କିମ୍ବା ପୋଖରୀରୁ ପାଣିକୁ ରାତି ସମୟରେ ଲୁଚାଇ ଆଣିଥାନ୍ତି। ନୂଆଁଖାଇର ପୂର୍ବ ଦିନ ଆବଶ୍ୟକ ହାଟ କରି ଗାଁ ଲୋକ ମିତା ମାର୍ସାଦ (ବନ୍ଧୁବାନ୍ଧବ) ଘରକୁ ଚାଉଳ, ଗୁଡ ଓ ବିଭିନ୍ନ ପନିପରିବା ଦିଆନିଆ କରିଥାନ୍ତି । ଏଇ ଗଣପର୍ବରେ କୃଷିଜୀବୀମାନେ କୃଷି ଶ୍ରମିକମାନଙ୍କୁ ଅଢିଆ ଚାଉଳ ଦେବାର ବିଧି ମଧ୍ୟ କେତେକ ଗ୍ରାମାଞ୍ଚଳରେ ଏଯାବତ୍ ରହିଛି । ଯେତେ ଦୂରବାଟରେ ଥିଲେ ବି ଗାଁକୁ ଫେରି ସାହି ଭାଇ ସହ ନୂଆଁ ଖାଇବା ପରମ୍ପରା ଅନାବିଳ ଭାବରେ ପାଳିତ ହୋଇଆସୁଛି।

## ଚଳିତ ସମୟର ଉସନାକୀ

ଗାଁକୁ ଦୂରଦୂରାନ୍ତରୁ ଲୋକ ନୂଆଁ ଖାଇବା ପାଇଁ ଆସିଛନ୍ତି। ଗାଁ ହାଟ ବଜାରରେ ଲୋକ ବୁଲାବିକାଳିଙ୍କଠାରୁ ପନିପରିବା ଓ ଅନ୍ୟାନ୍ୟ ସାମଗ୍ରୀ କିଣୁଛନ୍ତି । ଦର ବହୁତ ଚଢା ରହିଛି । ଭଲ ବର୍ଷା ପାଇଁ ଉସନାକୀ ରହିଛି। ଜୀ ଜାଗିଥିଲେ ଫେର ବଛରେ ବୋଲି ନୂଆଁଖାଇ ପର୍ବରେ ଭେଟଘାଟ ହେଲା ବେଳେ ଲୋକ କହିଥାନ୍ତି । ଇ ବଛର ଥିଲା ଲୋକ କି ପାଳକ ଆର ବଛର ଥିବ ବୋଲି କ'ଣ ଅଛି ? ହେଲେ ଚଳିତବର୍ଷର ପାଳକ ପାଇଁ ଲୋକ ଉସନାକୀରେ ଅଛନ୍ତି ।

**ପ୍ରସ୍ତୁତି – ଅଜିତ କୁମାର ବାରିକ, ବୌଦ୍ଧ**

# ନୂଆଁଖାଇ : ମଙ୍ଗ ଓ ମଙ୍ଗା

**ନଈକୂଳରେ ମଣିଷ ସ୍ଥାପନ କରିଥିଲା ସଭ୍ୟତା । କୃଷି ସହ ଯାତାୟାତ ଓ ନୌବାଣିଜ୍ୟ ପାଇଁ ଗଢ଼ିଉଠିଥିଲା ନଈକୂଳର ବସତି । ସେଇ କ୍ରମରେ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ବହୁତ ପୁରୁଣା । ଆଉ ଅତୀତରେ ଓଡ଼ିଶାର ପୂର୍ବାଞ୍ଚଳ ସହ ପଶ୍ଚିମାଞ୍ଚଳର ଯୋଗାଯୋଗ ମାଧ୍ୟମ ହିଁ ଥିଲା ଡଙ୍ଗା । ବଡ଼ ବଡ଼ ପଟୁଆ(ଡଙ୍ଗାକୁ ଡଙ୍ଗା ପଟାରେ ଯୋଡ଼ି ଗଢ଼ା ବଡ଼ ଡଙ୍ଗା)ରେ ପରିବହନ ହେଉଥିଲା ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ । ପୂର୍ବାଞ୍ଚଳରୁ ପଟୁଆରେ ଓଡ଼ିଶାର ପଶ୍ଚିମାଞ୍ଚଳକୁ ଆସୁଥିଲା ଲୁଣ, କଂସାବାସନ ଆଉ ହରେକ କିସମ ମସଲା । ଏପଟରୁ ଯାଉଥିଲା ଲାଖ, ଝୁଣା ଆଉ ସରୁ ସୂତାର ପାଟଶାଢ଼ି ।**

## ଜୀବିକାର ରାହା: କାହାର ଡଙ୍ଗା ତ କାହାର ମଙ୍ଗା


ନୂଆଁଖାଇରେ ମଙ୍ଗ ପୂଜା ପାଇଁ ଡଙ୍ଗା ପ୍ରସ୍ତୁତ।

ନଈ ଗୋଟିଏ । ହେଲେ ସେଇ ନଈକୁ ଆଧାର କରି ଗୁଜୁରାଣ ମେଣ୍ଟାଉଥିବା ମଣିଷ ଅନେକ। କିଏ ନଈରୁ ମାଛ ମାରେ ତ ଆଉ କାହାର କାମ ଘାଟ ଫେରି । ଏଇ ଫେରି କରୁଥିବା କୈବର୍ତ୍ତ ହିଁ ବଣିଜରେ ନେଉଥିଲେ ସୂକ୍ଷ୍ମ ପାଟସୂତାର ଶାଢ଼ି । ଫେରି କରୁଥିବା କୈବର୍ତ୍ତ ସମ୍ପ୍ରଦାୟର ଜୀବନଜୀବିକାର ମାଧ୍ୟମ ହେଉଛି ମଙ୍ଗ ଓ ନୂଆଁଖାଇ ପରମ୍ପରାରେ ପ୍ରଚଳିତ ହୋଇଆସୁଛି ମଙ୍ଗପୂଜା । ସେହିପରି ପଶ୍ଚିମ ଓଡ଼ିଶାରେ ସଁପୁର (ସରୁ) ସୂତାର କାରିଗରଙ୍କ ଜୀବନ ଜୀବିକାର ମାଧ୍ୟମ ହେଉଛି ମଙ୍ଗା (ତନ୍ତ) । ବୁଣାକାରମାନେ ନୂଆଁଖାଇରେ ପ୍ରତିବର୍ଷ ମଙ୍ଗା ପୂଜା କରି ନିଜର ଭକ୍ତି ନୈବେଦ୍ୟ ଜଣାଇଥାନ୍ତି ।

## ପ୍ରସ୍ତୁତିପର୍ବ

ନୂଆଁଖାଇର ପୂର୍ବଦିନ ଆରମ୍ଭ ହୁଏ ଡଙ୍ଗାପୂଜାର ପ୍ରସ୍ତୁତି । ସଞ୍ଜ ଆଗରୁ ଡଙ୍ଗାକୁ ଭଲ ଭାବରେ ଧୁଆଧୋଇ କରି ଡଙ୍ଗା ମଙ୍ଗକୁ ଚିତ୍ରେଇବା ପାଇଁ ସଜ କରାହୁଏ କଟକୀ ସିନ୍ଦୂର ଓ ନଡ଼ିଆକାଞ୍ଚ ପୋଡ଼ାକଳା । ଛୋଟ ଡଙ୍ଗାରେ କୋଡିଏରୁ ଅଠେଇଶ କେତକୀଫୁଲ ଢାଞ୍ଚାର କାଙ୍ଗଲା । ବଡ଼ ଡଙ୍ଗାରେ କାଙ୍ଗଲା ପାର୍ଶ୍ୱରେ ହାତୀମୁଣ୍ଡ ଥାଏ। ନୂଆଁଖାଇ ସକାଳେ ଦୁଇ ମଙ୍ଗରେ କଟକୀ ସିନ୍ଦୂର ଓ କଳା ମଖାଇ ଦେବା ପରେ ପୂଜା ପାଇଁ ପ୍ରସ୍ତୁତ ହୋଇ ରହିଥାଏ ଡଙ୍ଗା । ଏ ସମ୍ପର୍କରେ ସୋନପୁର ବଡ଼ବଜାର ତଳପଡ଼ାର କେଦାର ପାଣ୍ଡେ କୁହନ୍ତି, ଡଙ୍ଗାରେ ଆମର ଚୌରାଶି ଦେବୀ ଥାପନା ହୋଇଛନ୍ତି । ତାଙ୍କରି ପାଖରେ ପୂଜା କରି ଭୋଗ ଦେବା ପରେ ଆମର ନୂଆଁଖାଇର ନୂଆଁ ଲାଗେ । ଅନ୍ୟପକ୍ଷରେ ନବାନ୍ନ ଦିନ ସକାଳୁ ଗାଧୋଇ ସାରି ବୁଣାକାର ପରିବାରର ମହିଳାମାନେ ଲକ୍ଷ୍ମୀପୂଜା କରନ୍ତି । ତାପରେ ଇଷ୍ଟପୂଜା କରନ୍ତି । ଏହାପରେ ପରିବାରର ପୁରୁଷଙ୍କ ମଧ୍ୟରେ ନଡ଼ିଆ ଖେଳ ହୁଏ । ନଡ଼ିଆକୁ ମାଟିରେ ବାଡ଼େଇ କେତେଖଣ୍ଡ କରାଯିବ କିମ୍ବା ନଡ଼ିଆ ଫିଙ୍ଗାରେ କେତେ ବାଟ କିଏ ଫିଙ୍ଗିପାରିବ, ଏଇ ଖେଳ ଚାଲେ। ଗାଁର ଛୋଟରୁ ବଡ଼ ଯାଏ ନଦୀ କିମ୍ବା ପୋଖରୀକୁ ଗାଧୋଇ ଯାଆନ୍ତି । ଗାଧୋଇ ଫେରିଲା ପରେ ଘରର ମୁରବି-ପୁରୁଷ ଚୂରାକୁଣ୍ଡା ଲଗେଇ ମଙ୍ଗା ପୂଜା କରନ୍ତି ।

ନଈକୂଳରେ ପ୍ରସ୍ତୁତ ହୋଇ ରହିଥାଏ ଡଙ୍ଗା । ସଦ୍ୟ କଟକୀ ସିନ୍ଦୂର ଓ କଳା ବୋଳା ହୋଇ ଜକଜକ କରୁଥାନ୍ତି ଆଗ ମଙ୍ଗରେ ଚୌରାଶୀ ଦେବୀ । ସବୁ ଡଙ୍ଗାର ଆଗ ମଙ୍ଗରେ ହିଁ ଚୌରାଶୀ ଦେବୀଙ୍କୁ ପରିବାରର ବୟୋଜ୍ୟେଷ୍ଠ ପୂଜା କରିଥାନ୍ତି, ପରେ ପଛ ମଙ୍ଗରେ । ପଛ ମଙ୍ଗରେ ସମଲାଇ ଓ ସ୍ଥଳ ବିଶେଷରେ ଅନ୍ୟ ଦେବୀ ପୂଜା ଘେନିଥାନ୍ତି । ମଙ୍ଗା(ତନ୍ତ)ରେ ପୂଜା ପାଆନ୍ତି ପହିଲା ବିଶ୍ୱକର୍ମା । ପରେ ବୁଣାକାରଙ୍କ ଘରେ ଅନ୍ୟାନ୍ୟ ଦେବଦେବୀଙ୍କୁ ଭୋଗ ଲଗେଇ ପୂଜା କରାଯାଏ । ଏ ସମ୍ପର୍କରେ କନ୍ଧମାଳ ବ୍ଲକ ଗଜଜୋର ଗ୍ରାମର ମାଲୁ ମେହେର କହନ୍ତି , ମଙ୍ଗାପୂଜା ପରେ ପାଟମେଶ୍ୱରୀମ୍, ସମଲେଶ୍ୱରୀ, ମଙ୍ଗଳା ଆଦି ଦେବଦେବୀଙ୍କୁ ଭୋଗ ଦେଇ ପୂଜା କରିବା ବିଧି ରହିଛି । ଏହି ନଈକୁ ନେଇ ଉଭୟ ସମ୍ପ୍ରଦାୟରେ ପ୍ରାୟତଃ କୁରହେଇ ପତ୍ରରେ ଚୁରାକୁଁଡା ଭୋଗ ବାଢି ଦେବାର ବିଧି ରହିଛି, ଯାହା ଉଭୟ ପରମ୍ପରାର ସଂଯୋଗକୁ ପ୍ରତୀୟମାନ କରେ ।


ବୁଣାକାରଙ୍କ ମଙ୍ଗା (ତନ୍ତ)।

## ଶେଷକଥା

ଏ ନଈରେ କେତେ ପାଣି ବହିଗଲାଣି । କେତେ ଲୋକ ଗାଁରୁ ଚାଲିଗଲେଣି । ଆଜିର ଜୀବନ କାଲି କି ନାହିଁ । ହେଲେ ଏ ନୂଆଁଖାଇ ସବୁ ଭାଇ ଭାଗ ମେଣ୍ଟାଇ ନଈ ପରି ବହିଚାଲିଛି । ସବୁ ମଣିଷଙ୍କୁ ଗୋଟିଏ ସଁପୁର ସୂତାରେ ବାନ୍ଧି ରଖିଛି ।

**ରିପୋର୍ଟ -ଆଦିଦେଶ୍ୱର ମିଶ୍ର ,କନ୍ଧମାଳ**

# ସୁନ୍ଦରଗଡ଼ ଜିଲାର ରାଉରକେଲା ସମେତ ବିଭିନ୍ନ ସ୍ଥାନରେ ପୂଜିତ ବିଘ୍ନବିନାଶନ ଗଣେଶଙ୍କ ପ୍ରତିମୂର୍ତ୍ତି


ରାଉରକେଲା ବାସନ୍ତୀ କଲୋନୀ


ସିଭିଲ ଟାଉନ୍‌ଶିପ୍


ରୟାଲ ବଏଜ୍ ପୂଜା କମିଟି ସୁପର ମାର୍କେଟ


ଟେନ୍‌ସା


ଡିଏଭି ବସ୍ତି ମା' ତାରିଣୀ ଶାନ୍ତି କମିଟି


ବ୍ରାଇଡ୍ ଲେନ୍ ୱେଲଫେୟାର କମିଟି ଛେଣ୍ଡ୍ କଲୋନୀ। (ଫଟୋ: ବିବେକ)

## ସଂକ୍ଷେପରେ

### ରେଳ ଧାରଣାରୁ ଅଚିହ୍ନା ମୃତଦେହ ଜବତ

**ରାଜଗାଙ୍ଗପୁର,୧୯।୯ (ଅଶୋକ ପାଣି):** ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ରେଳବାଇ ପୋଲିସ ରେଳ ଧାରଣାରୁ ମଙ୍ଗଳବାର ସକାଳୁ ଏକ ଅଚହ୍ନା ମହିଳାଙ୍କ ମୃତଦେହ ଜବତ କରି ସରକାରୀ ଚିକିତ୍ସାଳୟରେ ରଖିଛି। ଖବର ଲେଖା ହେବା ପର୍ଯ୍ୟନ୍ତ (ସନ୍ଧ୍ୟା ୭ଟା) ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ମୃତ ମହିଳାଙ୍କ ବୟସ ୫୦ ବର୍ଷ ବୋଲି ଜଣାପଡୁଛି। ଟ୍ରେନ ଧକ୍କାରେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି।

### ଟ୍ରେଲର ଚାଳକଙ୍କ ଅସ୍ୱାଭାବିକ ମୃତ୍ୟୁ

**କୁଆଁରମୁଣ୍ଡା,୧୯।୯(ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ଗୋବିରାସ୍ଥିତ ଏକ କାରଖାନାରୁ ଟ୍ରେଲର(ୟୁପି - ଏପି -୧୫୫୬୩) ଯୋଗେ ଲୁହା ଛଡ଼ ବୋଝେଇ ହୋଇ ଉତ୍ତରପ୍ରଦେଶ ଯାଇଥାନ୍ତା। ମାତ୍ର ଉକ୍ତ ଟ୍ରେଲର ଚାଳକ ଜବିର(୨୮)ଙ୍କୁ ଭୀଷଣ ଜ୍ୱର ଆସିବାରୁ ସେ ସୋମବାର ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହୋଇ ଫେରିଥିଲେ। ମଙ୍ଗଳବାର ସକାଳ ସମୟରେ ସେ ଗାଡ଼ିରେ ଶୋଇଥିଲେ ହେଁ ଆଉ ଉଠି ନ ଥିଲେ। ଗାଡ଼ିରେ ଥିବା ତାଙ୍କ ଭାଇ ତାଜ ମହମ୍ମଦ ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ । ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ ଜବିରଙ୍କ ଭାଇ ତାଜଙ୍କ ଅଭିଯୋଗକ୍ରମେ କୁଆଁରମୁଣ୍ଡା ଫାଣ୍ଡି ଏଏସଆଇ ଶ୍ରୀନିବାସ ଦାସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି। ମୃତ ଜବିର ଉତ୍ତରପ୍ରଦେଶ ରାଜ୍ୟ ବନବାଙ୍କ ଜିଲା କରାଣ୍ଡ ଗ୍ରାମର ବୋଲି ଜଣାପଡ଼ିଛି।

## ଆର୍‌ଏସ୍‌ପି ପରିଚାଳିତ ସ୍କୁଲରେ ଗଣେଶ ପୂଜା

**ରାଉରକେଲା,୧୯।୯(ବିପ୍ଳବ ରଞ୍ଜନ ଦାଶ)**


ଇସ୍ପାତ ଶିକ୍ଷାନୁଷ୍ଠାନରେ ଡିଆଇସି ଓ ଅନ୍ୟମାନେ।

ଆର୍‌ଏସ୍‌ପି ପରିଚାଳିତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମଙ୍ଗଳବାର ଗଣେଶ ପୂଜା ପାଳିତ ହୋଇଯାଇଛି। ଏହି ଦିବସରେ ଆରଏସପି ଓ ବୋକାରୋ ଇସ୍ପାତ କାରଖାନାର ଡିଆଇସି ଅତନୁ ଭୌମିକ ଦୀପିକା ଇସ୍ପାତ ଶିକ୍ଷା ସଦନ ପୂଜା ମଣ୍ଡପରେ ଗଜାନନଙ୍କୁ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ସହିତ ଦୀପିକା ମହିଳା ସଂଘତି ଅଧ୍ୟକ୍ଷା ସୀମା ଭୌମିକ, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର୍. ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ଶତପଥି, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପି. କେ. ସାହୁ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ, ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ବିତ୍ତ ଓ ଲେଖା କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରିଆ, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ହର୍ଷଲା ସୂର୍ଯ୍ୟବଂଶୀ, ହିରଣ୍ମୟୀ ଶତପଥି, ସମାପିକା ସାହୁ ଓ ଡାକ୍ତର ସୁସ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଡିଆଇସି ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହିତ ସେକ୍ଟର-୨୦ ଇସ୍ପାତ ଇଂରାଜୀ ମାଧମ ବିଦ୍ୟାଳୟ, ସେକ୍ଟର-୧୯ ଇସ୍ପାତ ବିଦ୍ୟା ମନ୍ଦିର, ସେକ୍ଟର-୨୨ ଇସ୍ପାତ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ଆୟୋଜିତ ଗଣେଶ ପୂଜନ ଉତ୍ସବରେ ସାମିଲ ହୋଇଥିଲେ। ସେକ୍ଟର-୫ ବିଗିନର୍ସ ଏକାଡେମୀ ଆୟୋଜିତ ଗଣେଶ ପୂଜନୋତ୍ସବରେ ଦୀପିକା ମହିଳା ସଂହତିର ଅଧ୍ୟକ୍ଷା, ଉପାଧ୍ୟକ୍ଷା ଏବଂ ପରିଚାଳନା ପରିଷଦ ସଦସ୍ୟମାନେ ସାମିଲ ହୋଇଥିଲେ।

## କୋଇଡା, ଟେନ୍‌ସା, କୁତ୍ରା, ଲହୁଣିପଡ଼ାର ବିଭିନ୍ନ ସ୍ଥାନରେ ଗଣେଶ ପୂଜା

**ଟେନ୍‌ସା/କୁତ୍ରା/ ଲହୁଣୀପଡା,୧୯।୯**
**(ସମୀର କୁମାର ପାଢୀ/ ଦେବାଶିଷ ସାହୁ/ ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା କୋଇଡା ଓ ଟେନ୍‌ସାର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ଟେନ୍‌ସା ସି ଜୋନ, ବି ଜୋନ ଝୁମ୍ପୁଡି, ଇସ୍ପାତ ବିଦ୍ୟାଳୟ, ବସ୍ତି ସ୍କୁଲ, ମାର୍କେଟ, ଜିନ୍ଦଲ ଷ୍ଟିଲ ପାୱାର ଟିଆର୍‌ବି ଖଣିରେ ଧୁମଧାମରେ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ପୂଜା ୩ ଦିନ ଧରି ଚାଲିବ। ଶୁକ୍ରବାର ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ସେହିପରି କୋଇଡାରେ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ସିଦ୍ଧି ବିନାୟକ ୟୁଥ କ୍ଲବ, ବାବା ଗଣେଶ ପୂଜା କମିଟି ପକ୍ଷରୁ ପୂଜା ଅନୁଷ୍ଠିତ ହେଉଛି। ଏହା ୫ଦିନ ଧରି ଅନୁଷ୍ଠିତ ହେବ। ପୂଜା ମଣ୍ଡପ ଗୁଡିକ ବିଭିନ୍ନ ପ୍ରକାରର ଆଲୋକମାଳରେ ସୁସଜ୍ଜିତ ହୋଇଛି। ସନ୍ଧ୍ୟାରେ ମିନାବଜାର, ଦୋଳି ପାଇଁ ପୂଜା ମଣ୍ଡପ ଗୁଡ଼ିକରେ ଭକ୍ତଙ୍କ ଭିଡ଼ ଲାଗିଥିଲା। ଏଥିସହ ବିଭିନ୍ନ ବିଦ୍ୟାଳୟ, ଶିକ୍ଷାନୁଷ୍ଠାନ, ଦୋକାନ ଆଦି ଗୁଡିକରେ ଗଣେଶ ପୂଜା ହୋଇଯାଇଛି । ସେହିପରି କୁତ୍ରା ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ, କ୍ଲବ ତଥା ଅନ୍ୟାନ୍ୟ ଅନୁଷ୍ଠାନ ଗୁଡିକରେ ଗଣେଶ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟର ଛାତ୍ର ସଂସଦ ତରଫରୁ ଧୁମଧାମରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜକ ରବିନ୍ଦ୍ର ପଣ୍ଡାଙ୍କ ଦ୍ୱାରା ପୂଜା କାର୍ଯ୍ୟ ହୋଇଥିଲା। ଏଥିରେ କର୍ତ୍ତା ଭାବେ ଦେବେନ୍ଦ୍ର ବାଡା ଓ ନିରେନ୍ଦ୍ର ବନଛୁର ଦାୟିତ୍ୱ ତୁଲାଇଥିଲେ। ୧୦ଟାରେ ପୁଷ୍ପାଞ୍ଜଳି ସହ ପୂଜା କାର୍ଯ୍ୟ ସଂପନ୍ନ ହୋଇଥିଲା। ପରେ ବିଶ୍ୱ କଲ୍ୟାଣ ନିମନ୍ତେ ଏକ ବିଶେଷ ଯଜ୍ଞ ଅନୁଷ୍ଠିତ ହେଇ ଏଥିରେ ଆଚାର୍ଯ୍ୟ ଭାବେ ବିଭୀଷଣ ବାରିକ ଦାୟିତ୍ୱ ନିର୍ବାହ କରିଥିବା ବେଳେ କର୍ତ୍ତା ଭାବେ ଆଲିସା ମିଞ୍ଜ, ରାକେଶ ଲାକଡା ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ, ଶିକ୍ଷୟିତ୍ରୀ ଦିପିକା କେରକେଟା, ଯସ୍ମୀନ ମିଞ୍ଜ, ମଞ୍ଜୁ ଏକ୍କା, ଲିପିକା କାଲୋ, ରୀତା କଣ୍ଡୁ, ଦିଲୀପ ବେହେରା ପ୍ରମୁଖ ସହଯୋଗ କରିଥିଲେ।


ଲହୁଣୀପଡ଼ା

ଲହୁଣୀପଡା ଅଞ୍ଚଳରେ ଗଣେଶ ପୂଜା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଅନେକ ସ୍ଥାନରେ ପୂଜା ପାଳିତ ହୋଇଯାଇଛି। କେତେକ ସ୍ଥାନରେ ଆକର୍ଷଣୀୟ ତୋରଣମାନ ଦେଖିବାକୁ ମିଳିଛି। ଏଥିସହ କେତେକ ଗ୍ରାମରେ ଥିବା ଯୁବକ ସଂଘ ତରଫରୁ ମଧ୍ୟ ଆଡମ୍ବର ସହକାରରେ ଗଣେଶ ପୂଜା କରାଯାଇଛି। ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରାଜାମୁଣ୍ଡା ସ୍ଥିତ ଗଣେଶ ମନ୍ଦିରଠାରେ ଜଳ ପରିମଳ କାର୍ଯ୍ୟାଳୟ ତରଫରୁ ଅନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା କରାଯାଇ ସର୍ବ ସାଧାରଣଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। କେତେକ ସ୍ଥାନରେ ଗଣେଶ ପୂଜା ଉପଲକ୍ଷେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ଜଣାପଡିଛି।

## ଅଧାରେ ଅଟକିଛି ମୂର୍ତ୍ତି ବିସର୍ଜନ ଘାଟ

**ରାଉରକେଲା,୧୯।୯(ବିପ୍ଳବ ରଞ୍ଜନ ଦାଶ)**

**ଚଳିତବର୍ଷ ଅସ୍ଥାୟୀ ପୋଖରୀରେ ହେବ ଭସାଣି**

ରାଉରକେଲା ବାଲୁଘାଟଠାରେ ମୂର୍ତ୍ତି ବିସର୍ଜନ ଘାଟ ଓ ଗ୍ୟାଲେରୀ ନିର୍ମାଣ କାମ ଏଯାଏ ସମ୍ପୂର୍ଣ୍ଣ ହୋଇନାହିଁ। ଏହି କାମ ସମ୍ପୂର୍ଣ୍ଣ ପାଇଁ ଆର୍‌ଏମ୍‌ସି ପକ୍ଷରୁ ବାରମ୍ବାର ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ। ନିର୍ମାଣ କାର୍ଯ୍ୟର ଅବଧି ମଧ୍ୟ ଦିନକୁ ଦିନ ବଢି ଚାଲିଛି। କେବଳ ପ୍ରତିଶ୍ରୁତିରେ ମୂର୍ତ୍ତି ବିସର୍ଜନ ଘାଟ ଓ ଗ୍ୟାଲେରୀ ନିର୍ମାଣ କାର୍ଯ୍ୟ ସୀମିତ ରହିଯାଇଛି। ଗତବର୍ଷ ଉକ୍ତ ପ୍ରକଳ୍ପ ଦାୟିତ୍ୱରେ ଥିବା ଆର୍‌ଏମସି ଯନ୍ତ୍ରୀ ଚନ୍ଦ୍ରକାନ୍ତ ଧଳଙ୍କୁ ପଚରାଯିବାରୁ ସେ କହିଥିଲେ, ଗଣେଶ ପୂଜା ପୂର୍ବରୁ ହିଁ ବାଲୁଘାଟ ବିସର୍ଜନ ଘାଟ ଏବଂ ଗ୍ୟାଲେରୀ ନିର୍ମାଣ ଶେଷ ହେବ। ଗଣେଷ ପୂଜାଠାରୁ ବ୍ରାହ୍ମଣୀ ନଦୀରେ ଆଉ ମୂର୍ତ୍ତି ବିସର୍ଜନ ହେବନାହିଁ। ସିଧାସଳଖ ବିସର୍ଜନ ଘାଟରେ ମୂର୍ତ୍ତି ବିସର୍ଜନ ହେବ ବୋଲି ଧଳ ଦୃଢୋକ୍ତି ପ୍ରକାଶ କରିଥିଲେ। ତେବେ ମଙ୍ଗଳବାର ରାଉରକେଲା ସହର ସାରା ଗଣେଶ ପୂଜା ଶେଷ ହୋଇଥିବା ବେଳେ ପ୍ରକଳ୍ପ କାମ ଶେଷ ହୋଇନାହିଁ। ଏ ନେଇ ସଂପୃକ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା ଆରଏମସିର ଯନ୍ତ୍ରୀ ଚନ୍ଦ୍ରକାନ୍ତ ଧଳଙ୍କୁ ପଚାରିବାରୁ ସେ କହିଲେ, ମୂର୍ତ୍ତି ବିସର୍ଜନ ଘାଟ ଓ ଗ୍ୟାଲେରି ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଚାଲିଛି। ଖୁବଶୀଘ୍ର କାମ ସରିବ। ଯେହେତୁ କାମ ସରିନାହିଁ ତେଣୁ ମୂର୍ତ୍ତି ବିସର୍ଜନ ପାଇଁ ବ୍ରାହ୍ମଣୀ ନଦୀକୂଳ ଅଞ୍ଚଳରେ ଅସ୍ଥାୟୀ ପୋଖରୀ ତିଆରି କରାଯାଇଛି। ସେଠାରେ ମୂର୍ତ୍ତି ବିସର୍ଜନ କରାଯିବ ବୋଲି ଧଳ କହିଥିଲେ।

## ଆଶ୍ରମ ବିଦ୍ୟାଳୟରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ

**କୁତ୍ରା,୧୯।୯(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ କଟଙ୍ଗ ସ୍ଥିତ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ଦ୍ୱାରା ପରିଚାଳିତ ଆଶ୍ରମ ବିଦ୍ୟାଳୟ ପରିସରରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମହିଳା ଓ ଶିଶୁ ବିଭାଗ ଅଧିକାରୀ ଜୟଶ୍ରୀ ପଟ୍ଟନାୟକ ଯୋଗଦେଇ ସରକାର ଯୋଗାଇ ଦେଉଥିବା ସୁବିଧା ସୁଯୋଗ ବିଷୟରେ ଅଭିଭାବକ ତଥା ଛାତ୍ରୀଛାତ୍ରଙ୍କୁ ବୁଝାଇବା ସହିତ ଭଲ ଭାବେ ପାଠ ପଢି ନିଜର ଏବଂ ପରିବାରର ଉନ୍ନତି କରିବା ପାଇଁ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଏଫଓ ସସ୍ମିତା ମାଝି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମିନାକୁମାରି ଜେନା,ବ୍ଲକ ମଙ୍ଗଳ ଅଧିକାରୀ ବିନିରାନୀ ସୋରଙ୍ଗ, ସାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାରସେଲ ଗୁଡ଼ିଆ ପ୍ରମୁଖ ଯୋଗଦେଇ ପାଠ ପଢି ଦେଶର ପ୍ରଗତି ଦିଗରେ ନିଜକୁ ସାମିଲ କରିବା ପାଇଁ ଆହ୍ୱାନ କରିଥିଲେ। ପ୍ରଧାନ ଶିକ୍ଷକ ଧରଣୀଧର ଅଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

## ଆଇଟିସିରେ ବିଶ୍ୱକର୍ମା ପୂଜା

**ବଡ଼ଗାଁ,୧୯।୯(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ସ୍ଥିତ ଶିଳ୍ପ ତାଲିମ୍ କେନ୍ଦ୍ରରେ ବିଶ୍ୱକର୍ମା ପୂଜା ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ୫୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସନ୍ଧ୍ୟାରେ ସ୍କାଉଟ ଗାଇଡର ଶପଥ ପାଠ ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସୋମବାର ସନ୍ଧ୍ୟାରେ ସ୍ୱତନ୍ତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବଡ଼ଗାଁ ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସାରଥୀ ପାଣ୍ଡେ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାଜକୁମାର ଶର୍ମା,



ବଡ଼ଗାଁ ଡିଗ୍ରୀ କଲେଜର ଅଧ୍ୟାପକ ହେମନ୍ତ ପଣ୍ଡା, ବଡ଼ଗାଁ ଯାତ୍ରା ସଂସଦର ସଭାପତି ସତ୍ୟନାରାୟଣ ନାୟକ, ଅବସରପ୍ରାପ୍ତ ଶିକ୍ଷକ ଚୂଳଚନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ମୁଖ୍ୟ ଅତିଥି ଅମିୟ କୁମାର ପ୍ରଧାନ କହିଥିଲେ, ପାଠ ପଢା ସହିତ ମନୋରଞ୍ଜନର ଆବଶ୍ୟକତା ରହିଛି। ଦେବ ଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଅବସରରେ ଯେଉଁ ସବୁ କାର୍ଯ୍ୟକ୍ରମ ହେଉଛି ତାହା କେବଳ ମନୋରଞ୍ଜନରେ ସୀମିତ ହୋଇ ରହିନାହିଁ। ଏହା ଛାତ୍ରୀଛାତ୍ରଙ୍କୁ ତାଙ୍କ କଳା ପ୍ରଦର୍ଶନ ପାଇଁ ଏକ ମଞ୍ଚ ଦେଇଛି ଓ ଏହାଦ୍ୱାରା ସେମାନଙ୍କ ପ୍ରତିଭାକୁ ବିକଶିତ କରିବାରେ ସହାୟକ ହେବା ସହିତ ସେବା ମୂଳକ କାର୍ଯ୍ୟ ପାଇଁ ପ୍ରେରଣା ମିଳିବ। ଏହି କାର୍ଯ୍ୟକ୍ରମରେ ଶିଳ୍ପ ତାଲିମ୍ କେନ୍ଦ୍ରର ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକ ସଭାପତିତ୍ୱ କରିଥିବା ବେଳେ ସୌରଭ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଶିଳ୍ପ ତାଲିମ୍ କେନ୍ଦ୍ରର ନିର୍ଦ୍ଦେଶକ ଡ. ଅରୁଣ କୁମାର ନାୟକ ଓ ପ୍ରିନ୍ସିପାଲ ସାଗରିକ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦନ ହୋଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୦ ସେପ୍ଟେମ୍ବର, ୨୦୨୩

**୨୨ରୁ ସମୂହ ଛୁଟିରେ ରହିବେ ସମବାୟ ବ୍ୟାଙ୍କ କର୍ମଚାରୀ**

ପଡିଆବାହାଲ,(ରାଧାମୋହନ ଷଡ଼ଙ୍ଗୀ): ନିଖିଳ ଓଡ଼ିଶା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ମହାସଂଘ ଆହ୍ୱାନକ୍ରମେ ୪ଦଫା ଦାବି ପୂରଣ ପାଇଁ ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘ ସଦସ୍ୟମାନେ ଆସନ୍ତା ୨୨ ତାରିଖରୁ ସମୂହ ଛୁଟିରେ ରହିବେ। ଦାବି ପୂରଣ ନ ହେଲେ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ବ୍ୟାଙ୍କିଙ୍ଗ କାର୍ଯ୍ୟ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଥିବା ସଂଘ ସଭାପତି ଅବିନାଶ ପତି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି। ୨୦୧୬ ଜାନୁୟାରୀରୁ ବକେୟା ସପ୍ତମ ବେତନ କମିଶନ ଦରମା ପ୍ରଦାନ, ୨୦୧୬ ସେପ୍ଟେମ୍ବର ୧ତାରିଖ ପରେ ନିଯୁକ୍ତ କର୍ମଚାରୀଙ୍କ ପାଇଁ ପେନ୍‌ସନ କର୍ପସ ପାଣ୍ଠି ଗଠନ ଆଦି ଦାବି କରାଯାଇଛି ।



## ସଂକ୍ଷେପରେ

### ବିରାଟ ମେଧାବୃତ୍ତି ପରୀକ୍ଷା ପାଇଁ ପଞ୍ଜୀକରଣ

ସମ୍ବଲପୁର,୧୯।୯(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ସହଯୋଗ ନଗରସ୍ଥିତ ବିରାଟ ଶିକ୍ଷାନୁଷ୍ଠାନ ପକ୍ଷରୁ ମେଧାବୃତ୍ତି ପରୀକ୍ଷା ପାଇଁ ସୋମବାରଠାରୁ ପଞ୍ଜିକରଣ ଆରମ୍ଭ ହୋଇଛି। ଏ ନେଇ ବିରାଟ ଅଧ୍ୟକ୍ଷ ରାହୁଲ ରାଜ ସୂଚନା ଦେଇଛନ୍ତି। ମେଧାବୃତ୍ତି ପରୀକ୍ଷା ୫ଗୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ନଭେମ୍ବର ମାସର ୫, ୧୯ ଓ ୨୬ ସହ ଡିସେମ୍ବର ମାସର ୩ ଓ ୧୦ ତାରିଖରେ ପରୀକ୍ଷା ହେବ। ଛାତ୍ରୀଛାତ୍ର ଅନ୍‌ଲାଇନ ଓ ଅଫ୍‌ଲାଇନରେ ଆବେଦନ କରି ପଞ୍ଜିକରଣ କରିପାରିବେ। ବିରାଟ ମୁଖ୍ୟ କାର୍ଯ୍ୟାଳୟରେ ପୂର୍ବାହ୍ନ ୧୦ଟା ୩୦ରୁ ୧୧ଟା ୩୦ ମିନିଟ ମଧ୍ୟରେ ପରୀକ୍ଷା ସମୟ ଧାର୍ଯ୍ୟ କରାଯାଇଛି। ଛାତ୍ରୀଛାତ୍ର ଅନ୍‌ଲାଇନ ଓ ଅଫ୍‌ଲାଇନରେ ପରୀକ୍ଷା ଦେଇପାରିବେ ବୋଲି କୁହାଯାଇଛି।

### ଯୁବକ ଗିରଫ, ୬ କୁଇଣ୍ଟାଲ ବିଦ୍ୟୁତ୍ ତାର ଜବତ

ରେଢ଼ାଖୋଲ,୧୯।୯(ଅଚ୍ୟୁତାନନ୍ଦ ପୁରୋହିତ)

ବିଦ୍ୟୁତ୍ ତାର ଚୋରି ଅଭିଯୋଗରେ ରେଢାଖୋଲ ପୋଲିସ ଜଣେ ଯୁବକଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ କଦଳିଗଡ ପଞ୍ଚାୟତ ଘୁଙ୍ଗିନାଳି ଗ୍ରାମର ରଞ୍ଜିତ ଦେହୁରି (୩୦)। ତାଙ୍କ ନିକଟରୁ ୬ କୁଇଣ୍ଟାଲ ଚୋରି ବିଦ୍ୟୁତ୍ ତାର ଜବତ ହୋଇଛି। ସୂଚନାମତେ ଗତ ଜୁନ ୮ରେ କଦଳିଗଡଠାରେ ଥିବା ପାନୀୟଜଳ ଯୋଗାଣ ପ୍ରକଳ୍ପ ବିଶୋଧାନଗାରକୁ କାଙ୍କଣପଡା ଗ୍ରୀଡ୍ ସବ୍‌ଷ୍ଟେଶନରୁ ବିଦ୍ୟୁତ୍ ସଂଯୋଗ ପାଇଁ ଟଣାଯାଇଥିବା ପ୍ରାୟ ୨.୫ କିମି ବିଦ୍ୟୁତ୍ ତାର ଚୋରି ହୋଇଥିଲା। ଏ ନେଇ ପ୍ରକଳ୍ପ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ରାୟ ଜୁନ ୧୦ରେ ରେଢାଖୋଲ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ.୧୩୮ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

### ଶ୍ରୀଅରବିନ୍ଦ ସ୍କୁଲରେ ଶ୍ରୀଗଣେଶ ଶୀର୍ଷକ ଆଲୋଚନାଚକ୍ର

ଜମନକିରା,୧୯।୯(ରବୀନ୍ଦ୍ର ଦାନି)

କୁଚିଣ୍ଡା ନିକଟ କିଣ୍ଡିରା ଶ୍ରୀମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନୂତନ ସଭାଗୃହରେ ଗଣେଶ ଚତୁର୍ଥୀ ଅବସରରେ ଭିନ୍ନ ଢ଼ଙ୍ଗରେ ବିନା ବ୍ରାହ୍ମଣଙ୍କ ସହାୟତାରେ ଗଣେଶ ପୂଜା ସହ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସ୍କୁଲ ଅଧ୍ୟକ୍ଷା ସୁପ୍ରଭା ଚୌଧୁରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ନାୟକ ଓ ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଚନ୍ଦନ ସିଂ ନାୟକ ଆଲୋଚକ ଭାବରେ ଯୋଗ ଦେଇ ଶ୍ରୀମାଙ୍କ ଦୃଷ୍ଟିରେ ଶ୍ରୀଗଣେଶ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଛାତ୍ରୀଛାତ୍ର, ଅଭିଭାବକ ଓ ପରିଚାଳନା କମିଟି ସଭ୍ୟାସଭ୍ୟ ଅଂଶଗ୍ରହଣ କରିଥିଲେ।

### କୁଷ୍ଠ କଲୋନୀରେ ରାଶନ ସାମଗ୍ରୀ ପ୍ରଦାନ

ସମ୍ବଲପୁର,୧୯।୯(ବି.ଶଙ୍କର)

ନୂଆଁଖାଇ ପାଇଁ ମା' ସମଲେଇ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଦୁର୍ଗାପାଲିର କୁଷ୍ଠ କଲୋନୀରେ ମଙ୍ଗଳବାର ରାଶନ ସାମଗ୍ରୀ, ଶାଢ଼ି, ଲୁଙ୍ଗି, ଗାମୁଛା ପ୍ରଦାନ କରାଯାଇଛି। ଗତ ୪ବର୍ଷ ହେଲା ଟ୍ରଷ୍ଟ ନୂଆଁଖାଇ ପାଇଁ ଅନ୍ତେବାସୀଙ୍କୁ ନୂତନ ସାମଗ୍ରୀ ପ୍ରଦାନ କରିଆସୁଛି। କାର୍ଯ୍ୟକ୍ରମରେ ନିଶିକାନ୍ତ ବିଶ୍ୱାଳ, ଆଶିଷ ସାହୁ, ଆଲୋକ ମହାକୁର, ସୁବର୍ଣ୍ଣା ନାୟକ, ରାଜେନ୍ଦ୍ର ସତନାମୀ, ଦୀପିକା ପ୍ରଧାନ, ପ୍ରଦ୍ୟୁତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଭୋଜନ ପରିବାର ପକ୍ଷରୁ ସହାୟତା

ସମ୍ବଲପୁର,୧୯।୯(ବି.ଶଙ୍କର)

ପଶ୍ଚିମ ଓଡିଶାର ଗଣପର୍ବ ନୂଆଖାଇ ଉପଲକ୍ଷେ ଭୋଜନ ପରିବାର ପକ୍ଷରୁ ୧ଶହ ଅସହାୟ ପରିବାରଙ୍କୁ ସାମଗ୍ରୀ ବଣ୍ଟନ କରାଯାଇଛି। ଡାଲି, ଚାଉଳ, ତେଲ, ଲୁଣ, ହଳଦୀ, ଚିନି, ଜିରା, ସୋରିଷ, ସୁଜି, ବେସନ, ଅଟା, ଆଳୁ ପ୍ରଭୃତି ଦିଆଯାଇଛି। ବୁର୍ଲା, ହୀରାକୁଦ ଓ ସମ୍ବଲପୁରର କେତେକ ସ୍ଥାନରେ ସାମଗ୍ରୀ ଦିଆଯାଇଛି ବୋଲି ଭୋଜନର ମୁଖ୍ୟ ରାମଦାସ ପଣ୍ଡା ସୂଚନା ଦେଇଛନ୍ତି। ଏଥିରେ ମଳୟ ଦାସ, ବିପିନ ପଣ୍ଡା, ରାଜେଶ ସେଠ, ଲକ୍ଷ୍ମୀ ପ୍ରଧାନ ମନୋଜ ସାହୁ ସହଯୋଗ କରିଥିଲେ ।


ଗୋଲବଜାରରେ ସ୍ୱତନ୍ତ୍ର ନୂଆଁଖାଇ ହାଟ।


ସମଲେଇ ମନ୍ଦିର ମୁଖ୍ୟ ଫାଟକଠାରେ ପୂଜକମାନଙ୍କୁ ନୂଆଧାନ ଦିଆଯାଉଛି।


ଗୋଲବଜାର ଛକଠାରେ ନୂଆ ଧାନ ଓ ଚାଉଳ ବିକ୍ରି ହେଉଛି।

# ଆଜି ଗଣପର୍ବ ନୂଆଁଖାଇ

ସମ୍ବଲପୁର,୧୯।୯(ଶୁଭାଶିଷ ପାଢ଼ୀ)

ରାତି ପାହିଲେ ନୂଆଁଖାଇ। ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଏହି ଗଣପର୍ବ ପାଇଁ ପୁରପଲ୍ଲୀ ଉତ୍ସବମୁଖର ହୋଇଉଠିଛି। ମନ୍ଦିର, ଦେବାଳୟ, ଦେବୀପୀଠରେ ପ୍ରସ୍ତୁତି ଶେଷ ହୋଇଛି। ବାହାରେ ଥିବା ପରିବାର ସଦସ୍ୟ ଘରକୁ ଫେରି ଏକାଠି ହୋଇଛନ୍ତି। ବଜାରରୁ ନୂଆଁବସ୍ତ୍ର, ସାମଗ୍ରୀ ସହିତ ନୂଆଁ ଖାଇବା ପାଇଁ ଆବଶ୍ୟକ ସମସ୍ତ ଜିନିଷ ସଂଗ୍ରହ ହୋଇସାରିଛି। ପରମ୍ପରା ଅନୁସାରେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ସମ୍ବଲପୁର ଇଷ୍ଟଦେବୀ ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ପରେ ଅନ୍ୟ ସମସ୍ତେ ନୂଆଁ ଖାଇବେ। ଚଳତିବର୍ଷ ପୂର୍ବାହ୍ନ ୧୦ଟା ୨୭ମିନିଟରୁ ୧୦ଟା ୪୨ ମିନିଟ ମଧ୍ୟରେ ନବାନ୍ନ ଲାଗି ଲଗ୍ନ ଧାର୍ଯ୍ୟ ହୋଇଛି।



ପଶ୍ଚିମଓଡ଼ିଶା ଅନ୍ତର୍ଗତ ନୂଆପଡ଼ା ଜିଲା ଟାନୱାଟ କଣା ଭଇଁରା ଓ ସମଲେଇ, ବରଗଡ ଓ ଝାରସୁଗୁଡା ଜିଲାର ସମଲେଇ, ସୁନ୍ଦରଗଡ ଜିଲାର ଶିଖରବାସିନୀ ଓ ସମଲେଇ, ବଲାଙ୍ଗୀରର ଇଷ୍ଟଦେବୀ ପାଟଣେଶ୍ୱରୀ, ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀ ଓ ବୌଦ୍ଧ ଜିଲାର ଭୈରବୀଙ୍କ ପୀଠରେ ନୂଆଁଖାଇ ସକାଶେ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ସମ୍ବଲପୁରର ସମଲେଇ ପୀଠରେ ଶନିବାର ସିନ୍ଦୂର ନୀତି ସମ୍ପନ୍ନ ହୋଇଛି। ପରମ୍ପରା ଅନୁସାରେ ୧୧୫ ଦେବଦେବୀ ଓ ମା' ସମଲେଇଙ୍କଠାରେ ସିନ୍ଦୂର ନୀତି କରାଯାଇଛି। ପାରଦ ମିଶ୍ରିତ ଜଡାତେଲ ଓ ସିନ୍ଦୂରକୁ ମିଶ୍ରଣ କରି ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟ ସିନ୍ଦୂର ପ୍ରସ୍ତୁତ କରିଥିଲେ। ପ୍ରଥମେ ଶୀତଳାଦେବୀଙ୍କୁ ସିନ୍ଦୂର ଅର୍ପଣ କରାଯାଇଥିଲା। ଅନ୍ୟପକ୍ଷେ ଇଷ୍ଟଦେବୀ ସମଲେଇଙ୍କ ପ୍ରିୟ ସାରୁଶାଗ ଲାଗି ଗୋଧୂଳି ଲଗ୍ନରେ ମୁଖ୍ୟ ପୂଜକଙ୍କ ଘରେ ସାରୁପତ୍ର ପହଞ୍ଚିଛି।

ନୂଆଁଖାଇ ଭେଟ୍‌ଘାଟ ଲାଗି ସମ୍ବଲପୁର ଝାଡୁଆପଡ଼ା ବଡଦୁଆରସ୍ଥିତ ଆରଣ୍ୟକ ମଞ୍ଚ, ନନ୍ଦପଡ଼ା ବାଲୁଙ୍କେଶ୍ୱର କଲ୍ୟାଣ ମଣ୍ଡପସ୍ଥିତ ଚିତ୍ରୋତ୍ପଳା ମଞ୍ଚ, ବଡ଼ବଜାର ସମଲେଶ୍ୱରୀ ମଣ୍ଡପକୁ ସଜ୍ଜିତ କରାଯାଇଛି। ସୁସଜ୍ଜିତ ମଞ୍ଚରେ କଳାକାରମାନେ ଅଭ୍ୟାସ ଶେଷ କରିଛନ୍ତି। ସକାଳୁ ରାତି ପର୍ଯ୍ୟନ୍ତ ସମ୍ବଲପୁର ମୁଖ୍ୟବଜାର ଗୋଲବଜାର, ମୁଦିପଡା ଛକ ନିକଟସ୍ଥ ପୁରୁଣା ବସ୍‌ଷ୍ଟାଣ୍ଡ, କମଳିବଜାର, ଫାର୍ମ ରୋଡ, ଭିଏସ୍ଏସ୍ ମାର୍ଗ, ଚାରଭାଟି ଛକ, ବୁଢ଼ାରଜା, ମ୍ୟୁନିସିପାଲିଟି ଦୈନିକ ବଜାର, ଅଇଁଠାପାଲି କାଇଁଶିର, ଭାଲୁପାଲି ଛକ, ଧନୁପାଲି ଛକ, ଗୋବିନ୍ଦତୋଳା ବଡବଜାର, ମୁଦିପଡା ହଟଲି, ଲକ୍ଷ୍ମୀ ଟକିଜ୍ ଛକ, କଚେରି ଛକ, ରେମେଡ ପ୍ରଭୃତି ଅଞ୍ଚଳରେ ନୂଆଁଖାଇ ବଜାର ଗହଳି ହୋଇଥିଲା। ମହିଳାପୁରୁଷ, ବାଳିକାବାଳକ ନୂଆଁବସ୍ତ୍ର କିଣିବାକୁ ଦୋକାନରେ ଭିଡ ଲଗାଇଥିବା ଦେଖିବାକୁ ମିଳିଥିଲା।

## ନୂଆଧାନ ଖୋଜିବାକୁ ପଡୁଛି

ସମ୍ବଲପୁର,୧୯।୯ (ଶୁଭାଶିଷ ପାଢ଼ୀ)

ଓଡ଼ିଶାରେ ପ୍ରକୃତି ପୂଜାର ପରମ୍ପରା ଭାବେ ନୂଆଁଖାଇ ଗୁରୁତ୍ୱ ବହନ କରିଆସୁଛି। ନୂଆ ଧାନର ଚାଉଳରୁ ପ୍ରସ୍ତୁତ ଅନ୍ନ ଓ ଅନ୍ୟାନ୍ୟ ଖାଦ୍ୟଦ୍ରବ୍ୟକୁ ସହର, ଗ୍ରାମ ଓ ଘରଗୁଡିକରେ ଇଷ୍ଟ ଦେବଦେବୀଙ୍କଠାରେ ଅର୍ପଣ କରାଯାଏ। ଏହାକୁ ନବାନ୍ନ (ନୂଆଁ ଅନ୍ନ) କୁହାଯାଏ । ଶ୍ରାବଣ ମାସର ଶେଷ ବେଳକୁ ଖରିଫ ଧାନ ଚାଷ କାର୍ଯ୍ୟ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଯାଇଥାଏ। କିନ୍ତୁ ଚଳିତବର୍ଷ ଭାଦ୍ରବ ମାସର ପ୍ରଥମାର୍ଦ୍ଧ ଅତିକ୍ରାନ୍ତ ହେବାକୁ ବସିଥିଲେ ମଧ୍ୟ ପହ୍ଲାରୁଆ ଭଳି ଚାଷର ପ୍ରାଥମିକ କାର୍ଯ୍ୟ ବିଭିନ୍ନ ଅଞ୍ଚଳରେ ଜାରି ରହିଛି। ଅକ୍ଷୟ ତୃତୀୟା ଓ ଶୀତଳଷଷ୍ଠୀ ସମୟରେ କରାଯାଇଥିବା ଧାନ ଚାଷର ପ୍ରଥମ ଶସ୍ୟ ନବାନ୍ନ ବେଳକୁ ଅମଳକ୍ଷମ ହୋଇଥାଏ। ଏହାକୁ ଖରୁଡ଼ି ଚାଷ କହନ୍ତି। ଏଥିପାଇଁ ଚାଷୀମାନେ ସୁରୁଆଁ କିସମର ଧାନ ବିହନ ଉପଯୋଗ କରିଥାନ୍ତି। ଚାଷୀମାନେ ନବାନ୍ନ ସକାଶେ ଏହି ଧାନ ଚାଷ କଲା ପରେ ଖରିଫ ଚାଷକାର୍ଯ୍ୟ ଆରମ୍ଭ କରିଥାନ୍ତି। ଦୈନିକ ଓ ସାପ୍ତାହିକ ହାଟରେ ନୂଆଁଖାଇ ଲାଗି ଆବଶ୍ୟକ ସାମଗ୍ରୀ ବିକ୍ରି ହେଉଥିଲେ ମଧ୍ୟ ସୁରୁଆ ଧାନ ସେଭଳି ଦୃଷ୍ଟିଗୋଚର ହେଉନାହିଁ। ଯେଉଁଠି ଏହି ଧାନ ବିକ୍ରି ହେଉଛି ସେଠାରେ ଦାମ୍ ପୂର୍ବାପେକ୍ଷା ଅଧିକ ରହିଛି। ନୂଆଁଖାଇ ଦିନ ପ୍ରତ୍ୟୁଷରୁ ଗାଁଗୁଡିକରେ ନିର୍ଦ୍ଦିଷ୍ଟ ପରିବାର ନୂଆ ଧାନ ଗ୍ରାମବାସୀଙ୍କୁ ପ୍ରଦାନ କରିଥାନ୍ତି। ଏ ବର୍ଷ ଏମାନଙ୍କୁ ନୂଆ ଧାନ ଖୋଜିବାକୁ ପଡୁଛି। ସେହିଭଳି ନୂଆଁଖାଇ ବିଧି ପାଇଁ ଆବଶ୍ୟକ ପନିପରିବାର ମଧ୍ୟ ଚାହିଦା ବୃଦ୍ଧି ପାଇଛି। ଏହି ଗଣପର୍ବ ପାଇଁ ଉତ୍ସାହ ବଢ଼ି ଚାଲିଥିଲେ ମଧ୍ୟ ବର୍ଷା ଉପରେ ନିର୍ଭରଶୀଳ ଚାଷୀମାନେ ବିଳମ୍ବିତ ମୌସୁମୀ ପାଇଁ ଚିନ୍ତାରେ ଥିଲେ। ହେଲେ ଦ୍ୱିତୀୟାର୍ଦ୍ଧରେ ଭଲ ବର୍ଷା ହେବାରୁ ଭଲ ଫସଲ ହେବା ନେଇ ଚାଷୀମାନଙ୍କ ମଧ୍ୟରେ ଆଶା ସଞ୍ଚାର ହୋଇଛି। ଡେରିରେ ହେଲେ ମଧ୍ୟ ଏଥର ଚାଷୀମାନେ କମ୍ ଅବଧିରେ ହେଉଥିବା ଧାନ ଚାଷ କରିଛନ୍ତି।

## ଅଗ୍ରପୂଜ୍ୟଙ୍କ ପୂଜୋତ୍ସବ


ପୂଜା ପାଉଥିବା ଶ୍ରୀଗଣେଶ।

ନାକଟିଦେଉଳ,୧୯।୯(ବୈକୁଣ୍ଠ ନାଥ ସାହୁ)

ନାକଟିଦେଉଳ ବ୍ଲକର ବିଭିନ୍ନ ଗ୍ରାମ ଓ ଶିକ୍ଷାନୁଷ୍ଠାନରେ ମଙ୍ଗଳବାର ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ପୂଜୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସରାପାଲି ପଞ୍ଚାୟତ କତରାପାଲିର ସ୍ୱାମୀ ବିବେକାନନ୍ଦ ୟୁଥ୍ କ୍ଲବ ପକ୍ଷରୁ ଆୟୋଜିତ ଉତ୍ସବ ଅବସରରେ କଳସ ଶୋଭାଯାତ୍ରା ପରେ ପୂଜା ଓ ହୋମକାର୍ଯ୍ୟ କରାଯାଇଥିଲା। ସେହିପରି ନାକଟିଦେଉଳ ବସ୍‌ଷ୍ଟାଣ୍ଡ, ପେଣ୍ଡବାହାଲ ନୂଆଁସାହି, ଜଗନ୍ନାଥ ପ୍ରସାଦ, ସାହେବୀ, ହିଞ୍ଜିମୁରା, ବେତଝରଣ, ରଞ୍ଜା, ପଥୁରିଆ, ସାଲେଭଟା, କାଦବାହାଲ ଆଦି ଗ୍ରାମରେ ଯୁବକମାନଙ୍କ ସହାୟତାରେ ଏହି ପୂଜା ଅନୁଷ୍ଠିତ ହୋଇଯାଇଛି। ବିଭନ୍ନ ସ୍ଥାନରେ ପୂଜା କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି।

## ରାମଲୀଳା ପାଇଁ ରାବଣ ବରଣ କାର୍ଯ୍ୟକ୍ରମ

କୁଚିଣ୍ଡା/ପଡିଆବାହାଲ,୧୯।୯ (ବିରଞ୍ଚି ଦର୍କା/ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲାର ପଡିଆବାହାଲ ଦୁର୍ଗାପୂଜା ଅବସରରେ ହେଉଥିବା ରାମଲୀଳା ପାଇଁ ମଙ୍ଗଳବାର ରାବଣ ବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ କୁଚିଣ୍ଡା ବ୍ଲକ କୁସୁମୀ ପଞ୍ଚାୟତ ଅଁଳାପୋଷି ଗ୍ରାମର କଳାକାର ବିଭୂତି କଲ୍ୟାଣ ପଟେଲ ରାବଣ ଭୂମିକାରେ ଅଭିନୟ କରୁଛନ୍ତି। ଏଥିପାଇଁ ପଡିଆବାହାଲ ଦୁର୍ଗାପୂଜା କମିଟି ପକ୍ଷରୁ ଆନୁଷ୍ଠାନିକ ଭାବେ ରାବଣ ମହାରାଜଙ୍କ ବାସଭବନକୁ ଯଥାରୀତି ବରଣ କରାଯାଇ ପଡିଆବାହାଲକୁ ପାଛୋଟି ନିଆଯାଇଥିଲା। ଏଥିପାଇଁ ଅଁଳାପୋଷି ଗ୍ରାମଦେବୀଙ୍କୁ ପୂଜାର୍ଚ୍ଚନା ପରେ ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିରେ ଦୁର୍ଗପୂଜା କମିଟି ଉପସଭାପତି ଆଶୁତୋଷ ପଣ୍ଡା, ଅଶୋକ କୁମାର ପୁରୋହିତ, ଡା. ରାଜାରାମ ଷଡଙ୍ଗୀ ଓ ହରେକୃଷ୍ଣ ମହାପାତ୍ରଙ୍କ ସମେତ ଅଁଳାପୋଷି ଓ କୁସୁମୀ କଳାକାର ସଂଘ ପକ୍ଷରୁ ସୁରି ମହାକୁଳ, ଚନ୍ଦ୍ରଭାନୁ ନାଏକ, ଶ୍ରୀକାନ୍ତ ପଟେଲ, ସୁଜ୍ଞାନୀ ପଟେଲ, ଭାରତୀ ପଟେଲ, ବୈଷ୍ଣବୀ ପଟେଲ, ଲିଲିମା ପଟେଲ, ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ପଡିଆବାହାଲ ଦୁର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଥିବାରୁ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରାଯାଉଥିବା କମିଟି ସଭାପତି ସୁବୋଧ କୁମାର ବେହେରା ସୂଚନା ଦେଇଛନ୍ତି ।

## ତ୍ରି ଦିବସୀୟ ଫୁଟ୍‌ବଲ: ପାଲଲହଡା ଚାମ୍ପିୟନ

ଦେବଗଡ଼,୧୯।୯(ଶଶାଙ୍କ ଶେଖର ଝାଙ୍କର)

ରିଆମାଳ ବ୍ଲକ ଲୁଲଙ୍ଗ ପଞ୍ଚାୟତ କୀର୍ତନପାଲି ଗ୍ରାମରେ ଗତ ରବିବାରଠାରୁ ଆରମ୍ଭ ହୋଇଥିବା ତ୍ରି ଦିବସୀୟ ଫୁଟ୍‌ବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଜିଲାର ବନାକାଲୋ ଫଟ୍‌ବଲ ଦଳକୁ ୩-୦ ଗୋଲରେ ପରାସ୍ତ କରି ଅନୁଗୁଳ ଜିଲାର ପାଲଲହଡା ବିବିସି ଫୁଟ୍‌ବଲ ଦଳ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚକୁ ରେଫରୀ ଭାବେ ବିଭୂତି ଭୁଷଣ ପ୍ରଧାନ, ସୁନା ସାମାଡ ଓ ଜୟପାଲ ଉଗ୍ରଶୁଣ୍ଡି ପରିଚଳନା କରିଥିଲେ। ଆୟୋଜକ କ୍ଲବର ସଭାପତି ମହେନ୍ଦ୍ର ଉଗ୍ରଶୁଣ୍ଡିଙ୍କ ସଭାପତିତ୍ୱରେ


ଚାମ୍ପିୟନ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଉଭୟ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଆୟୋଜକ ଅନୁଷ୍ଠାନର ସମ୍ପାଦକ ଦାଶରଥୀ ବିରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍ଟ ଗ୍ୟାଲେରିରେ ନୂଆଁଖାଇ ଚିତ୍ରକଳା ପ୍ରଦର୍ଶନୀ

ସମ୍ବଲପୁର,୧୯।୯(ବି.ଶଙ୍କର)

ନୂଆଁଖାଇ ଉପଲକ୍ଷେ ଓଡ଼ିଶା ଲଳିତ କଳା ଏକାଡ଼େମୀ, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲା ପ୍ରଶାସନର ସହଯୋଗରେ ଚିତ୍ରକଳା ପ୍ରଦର୍ଶନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବଡବଜାର ଗୌରୀଶଙ୍କର ସାହାଣୀ ପାର୍କସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରିଠାରେ କାର୍ଯ୍ୟକ୍ରମ ହୋଇଥିଲା। ବରିଷ୍ଠ ଚିତ୍ରଶିଳ୍ପୀ ଦୁର୍ଗାଚରଣ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏକାଡ଼େମୀ ସଚିବ ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ସୂର୍ଯ୍ୟକାନ୍ତ ବରାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଳ୍ପୀମାନେ ମୁଖ୍ୟତଃ ବିଲରେ ଧାନଫସଲକୁ ପୂଜା କରୁଥିବା ଦୃଶ୍ୟ, ଘରେ ଶସ୍ୟକୁ ପୂଜା କରିବା ସହ ନୂଆ ଧାନ ଭୋଗ ଲଗାଇବାର ଦୃଶ୍ୟ, ପିଠାପଣା, କାନ୍ଥରେ ଝୋଟି ସହ ପୂଜାର୍ଚ୍ଚନା ବିଷୟବସ୍ତୁ ଆଧାରିତ ଚିତ୍ର ଅଙ୍କନ କରିଛନ୍ତି। ଶିଳ୍ପୀମାନଙ୍କୁ ଅଙ୍ଗବସ୍ତ୍ର, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦର୍ଶନୀ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ପ୍ରତ୍ୟେହ ସକାଳ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶକଙ୍କ ପାଇଁ ଖୋଲା ରହିବ ବୋଲି ଓଡ଼ିଶା ଲଳିତ କଳା ଏକାଡ଼େମୀ ସଚିବ ସୂଚିତ କରିଛନ୍ତି।

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ ଦାବି


ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ଦେବଗଡ଼,୧୯।୯(ଶଶାଙ୍କ ଶେଖର ଝାଙ୍କର)

**ଟିପିଡବ୍ଲ୍ୟୁଓଡିଏଲ କାର୍ଯ୍ୟାଳୟର ଦ୍ୱାରସ୍ଥ ହେଲେ ଗ୍ରାମବାସୀ**

ତିଲେଇବଣି ବ୍ଲକ କଲଣ୍ଡା ପଞ୍ଚାୟତ ନୂଆଗାଁ ଗ୍ରାମରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ଦୀର୍ଘଦିନ ହେଲା ଅଚଳ ହୋଇପଡିଛି। ଆଲୁଅ ନ ଥିବାରୁ ଗ୍ରାମବାସୀ ଅନ୍ଧାରରେ ରହୁଛନ୍ତି। ଏନେଇ ଗ୍ରାମବାସୀ ବିଭାଗ ଲାଇନ ମ୍ୟାନଙ୍କ ଠାରୁ ଆରମ୍ଭ କରି କନିଷ୍ଠ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ଜିଲା କଂଗ୍ରେସ କମିଟି ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ଉକ୍ତ ଗ୍ରାମର ବହୁ ଗ୍ରାମବାସୀ ଟିପିଡବ୍ଲ୍ୟୁଓଡିଏଲ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସି ଗ୍ରାମରେ ଏକ ନୂତନ ଟ୍ରାନ୍ସଫର୍ମର ସ୍ଥାପନ କରିବାକୁ ଦାବି ଜଣାଇଥିଲେ। ଏଥିସହ ନିର୍ବାହୀ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଏହି ମର୍ମରେ ଏକ ଦାବିପତ୍ର ଏସଡିଓ(ସହକାରୀ ଯନ୍ତ୍ରୀ)ଙ୍କୁ ପ୍ରଦାନ କରିଥିଲେ।

## ଦେବଗଡ଼ର ପ୍ରସିଦ୍ଧ ଗଣେଶପୂଜା ଶୁଭାରମ୍ଭ

ଦେବଗଡ଼, ୧୯।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲାର ଗଣପର୍ବ ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଗଣେଶ ମେଳା ମହୋତ୍ସବ ମଙ୍ଗଳବାର ଉତ୍ସାହ ଓ ଉଦ୍ଦୀପନାର ସହ ଶୁଭାରମ୍ଭ ହୋଇଛି। ଆଗାମୀ ସେପ୍ଟେମ୍ବର ୨୯ତାରିଖ ପର୍ଯ୍ୟନ୍ତ ଚାଲିବ ପୂଜା। ଦେବଗଡ଼ ଗଣେଶ ପୂଜା ଚଳିତବର୍ଷ ୭୫ ବର୍ଷରେ ପଦାର୍ପଣ କରି ପ୍ଲାଟିନମ ଜୁବୁଲୀ ପାଳନ କରୁଥିବା ବେଳେ ଏବେ ବି ନିଜର ସ୍ୱତନ୍ତ୍ର୍ୟତା, ସଂସ୍କୃତି ଓ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବା ସହ ଜିଲାରେ ଏହା ଗଣପର୍ବ ଭାବେ ପାଳିତ ହୋଇଆସୁଛି। ପାରମ୍ପରିକ ରୀତିନୀତି, ବେଦପାଠ ଉଚ୍ଚାରଣ ଓ ଶଙ୍ଖ ଧ୍ୱନୀ ମଧ୍ୟରେ ଅଗ୍ରପୂଜ୍ୟଙ୍କର ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଆୟୋଜକ ଶ୍ରୀଶ୍ରୀ ଗଣେଶ ମେଳା କମିଟିର ସଭାପତି ସମ୍ଭୁନାଥ ଗୋଏଲ ଓ ସହଧର୍ମୀଣୀ ଉମା ଗୋଏଲ କର୍ତ୍ତା ଦାୟୀତ୍ୱ ତୁଲାଇଥିବା ବେଳେ


ଦେବଗଡ଼ ଗଣେଶ ମେଳା ଶୁଭାରମ୍ଭ ଅବସରରେ ଅତିଥିମାନେ।

ପଣ୍ଡିତ ମନୋରଞ୍ଜନ ଶତପଥି ପୁରୋହିତ ଭାବେ ପୂଜା ଓ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ । ଫକୀର ମୋହନ ଆଚାର୍ଯ୍ୟ ପୂଜା କାର୍ଯ୍ୟରେ ସହାୟତା କରିଥିଲେ। ପୂଜାକାର୍ଯ୍ୟରେ କମିଟିର ଉପସଭାପତି ସୁଶୀଳ କୁମାର ଭୋଇ, ସମ୍ପାଦକ ଶୁକଦେବ ଭଞ୍ଜ, ଶଶାଙ୍କ ଶେଖର ନାଗ, ଦୀପକ କୁମାର ଝାଙ୍କର, ପତିତପାବନ ସାହୁ, ହରେକୃଷ୍ଣ ସାହୁ, ପ୍ରକାଶ ଅଗ୍ରୱାଲା, ପ୍ରଶାନ୍ତ କୁମାର ଭୁକ୍ତା ଓ ସୋନୁ ଗୋଏଲଙ୍କ ସମେତ କମିଟିର ବହୁ କର୍ମକର୍ତ୍ତା ଓ ସଦସ୍ୟ ସହଯୋଗ କରିଥିଲେ। ସହରର ସମସ୍ତ ମୁଖ୍ୟ ପ୍ରବେଶପଥ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକୁ ସୁଦୃଶ୍ୟ ତୋରଣ ଓ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ଅନୁକୂଳ ପାଣିପାଗ ଯୋଗୁଁ ପୂଜାର ପ୍ରଥମ ସଂଧ୍ୟାରେ ଉତ୍ସବ ସ୍ଥଳରେ ହଜାର ହଜାର ଶ୍ରଦ୍ଧାଳୁଙ୍କର ସମାଗମ ଦେଖିବାକୁ ମିଳିଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ନିମନ୍ତେ ମଙ୍ଗଳବାର ସନ୍ଧ୍ୟାରେ ଗୋପବନ୍ଧୁ ଛକଠାରେ ନିର୍ମିତ ସୁଦୃଶ୍ୟ ଅସ୍ଥାୟୀ ସାଂସ୍କୃତିକ ମଣ୍ଡପକୁ କମିଟିର ସଭାପତି ଗୋଏଲ ଓ ସମ୍ପାଦକ ଭଞ୍ଜଙ୍କ ଉପସ୍ଥିତିରେ ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଓ ଦେବଗଡ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ ଫିତାକାଟି ଉଦଘାଟନ କରିଥିଲେ। ଜନ୍ମେଜୟ ନାୟକଙ୍କ ସଂଯୋଜନାରେ ଉଦଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା।

## ରାତି ପାହିଲେ ନୂଆଁଖାଇ

# ପାରମ୍ପରିକ ନୃତ୍ୟ ଗୀତରେ ଦୁଲୁକିବ ପଶ୍ଚିମ ଓଡ଼ିଶା

ଭବାନୀପାଟଣା,୧୯।୯(ଉତ୍ତମ କୁମାର ଦାଶ)

ରାତି ପାହିଲେ ନୂଆଁଖାଇ। ପାରମ୍ପରିକ ବାଦ୍ୟ ସହ ନୃତ୍ୟ ଗୀତରେ ଦୁଲୁକିବ ପଶ୍ଚିମ ଓଡ଼ିଶା। ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବକୁ ନେଇ ଉତ୍ସବମୁଖର ପୁରପଲ୍ଲୀ। ଉତ୍ସବ ପାଳନ ନେଇ ପ୍ରସ୍ତୁତି ମଧ୍ୟ ଜୋରଦାର ରହିଛି। ନୂଆଁଖାଇଠାରୁ ଆରମ୍ଭ କରି ଭେଟଘାଟ ପର୍ଯ୍ୟନ୍ତ ବୀରବାଦ୍ୟ ଘୁମୁରାର ଘୁମ ଘୁମ ଶବ୍ଦରେ ଦୁଲୁକି ଉଠିବ ମଞ୍ଚ। ଭେଟଘାଟରେ ରସର୍କେଲି, ଡାଲଖାଇ, ମାଏଲାଜଡ଼, ଚୁଟୁକୁଚୁଟା ଓ ଢାପ ଗୀତର ତାଳେ ତାଳେ ମତୁଆଲା ହେବେ ପଶ୍ଚିମ ଓଡ଼ିଶାବାସୀ। ନୂଆଁଖାଇ ପୂର୍ବରୁ ଗଣ୍ଡାବାଜା ସାଙ୍ଗକୁ ପାରମ୍ପରିକ ବେଶଭୂଷାରେ ନୃତ୍ୟ ପ୍ରସ୍ତୁତି ଚଳାଇଛନ୍ତି କଳାକାର। ନୂଆଁଖାଇରେ ନୃତ୍ୟ ପରିବେଷଣ ନେଇ


କଳାହାଣ୍ଡି ଜିଲାର କଳାକାରମାନେ ଘୁମୁରା ପ୍ରଦର୍ଶନ କରୁଛନ୍ତି।

କଳାକାରମାନେ ବେଶ ଉତ୍ସାହିତ ଥିବା ଦେଖିବାକୁ ମିଳିଛି। କଳାହାଣ୍ଡିର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନରେ ନୂଆଁଖାଇ ପାଳନ ନେଇ ପ୍ରସ୍ତୁତି ଜୋରଦାର ଚାଲିଛି। ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ କଳାହାଣ୍ଡି ଜିଲାର ଅନେକ ଅଞ୍ଚଳରେ ନୂଆଁଖାଇ ପାଳନ ହୁଏ। ପୁଣି ଦଶମୀ ତିଥିରେ ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶରୀଙ୍କ ନିକଟରେ ନବାନ୍ନ ଲାଗି ହୋଇ ସମସ୍ତ ଗଡ଼ଜାତ ଅଞ୍ଚଳରେ ପାଳନ ହୋଇଥାଏ ଏହି ପର୍ବ। ପ୍ରତି ଘରେ ଘରେ ପରିବାର ସଦସ୍ୟ ଏକାଠି ବସି ନୂଆଁ ଖାଇଥାନ୍ତି । ଏହାପରେ ଆରମ୍ଭ ହୋଇଥାଏ ଜୁହାର ଭେଟର ପର୍ବ। ସାନମାନେ ମୁଣ୍ଡିଆମାରି ବଡ଼ମାନଙ୍କଠାରୁ ଆଶୀର୍ବାଦ ନେଇଥାନ୍ତି। ଏହାପରେ ଜମିଥାଏ ନାଚଗୀତର ଆସର। ଢୋଲ, ନିଶାନ ତାସା ସହ କଳାହାଣ୍ଡିର ବୀରବାଦ୍ୟ ଘୁମୁରାର ଘୁମ ଘୁମ ଶବ୍ଦରେ ଦୁଲୁକି ଉଠେ ଗାଁ ମାଟି। ବାଦ୍ୟର ତାଳେ ତାଳେ ପାଦରେ ପାଦ ମିଳାଇ ନାଚିଥାନ୍ତି ସ୍ଥାନୀୟ ବାସିନ୍ଦା।

# ଗୋଲାମୁଣ୍ଡାଠାରେ ମିଶନ ଶକ୍ତି ଗୃହ ଉଦ୍‌ଘାଟିତ

ଗୋଲାମୁଣ୍ଡା,୧୯।୯(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକଠାରେ ମିଶନ ଶକ୍ତି ଗୃହ ଉଦଘାଟିତ ହୋଇଯାଇଛି। ମିଶନ ଶକ୍ତି ଗୃହଠାରେ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡିଓ ଶ୍ରୀଧର ପଣ୍ଡା, ଗୋଲାମୁଣ୍ଡା ତହସିଲଦାର ଅଶୋକ ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟ ହେମାଙ୍ଗୀନ ରାଉତ, ସିଡିପିଓ ପ୍ରେମ ମଞ୍ଜୁରୀ ସାହୁ, ବିପିଏମ ସୁଧାଂଶୁ ବିଶ୍ୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ଅବଶରରେ ଶତାଧିକ ମିଶନ ଶକ୍ତି ମହିଳାମାନେ ଯୋଗଦାନ କରିଥିଲେ।











































See Career Appointment on every Wednesday & Saturday




Your classified advertisement published in Dharitri will be listed free in Dharitri online edition : www.dharitri.com









## ଭାରତ-କାନାଡା ...

ଖଣ୍ଡନ କରିଛି। ଟ୍ରୁଡୋ ପାର୍ଲାମେଣ୍ଟରେ ଉପରୋକ୍ତ ମନ୍ତବ୍ୟ ଦେବା ପରେ ଭାରତର ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍ (ର) ଅଫିସର ପବନ କୁମାର ରାୟଙ୍କୁ ବହିଷ୍କାର କରାଯାଇଥିବା ତାଙ୍କ ବହିର୍ବ୍ୟାପାର ମନ୍ତ୍ରୀ ମେଲାନି ଜେଲି ଘୋଷଣା କରିଥିଲେ। ଏହାର କିଛି ଘଣ୍ଟା ପରେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ନୂଆଦିଲ୍ଲୀରେ ଥିବା କାନାଡା ଉଚ୍ଚାୟୁକ୍ତ କାମେରନ ମାକେଙ୍କୁ ସମନ କରି ଜଣେ ବରିଷ୍ଠ କୂଟନୈତିକ ଅଧିକାରୀଙ୍କୁ ବହିଷ୍କାର କରାଗଲା ବୋଲି ଜଣାଇଦେଇଛି। ବହିଷ୍କୃତ ଅଫିସରଙ୍କ ନାଁ ମନ୍ତ୍ରଣାଳୟ ସ୍ପଷ୍ଟ କରି ନ ଥିବାବେଳେ ନୂଆଦିଲ୍ଲୀରେ ଥିବା କାନାଡା ଗୋଇନ୍ଦା ସଂସ୍ଥାର ଷ୍ଟେଶନ ମୁଖ୍ୟ ଓଲିଭିଏର ସିଲ୍‌ଭେଷ୍ଟ୍ରେରେଙ୍କୁ ବହିଷ୍କାର କରାଯାଇଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଭାରତର ଆଭ୍ୟନ୍ତରୀଣ ମାମଲାରେ କାନାଡା କୂଟନୀତିଜ୍ଞ ମୁଣ୍ଡ ପୂରାଇବା ସହ ଭାରତ ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ଥିବା ନେଇ ନୂଆଦିଲ୍ଲୀର ଚିନ୍ତା ବଢୁଥିବା ଏଥିରୁ ପ୍ରତିଫଳିତ ହୋଇଛି। ଫଳରେ ଦୁଇଦେଶର କୂଟନୈତିକ ସମ୍ପର୍କରେ ତିକ୍ତତା ଦେଖାଦେଇଛି। ଟ୍ରୁଡୋ ଏବଂ ଜେଲିଙ୍କ ମନ୍ତବ୍ୟ ଉପରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଏଭଳି ଭିତ୍ତିହୀନ ଅଭିଯୋଗ ଆଣି କାନାଡାରେ ଆଶ୍ରୟ ନେଇ ଭାରତର ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ସଂହତି ପ୍ରତି ବିପଦ ସୃଷ୍ଟି କରୁଥିବା ଖଲିସ୍ତାନୀ ଆତଙ୍କବାଦୀ ଏବଂ ଉଗ୍ରପନ୍ଥୀଙ୍କ ଉପରୁ ଧ୍ୟାନ ହଟାଇବାକୁ ସେମାନେ ଉଦ୍ୟମ କରୁଥିବା ନୂଆଦିଲ୍ଲୀ କହିଛି। ଏଠାରେ ଉଲ୍ଲେଖଯୋଗ୍ୟ, କାନାଡା ନାଗରିକ ନିଜାରଙ୍କୁ ଜୁନ୍ ୧୮ରେ ବ୍ରିଟିଶ କଲମ୍ବିଆସ୍ଥିତ ଏକ ଗୁରୁଦ୍ୱାରା ବାହାରେ ଦୁଇଜଣ ଅଜଣା ବ୍ୟକ୍ତି ଗୁଳିକରି ହତ୍ୟା କରିଥିଲେ। କାନାଡାରେ କୌଣସି ପ୍ରକାର ହିଂସାରେ ଭାରତ ସରକାରଙ୍କ ସମ୍ପୃକ୍ତି ଅଭିଯୋଗ ସମ୍ପୂର୍ଣ୍ଣ ହାସ୍ୟାସ୍ପଦ ଓ ଅନୁପ୍ରେରିତ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି।

ସୂଚନାଯୋଗ୍ୟ, ଜି୨୦ ସମ୍ମିଳନୀରେ ଯୋଗଦେବାକୁ ନୂଆଦିଲ୍ଲୀ ଆସିଥିବା କାନାଡ଼ା ପ୍ରଧାନମନ୍ତ୍ରୀ ଜଷ୍ଟିସ୍ ଟ୍ରୁଡୋଙ୍କ ସହ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେଠାରେ ବିଚ୍ଛିନ୍ନତାବାଦୀ କାର୍ଯ୍ୟ ବଢ଼ିବା ସହ ଭାରତୀୟ କୂଟନୈତିକ ମିଶନ ଉପରେ ଖଲିସ୍ତାନୀ ସମର୍ଥକମାନେ ଆକ୍ରମଣ କରୁଥିବା ପ୍ରସଙ୍ଗ ଉଠାଇ ଏହାର ନିନ୍ଦା କରିଥିଲେ। ଟ୍ରୁଡୋ ଫେରିବା ପରେ ଅକ୍ଟୋବରରେ ଦୁଇ ଦେଶ ମଧ୍ୟରେ ହେବାକୁ ଥିବା ବାଣିଜ୍ୟ ଆଲୋଚନାକୁ ସ୍ଥଗିତ ରଖିଥିଲେ। ଚଳିତ ବର୍ଷ ପ୍ରାରମ୍ଭିକ ବାଣିଜ୍ୟ ରାଜିନାମା ଚୂଡ଼ାନ୍ତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ପୂର୍ବରୁ ଦୁଇ ଦେଶ କହିଥିଲେ। ଦ୍ୱିପାକ୍ଷିକ ମୁକ୍ତ ବାଣିଜ୍ୟକୁ ନେଇ ହେବାକୁ ଥିବା ବୁଝାମଣାକୁ ରୋକିଦିଆଯାଇଥିବାରୁ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କ ଖରାପ ହେବାକୁ ଯାଉଛି।

ପ୍ରଥମ ପୃଷ୍ଠାରୁ...

## ପରିବାରର ସଞ୍ଚୟ ୫ ...

ଓ ଆର୍ଥିକ ସଞ୍ଚୟ ହ୍ରାସର ସଂଯୋଗ ସହିତ ଋଣ ବଢ଼ିଯାଉଥିବାରୁ ଅର୍ଥନୀତିରେ ଅସ୍ୱାଭାବିକତା ଦେଖାଦେଇଛି। ସମ୍ଭବତଃ ସେଥିଲାଗି ସ୍ୱାଧୀନତା ପରବର୍ତ୍ତୀ ସମୟରେ ପରିବାରର ଋଣ ପରିମାଣ ଦ୍ୱିତୀୟ ସର୍ବାଧିକ ହୋଇଛି। ଆର୍‌ବିଆଇ ତଥ୍ୟ କହୁଛି, ପରିବାରର ସଞ୍ଚୟ ଆର୍ଥିକ ବର୍ଷ ୨୦୨୨-୨୩ରେ ତା' ପୂର୍ବ ବର୍ଷ ତୁଳନାରେ କମ୍ ରହିଥିଲା। ଯଦି ଅର୍ଥନୀତିରେ ଅଭିବୃଦ୍ଧି ଓ ଲୋକଙ୍କ ଆୟ ବଢ଼େ, ତାହା ହେଲେ ପରିବାରର ସଞ୍ଚୟ ଊର୍ଦ୍ଧ୍ୱମୁଖୀ ହୋଇପାରିବ। ଚଳିତ ବର୍ଷରେ ଯଦି ସଞ୍ଚୟ ପରିମାଣ ନ ବଢ଼େ, ତେବେ ଉଭୟ ଖର୍ଚ୍ଚ ଓ ପୁଞ୍ଜିଲଗାଣକୁ ପ୍ରଭାବିତ କରିବ। ଆର୍ଥିକ ବର୍ଷ ୨୦୨୩-୨୪ର ପ୍ରଥମ ତ୍ରୈମାସିକର ଜିଡିପି ତଥ୍ୟ କହୁଛି, ବ୍ୟୟଠାରୁ ପୁଞ୍ଜିଲଗାଣ ସାମାନ୍ୟ ବଢ଼ିଥିବା ବେଳେ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ଚାହିଦା ଅଧିକ ଥିଲା। ଏଚ୍‌ଏସ୍‌ବିସିର ଭାରତୀୟ ଅର୍ଥନୀତିଜ୍ଞ ପ୍ରଞ୍ଜୁଲ ଭଣ୍ଡାରୀ କହିଛନ୍ତି, ଗ୍ରାମାଞ୍ଚଳରେ ଲୋକଙ୍କ ମଜୁରି ହ୍ରାସ ପାଇଥିବା ବେଳେ ଅସ୍ଥାୟୀ ସାମଗ୍ରୀ ସକାଶେ ହେଉଥିବା ଖର୍ଚ୍ଚ ମଧ୍ୟ କମିଯାଇଛି। ଅଶୋଧିତ ତୈଳର ମୂଲ୍ୟ ବଢ଼ି ବ୍ୟାରେଲ ପିଛା ୯୫ ଡଲାର ହୋଇଯାଇଥିବାରୁ ତାହା ଖାଉଟି ପଦାର୍ଥକୁ ପ୍ରଭାବିତ କରିଚାଲିଛି। ଏଥିସହିତ କୃଷିଜାତ ସାମଗ୍ରୀ ପରିମାଣ ହ୍ରାସ ଗ୍ରାମାଞ୍ଚଳ ଚାହିଦା ଉପରେ ପ୍ରଭାବ ପକାଇବ ବୋଲି ଉକ୍ତ ରିପୋର୍ଟରେ କୁହାଯାଇଛି।





















See Career Appointment on every **Wednesday & Saturday**













ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ସେପ୍ଟେମ୍ବର ୨୦/୨୦୨୩ Bhubaneswar, Wednesday, September 20/ 2023

# ଚୟନ ଟ୍ରାଏଲରୁ ଜିମ୍ନାଷ୍ଟ ରିତିକା ବଞ୍ଚିତ



ଖବରଦାତା ସମ୍ମିଳନୀରେ ରିତିକା ଦାସଙ୍କ ପରିବାରବର୍ଗ ଓ ଅନ୍ୟମାନେ।

- ଅଭିଯୋଗ ଆଣିଲେ ପରିବାରବର୍ଗ
- ଜାତୀୟ ସ୍ତରର ଖେଳାଳିଙ୍କୁ ଅଣଦେଖା

**ଭୁବନେଶ୍ୱର (ତପନ ସ୍ୱାଇଁ), କଟକ (ସୁପ୍ରିୟା ପ୍ରିୟଦର୍ଶିନୀ), ୧୯।୯**

କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ କରିବାରେ ଦେଶରେ ଏକ ନମ୍ବର ରାଜ୍ୟ ପାଲଟିଛି ଓଡ଼ିଶା। ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଉପଲବ୍ଧ ହେଉ କିମ୍ବା ବଡ଼ ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ ପାଇଁ ଦେଶ ବିଦେଶରୁ ପ୍ରଶଂସା ସାଉଁଟିଛି ଏହି ରାଜ୍ୟ। ମାତ୍ର ଏଠାରେ ଜଣେ ଜାତୀୟ ସ୍ତରର ଜିମ୍ନାଷ୍ଟ ପ୍ରତିଭାଙ୍କ ପ୍ରତି ଅଣଦେଖା କରାଯାଇଥିବା ନଜରକୁ ଆସିଛି। ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜାତୀୟ ସ୍ତରୀୟ ପ୍ରତିଯୋଗିତା ପାଇଁ ରାଜ୍ୟ ଚୟନ ଟ୍ରାଏଲ ପୁରୀରେ ୧୬ରୁ ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ମାତ୍ର ଦିଲ୍ଲୀ ପବ୍ଲିକ୍ ସ୍କୁଲ ଏକାଦଶ ଷ୍ଟାଣ୍ଡାର୍ଡର ଛାତ୍ରୀ ତଥା ରାଜ୍ୟର ଅନ୍ୟତମ ପ୍ରତିଭାସମ୍ପନ୍ନ ଜିମ୍ନାଷ୍ଟ ରିତିକା ଦାସଙ୍କୁ ଏଥିରେ ଅଂଶଗ୍ରହଣର ସୁଯୋଗ ଦିଆଯାଇନାହିଁ। ଫଳରେ ସେ ଆଗାମୀ ଜାତୀୟ ପ୍ରତିଯୋଗିତାରେ ଭାଗନେବାରୁ ବଞ୍ଚିତ ହୋଇଛନ୍ତି ବୋଲି ମଙ୍ଗଳବାର ଏଠାରେ ଏକ ଖବରଦାତା ସମ୍ମିଳନୀରେ ତାଙ୍କ ପରିବାର ପକ୍ଷରୁ ଅଭିଯୋଗ ଅଣାଯାଇଛି। ରିତିକାଙ୍କ ମା' ତଥା ଜାତୀୟ ସ୍ତରୀୟ ଜିମ୍ନାଷ୍ଟିକ୍ ଜଜ୍ ମୀରାରାଣୀ ଦାସଙ୍କ ଅଭିଯୋଗ ଅନୁସାରେ ଗତ ୩ବର୍ଷ ହେଲା ତାଙ୍କ ଝିଅ କଟକ ଜିଲା ତରଫରୁ ସ୍କୁଲ ଗେମ୍ ଅଫ୍ ଫେଡେରେଶନ ଦ୍ୱାରା ଆୟୋଜିତ ଜିମ୍ନାଷ୍ଟିକ ଖେଳରେ ଜାତୀୟ ସ୍ତରରେ ଭାଗ ନେଇ ଆସୁଛନ୍ତି। ମାତ୍ର ଚଳିତ ବର୍ଷ ତାଙ୍କୁ ରାଜ୍ୟସ୍ତରୀୟ ଟ୍ରାଏଲରୁ ବଞ୍ଚିତ କରାଯାଇଛି। ଯେଉଁଥିପାଇଁ ଜାତୀୟ ସ୍ତରର ମନୋନୟନ ପ୍ରକ୍ରିୟାରୁ ରିତିକା ବାଦ୍ ପଡ଼ିଛନ୍ତି। ରିତିକା ୨୦୨୧-୨୨ରେ ରାଜ୍ୟ ଜିମ୍ନାଷ୍ଟିକ୍ ଚାମ୍ପିୟନ। ଏବେ ସେ କଳିଙ୍ଗ ଷ୍ଟାଡିୟମରେ ଥିବା ହାଇପରଫର୍ମାନ୍ସ ସେଣ୍ଟରରେ ଅଭ୍ୟାସ ଜାରି ରଖିଛନ୍ତି। ସ୍କୁଲ ତରଫରୁ ସିବିଏସ୍‌ଇ ଗେମ୍‌ରେ ବି ଜାତୀୟ ସ୍ତରରେ ଭାଗ ନେଇ ୧୦ମ ସ୍ଥାନ ଅଧିକାର କରିଛନ୍ତି। ଓପନ ନ୍ୟାଶନାଲ ୬ ଥର ଖେଳି ସାରିଛନ୍ତି। ମାତ୍ର ଚଳିତ ବର୍ଷ ଖେଳରୁ ବଞ୍ଚିତ କରାଯିବା କାରଣରୁ ତାଙ୍କ ଖେଳ ଭବିଷ୍ୟତ ଅନ୍ଧକାର ହେବା ନେଇ ଆଶଙ୍କା ଦେଖାଦେଇଛି। ଏହା ଯୋଗୁ ସେ ଅବସାଦ ଦେଇ ଗତି କରୁଛନ୍ତି। ଗୋଟିଏ ପଟେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖେଳ ଓ ଖେଳାଳିଙ୍କୁ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶା ଏବେ କ୍ରୀଡା ହବ୍ ପାଲଟିଛି। ଏଠାରେ ଉପଲବ୍ଧ ସୁବିଧା ସୁଯୋଗର ପ୍ରଶଂସାରେ ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳି ଶତମୁଖ। ମାତ୍ର କିଛି ଅଧିକାରୀଙ୍କ ଉଦାସୀନତା ଯୋଗୁ ଏପଟେ ରାଜ୍ୟର ଜଣେ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ବଞ୍ଚିତ କରାଯିବାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ହାଇପରଫର୍ମାନ୍ସ ସେଣ୍ଟରରେ ଅଭ୍ୟାସ କରୁଥିବା ପ୍ରଣତି ନାୟକ ନିକଟରେ ୱାର୍ଲ୍ଡ ଚ୍ୟାଲେଞ୍ଜ କପ୍ ଜିମ୍ନାଷ୍ଟିକ୍ସ ମିଟ୍‌ରେ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ରାକେଶ ପାତ୍ର ଚତୁର୍ଥ ସ୍ଥାନରେ ରହିଥିଲେ। ସେହି ସମାନ ସେଣ୍ଟରରେ ଅଭ୍ୟାସ କରୁଥିବା ରିତିକାଙ୍କ ପ୍ରଦର୍ଶନ ଭଲ ରହିଥିଲେ ମଧ୍ୟ ତାଙ୍କୁ କଟକ ଜିଲା ତରଫରୁ ସ୍କୁଲ ଗେମ୍ ଅଫ୍ ଫେଡେରେଶନ ଦ୍ୱାରା ଆୟୋଜିତ ଜିମ୍ନାଷ୍ଟିକ୍ ପ୍ରତିଯୋଗିତାରୁ ବଞ୍ଚିତ କରାଯାଇଛି। ପରିବାର ଓ ସ୍କୁଲ ପକ୍ଷରୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ଏଥିପ୍ରତି କର୍ଣ୍ଣପାତ କରାଯାଇନାହିଁ। ସ୍କୁଲ ତରଫରୁ ମଧ୍ୟ ରିତିକାଙ୍କୁ ସୁଯୋଗ ଦେବାକୁ କଟକ ଡିଇଓ ଏବଂ ଆଇପିଇଙ୍କୁ ବାରମ୍ବାର ଅନୁରୋଧ କରାଯିବା ଏବଂ ସ୍କୁଲ ଓ ଗଣଶିକ୍ଷା ବିଭାଗର ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ କିଛି ଫଳ ହୋଇ ନ ଥିଲା। ରିତିକାଙ୍କୁ ଖେଳିବାରୁ ବଞ୍ଚିତ କରାଯିବା ପଛର କାରଣ କ'ଣ ପରିବାରବର୍ଗ ତା'ର ତଦନ୍ତ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରିତିକାଙ୍କ ବାପା ଯଶୋବନ୍ତ ଦାସ, ଦିଲ୍ଲୀ ପବ୍ଲିକ ସ୍କୁଲ ପିଇଟି ସମୀର ଜେନା, ଆଇନ ପରାମର୍ଶଦାତା ସୁବ୍ରତ ମହାପାତ୍ର ଓ ଜିମ୍ନାଷ୍ଟିକ କୋଚ୍ ମହାଦେବ ସା ଉପସ୍ଥିତ ଥିଲେ। ଏ ସମ୍ପର୍କରେ କଟକ ଡିଇଓ କୃଷ୍ଣ ଚନ୍ଦ୍ର ନାୟକ କହିଛନ୍ତି, ରାଜ୍ୟରେ ୩୨ଟି ଗେମ୍ ଥିଲେ ହେଁ କଟକ ଜିଲାରେ ୧୯ଟି ଗେମ୍ ଅଛି। ଏହା ମଧ୍ୟରେ ଜିମ୍ନାଷ୍ଟିକ୍ସ ନାହିଁ। ତେଣୁ ସ୍କୁଲ ସ୍ତରୀୟ ପ୍ରତିଯୋଗିତାରେ ପିଲାମାନେ ଭାଗ ନେବା ପରେ ଆମେ ୨ଟି ଖେଳ ରେସଲିଂ ଓ ବକ୍ସିଂ ପାଇଁ ପ୍ରତିଯୋଗୀ ପଠାଇଥିଲୁ।

# ୧୯୯୬: ଶ୍ରୀଲଙ୍କାକୁ ଟାଇଟଲ

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**ଆଉ ୧୫ ଦିନ**

ଦିନିକିଆ କ୍ରିକେଟ ପୁରୁଷ ବିଶ୍ୱକପ୍‌ର ପଞ୍ଚମ ସଂସ୍କରଣରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା ଆଉ ଏକ ଏସୀୟ ରାଷ୍ଟ୍ର। ୧୯୮୧ରେ ପ୍ରଥମ କରି ଟେଷ୍ଟ ଖେଳୁଥିବା ରାଷ୍ଟ୍ରର ମାନ୍ୟତା ପାଇଥିବା ଶ୍ରୀଲଙ୍କା ଅର୍ଜୁନ ରଣତୁଙ୍ଗାଙ୍କ ନେତୃତ୍ୱରେ ସଫଳତାର ଶିଡି ଚଢିବା ସହିତ ଚାମ୍ପିୟନ ହୋଇଥିଲା। ଗୋଟିଏ ପଟେ ଦେଶ ମଧ୍ୟରେ ଗୃହଯୁଦ୍ଧ ଜାରି ରହିଥିବା ବେଳେ ପ୍ରଥମ ଆଇସିସି ଟ୍ରଫି ଜିତି ଶ୍ରୀଲଙ୍କା ଇତିହାସ ରଚିଥିଲା। ଭାରତ, ପାକିସ୍ତାନ ଓ ଶ୍ରୀଲଙ୍କା ମିଳିତ ଭାବରେ ଏହି ଟୁର୍ନାମେଣ୍ଟ ଆୟୋଜନ କରିଥିବା ବେଳେ ପ୍ରଥମ ଥର ପାଇଁ ୧୨ ଦଳ ଅଂଶଗ୍ରହଣ କରିଥିଲେ। ରାଉଣ୍ଡ ରବିନ୍ ଓ ନକ୍‌ଆଉଟ ଫର୍ମାଟରେ ଖେଳା ଯାଇଥିବା ଏହି ଟୁର୍ନାମେଣ୍ଟରେ ସମୁଦାୟ ୩୭ ମ୍ୟାଚ୍ ଖେଳାଯାଇଥିଲା। ସଚିନ ତେନ୍ଦୁଲକର ୫୨୩ ରନ୍ ସହିତ ସର୍ବାଧିକ ରନ୍ ସଂଗ୍ରହକାରୀ ବ୍ୟାଟର ରହିଥିବା ବେଳେ ୧୫ ଉଇକେଟ ନେଇ ଅନିଲ କୁମ୍ବଲେ ହାଇଏଷ୍ଟ ଉଇକେଟ ଟେକର ବୋଲର ରହିଥିଲେ। ଲାହୋରର ଗଦାଫି ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲରେ ଅଷ୍ଟ୍ରେଲିଆକୁ ୭ ଉଇକେଟରେ ହରାଇଥିଲା ଶ୍ରୀଲଙ୍କା। ଅରବିନ୍ଦ ଡି ସିଲ୍‌ଭା ପ୍ଲେୟର ଅଫ୍ ଦ ମ୍ୟାଚ୍ ଓ ସନଥ ଜୟସୂରିୟା ପ୍ଲେୟର ଅଫ୍ ଦ ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ।

ଏହି ବିଶ୍ୱକପ୍ ସମୟରେ ଏଲ୍‌ଟିଟିଇ ଆତଙ୍କ କାରଣରୁ ଅଷ୍ଟ୍ରେଲିଆ ଓ ୱେଷ୍ଟଇଣ୍ଡିଜ ଶ୍ରୀଲଙ୍କା ଯିବାକୁ ମନା କରିଥିଲେ। ଫଳରେ ଉଭୟ ମ୍ୟାଚରେ ଶ୍ରୀଲଙ୍କାକୁ ୱାକଓଭର ମିଳିଥିଲା। ଗୋଟିଏ ବି ମ୍ୟାଚ୍ ଖେଳିବା ପୂର୍ବରୁ ରଣତୁଙ୍ଗାଙ୍କ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ପ୍ରଥମ ଥର ପାଇଁ ୯ ଟେଷ୍ଟ ଖେଳୁଥିବା ରାଷ୍ଟ୍ରଙ୍କ ସହିତ କେନିଆ, ନେଦରଲାଣ୍ଡ୍ସ ଓ ୟୁଏଇ ମଧ୍ୟ ବିଶ୍ୱକପ୍‌ରେ ସାମିଲ ହୋଇଥିଲେ। ଗ୍ରୁପ୍ ଏ'ରୁ ଶ୍ରୀଲଙ୍କା, ଅଷ୍ଟ୍ରେଲିଆ, ଭାରତ ଓ ୱେଷ୍ଟଇଣ୍ଡିଜ୍ କ୍ୱାର୍ଟରରେ ପ୍ରବେଶ କରିଥିବା ବେଳେ ଗ୍ରୁପ୍ ବି'ରୁ ଦକ୍ଷିଣ ଆଫ୍ରିକା, ପାକିସ୍ତାନ, ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଦ୍ୱିତୀୟ ଟାଇଟଲ ଲକ୍ଷ୍ୟରେ ରହିଥିବା ଅଷ୍ଟ୍ରେଲିଆକୁ ଶ୍ରୀଲଙ୍କା ୭ ଉଇକେଟରେ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୭ ଉଇକେଟ ହରାଇ ୨୪୧ ରନ୍ କରିଥିଲା। ଅରବିନ୍ଦ ଡି ସିଲ୍‌ଭା(୧୦୭* ରନ୍, ୩ ଉଇକେଟ ଓ ୨ କ୍ୟାଚ)ଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଶ୍ରୀଲଙ୍କା ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।




# ଚାଇନାଠାରୁ ଭାରତ ପରାସ୍ତ

**ହାଙ୍ଗଝୋ, ୧୯।୯**

**ଏସିଆନ ଗେମ୍ସ ଫୁଟବଲ**

ଚାଇନାର ହାଙ୍ଗଝୋଠାରେ ଏସିଆନ ଗେମ୍ସର ଉଦ୍‌ଘାଟନୀ ପୂର୍ବରୁ ମଙ୍ଗଳବାର ଆରମ୍ଭ ହୋଇଛି ପୁରୁଷ ଫୁଟବଲ ପ୍ରତିଯୋଗିତା। ଏଥିରେ ଭାରତର ଆରମ୍ଭ ଭଲ ହୋଇନାହିଁ। ପରାଜୟରୁ ଆରମ୍ଭ ହୋଇଛି ଭାରତର ଅଭିଯାନ। ନିଜର ପ୍ରଥମ ମ୍ୟାଚରେ ଚାଇନାଠାରୁ ଦଳ ୧-୫ ଗୋଲରେ ପରାଜିତ ହୋଇଛି। ମ୍ୟାଚର ୧୭ତମ ମିନିଟରେ ଚାଇନା ଅଗ୍ରଣୀ ହାସଲ କରିଥିଲା। କର୍ନରକୁ ଭାରତୀୟ ଡିଫେଣ୍ଡରମାନେ କ୍ଲିୟର କରିପାରି ନ ଥିଲେ। ସୁଯୋଗ ଅପେକ୍ଷାରେ ଥିବା ଗାଓ ତିଆନ୍‌ୟି ହେଡ୍ ଜରିଆରେ ଦଳ ପକ୍ଷରୁ ପ୍ରଥମ ଗୋଲଟି ସ୍କୋର କରିଥିଲେ। ୨୩ତମ ମିନିଟରେ ଭାରତୀୟ ଗୋଲକିପର ଗୁରମିତ ବକ୍ସ ଏରିଆ ଭିତରେ ବିପକ୍ଷ ଦଳର ତାନ୍ ଲଙ୍ଗ୍‌ଙ୍କୁ ତଳେ ପକାଇ ଦେଇଥିଲେ। ରେଫରି ୟେଲୋ କାର୍ଡ ଦେବାସହ ଚାଇନାକୁ ପେନାଲ୍ଟି ସୁଯୋଗ ପ୍ରଦାନ କରିଥିଲେ। ମାତ୍ର ଚାଇନା ଅଧିନାୟକ ଝୁ ଚେନ୍‌ଜି ମାରିଥିବା ଶଟ୍‌କୁ ଗୁରମିତ ଚମତ୍କାରଭାବେ ସେଭ୍ କରି ଦେଇଥିଲେ। ପ୍ରଥମାର୍ଦ୍ଧର ଇଞ୍ଜୁରି ଟାଇମ୍ ୪୫+୧ ମିନିଟରେ ଭାରତର ରାହୁଲ କେ.ପି. ଗୋଲଟିକୁ ପରିଶୋଧ କରି ଦେଇଥିଲେ। ୨୦୧୦ ନଭେମ୍ବର ୧୧ପରେ ଏସିଆନ ଗେମ୍ସରେ ଭାରତର ଏହା ପ୍ରଥମ ଗୋଲ ଥିଲା। ପ୍ରଥମାର୍ଦ୍ଧ ଶେଷ ବେଳକୁ ମ୍ୟାଚ ୧-୧ ସ୍ଥିତିରେ ପହଞ୍ଚିଥିଲା। ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଚାଇନା ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ୫୧ତମ ମିନିଟରେ ଦାଇ ୱେଇଜୁନ୍, ୭୨ ଓ ୭୫ତମ ମିନିଟରେ ତାଓ କ୍ୱାଙ୍ଗଲଙ୍ଗ୍ ୨ଟି ଏବଂ ୯୦+୨ ମିନିଟରେ ହାଓ ଫାଙ୍ଗ୍ ଗୋଟିଏ ଗୋଲ ଦେଇ ଦଳକୁ ବିଜୟୀ କରିଥିଲେ। ଅନ୍ୟଏକ ମ୍ୟାଚରେ ମ୍ୟାନମାର ୪-୨ରେ ବାଂଲାଦେଶକୁ ହରାଇଛି।







# ନିଶ୍ଚଲଙ୍କୁ ରୌପ୍ୟ ପଦକ

**ନୂଆଦିଲ୍ଲୀ, ୧୯।୯ (ପି.ଟି.):** ଯୁବ ଭାରତୀୟ ଶୁଟର ନିଶ୍ଚଲ ରିଓ ଡି' ଜେନିରୋଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ର ମହିଳା ୫୦ମିଟର ରାଇଫଲ ୩ ପୋଜିଶନ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି। ସୋମବାର ଥିଲା ଟୁର୍ନାମେଣ୍ଟର ଅନ୍ତିମ ଦିବସ। ଭାରତ ପାଇଁ ସେ ଦ୍ୱିତୀୟ ପଦକ ଆଣିଦେଇଥିଲେ। ଏହା ତାଙ୍କର ପ୍ରଥମ ସିନିୟର ବିଶ୍ୱକପ୍ ହୋଇଥିବାରୁ ଏହି ସଫଳତା ନେଇ ନିଶ୍ଚଲ ଖୁସି ଅଛନ୍ତି। ପ୍ରତିଯୋଗିତାର ଫାଇନାଲରେ ସେ ୪୫୮.୦ ସ୍କୋର ସହ ନରୱେର ଅଗ୍ରଣୀ ରାଇଫଲ ଶୁଟର ଜିନେଟ ହେଗ୍ ଡ୍ୟୁଷ୍ଟାଡଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଡ୍ୟୁଷ୍ଟାଡ ହେଉଛନ୍ତି ବର୍ତ୍ତମାନର ଏୟାର ରାଇଫଲ ୟୁରୋପିଆନ ଚାମ୍ପିୟନ ଏବଂ ୩୦୦ମିଟର ୩ପି ବିଶ୍ୱ ଚାମ୍ପିୟନ। ସେ ଆହୁରି ମଧ୍ୟ ୧୧ ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍ ପଦକ ହାସଲ କରିଛନ୍ତି। ତନ୍ମଧ୍ୟରେ ୫ ସ୍ୱର୍ଣ୍ଣ ସାମିଲ। ଟୋକିଓ ଅଲିମ୍ପିକ୍ସରେ ସେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ